READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524




ବର୍ଷ-୨ ସଂଖ୍ୟା-୨୧ ୦୪ ଜୁନ - ୧୦ ଜୁନ, ୨୦୧୮ ଭୁବନେଶ୍ୱର Monday Weekly VOL-2 ISSUE-21 04th JUNE - 10th JUNE, 2018 BHUBANESWAR ₹ 5/- (8 Pages)

## ଓଡ଼ିଶା ଭାରତର ମ୍ୟାନୁଫାକ୍ଚରିଂ ପେଣ୍ଠ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପ ବିକାଶ ପାଇଁ ପୁଞ୍ଜିନିବେଶ କାର୍ଯ୍ୟକାରୀ କରାଇବା କ୍ଷେତ୍ରରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇପାରିଛି। ପୁଞ୍ଜିନିବେଶକାରୀ ସଂସ୍ଥାର ପ୍ରକଳ୍ପକୁ ମଞ୍ଜୁରୀ ସହ ଅନ୍ୟାନ୍ୟ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇବାରେ ରାଜ୍ୟ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସଚିବାଳୟରେ ଭିଡିଓ କନ୍ଫରେନ୍ସିଂ ଜରିଆରେ ବିଭିନ୍ନ ଶିଳ୍ପ ସଂସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୮ ହଜାର ୯ଶହ ୫୩ ଲୋକଙ୍କୁ କର୍ମନିଯୁକ୍ତି ସୁଯୋଗ ମିଳିବ ବୋଲି ମଧ୍ୟ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ୭ଟି ମ୍ୟାନୁଫାକଚରିଂ ୟୁନିଟ୍ର ଉଦ୍ଘାଟନ ଓ ୧୨ଟି ୟୁନିଟ୍ର ଭୂମିପୂଜନ କରି କହିଛନ୍ତି ଯେ ପୂର୍ବ ଭାରତରେ ମ୍ୟାନୁଫାକ୍ଚରିଂ ପେଣ୍ଠ ହେବା ପଥରେ ଓଡ଼ିଶା ଏବେ ଆଗେଇଛି। ଆସୋଚାମ୍ ପକ୍ଷରୁ ଓଡ଼ିଶାକୁ ପୁଞ୍ଜିନିବେଶ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ଦେଶର ଏକ ନମ୍ବର ରାଜ୍ୟ ଭାବେ ର୍ୟାଙ୍କିଙ୍ଗ୍ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟ ଗ୍ରାଉଣ୍ଡବ୍ରେକିଂ ଉତ୍ସବ ପରେ ୨୬୭୫ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ବାସ୍ତବ ରୂପ ନେଇଛି। ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ୍ ୨୦୧୬ ପରେ ୨୦୧୭ ନଭେମ୍ବରରେ ୧୫ଟି ମାନୁଫାକ୍ଚରିଂ ୟୁନିଟ୍ର ପ୍ରଥମ ଗ୍ରାଉଣ୍ଡବ୍ରେକିଂ ଉତ୍ସବ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୧୧,୬୯୦ କୋଟି ଟଙ୍କା ମୂଲ୍ୟର ପୁଞ୍ଜିନିବେଶ ବାସ୍ତବ ରୂପ ନେଇଥିଲା ଏବଂ ୮,୧୮୭ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଖଣିଜ ଭିତ୍ତିକ ଶିଳ୍ପ ବାଦ୍ ବ୍ୟାପକ ଶିଳ୍ପ ବିକାଶ ➤ ପୃ-୬

### ହଜିଛି ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି

# ନମିଳିଲେ ତାଲା ଭଙ୍ଗାଯିବ

**ପୁରୀ :** ମିଳୁନାହିଁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି, ହଜି ଯାଇଛି। ଜିଲ୍ଲା କୋଷାଗାରରେ ଚାବି ରଖାଯାଇଥିବାର କୌଣସି ପ୍ରମାଣ ମିଳୁନାହିଁ। ଏନେଇ ଜିଲ୍ଲା ପ୍ରଶାସନ ନାଚାର, ହାତ ଟେକିଦେଇଛି। ଉପାୟ ନପାଇ ରତ୍ନଭଣ୍ଡାର ତାଲା ଭାଙ୍ଗିବାକୁ ଅନୁମତି ଲୋଡିଛି ଶ୍ରୀମନ୍ଦିର ପ୍ରଶାସନ। ଏଭଳି ଖବର ଗଜପତି ମହାରାଜାଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କୁ ଚକିତ କରିଛି। ଯାହା ଜଣାପଡିଛି ଚାବି ଖୋଜାଖୋଜି ପରେ ଯଦି ନମିଳେ ତେବେ ତାଲା ଭଙ୍ଗା ସୁନିଶ୍ଚିତ। ଉଲ୍ଲେଖଯୋଗ୍ୟ, ୧୯୭୮ ମେ' ୧୩ରୁ ଜୁଲାଇ ୨୩ ତାରିଖ ପର୍ଯ୍ୟନ୍ତ ଭିତର ଓ ବାହାର ରତ୍ନଭଣ୍ଡାର ଖୋଲାଯାଇ ମୂଲ୍ୟବାନ ଅଳଙ୍କାର ଗୁଡିକର ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାଲିକା ପୁସ୍ତକ ଆକାରରେ ମୁଦ୍ରଣ କରାଯାଇଥିଲା ବୋଲି



ଜଣାପଡିଛି। ସେହିଭଳି ୧୯୦୫ରେ ରାଜା ମୁକୁନ୍ଦ ଦେବ ଏବଂ ୧୯୨୬ରେ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ରତ୍ନଭଣ୍ଡାର ଖୋଲାଯାଇଥିଲା। ୧୯୨୬ରେ ରତ୍ନଭଣ୍ଡାର ଅଳଙ୍କାର ବାକ୍ସ ସାମୟିକ ଭାବେ ଜିଲ୍ଲା ରେକର୍ଡ ରୁମ୍କୁ ସ୍ଥାନାନ୍ତର କରାଯାଇଥିବାର ଜଣାଯାଏ। ୧୯୭୩ରେ ରତ୍ନଭଣ୍ଡାର ଖୋଲାଯାଇ ୪ଶହ ଭରି ସୁନା ବାହାର କରାଯାଇଥିବାର ସୂଚନା ମଧ୍ୟ ମିଳେ।

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ପରଖିବାକୁ ଗତ ଏପ୍ରିଲ ୪ ତାରିଖରେ ଏହାକୁ ଖୋଲାଯାଇଥିଲା। ହେଲେ ବାହାର ଭଣ୍ଡାର ଖୋଲାଯାଇଥିଲେ ମଧ୍ୟ ଚାବି ନଥିବାରୁ ଭିତର ଭଣ୍ଡାର ଖୋଲାଯାଇନଥିବା ଅଭିଯୋଗ ଉଠିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୭ ଜଣିଆ କମିଟି ରତ୍ନଭଣ୍ଡାର ➤ ପୃ-୬

### ମହାନଦୀ ଲଢ଼େଇ; ଟ୍ରିବ୍ୟୁନାଲ୍ର ପ୍ରଥମ ଶୁଣାଣି

# ୫ ରାଜ୍ୟକୁ ନୋଟିସ

**ଭୁବନେଶ୍ୱର :** ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ,୧୯୫୯ର ଧାରା ୪ ଅନୁସାରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଏହି ନୋଟିସ୍ରେ ସଂପୃକ୍ତ ରାଜ୍ୟ ସରକାରମାନେ ମହାନଦୀ ଜଳ ବିବାଦ ସମ୍ପର୍କିତ ନ୍ୟାୟିକ ନିର୍ଣ୍ଣୟ ସକାଶେ ଆସନ୍ତା ଅଗଷ୍ଟ ୬ ତାରିଖ ସୁଦ୍ଧା ନିଜ ନିଜର ପ୍ରତିନିଧି ମନୋନୀତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଆହୁରି କୁହାଯାଇଛି ଯେ, ଯଦି ଏହି ନିର୍ଦ୍ଧାରିତ ଅବଧି ମଧ୍ୟରେ ରାଜ୍ୟମାନେ କୌଣସି ପ୍ରତିନିଧି ମନୋନୀତ ନ କରନ୍ତି, ସଂପୃକ୍ତ ରାଜ୍ୟ ସରକାରମାନଙ୍କ ପ୍ରତିନିଧିଙ୍କ ଅନୁପସ୍ଥିତିରେ ଏହି ପ୍ରସଙ୍ଗ ଉପରେ ଟ୍ରିବ୍ୟୁନାଲ୍ ନିଷ୍ପତ୍ତି ନେବେ। ପୂର୍ବରୁ ଓଡ଼ିଶା ସରକାରଙ୍କ ଅନୁରୋଧ କ୍ରମେ ତଥା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ଆଇନ୍, ୧୯୫୬ର ଧାରା ୩ ଅନୁସାରେ କେନ୍ଦ୍ର ସରକାର ଗତ ମାର୍ଚ୍ଚ ୧୨ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଟ୍ରିବ୍ୟୁନାଲଙ୍କ ନୋଟିସ୍ ମିଳିବା ପରେ ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ଆଇନଗତ ତର୍ଜମା କରାଯିବା ପରେ ପ୍ରତିନିଧି ମନୋନିତ କରାଯିବ ବୋଲି ଜଳସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ରାଜ୍ୟ ସରକାର ସମସ୍ତ ତଥ୍ୟ ଯୋଗାଡ଼ କରିସାରିଛନ୍ତି ଏବଂ ଟ୍ରିବ୍ୟୁନାଲ ସମ୍ମୁଖରେ ଓଡ଼ିଶାର ଯୁକ୍ତି ଦୃଢ଼ ଭାବରେ ଉପସ୍ଥାପନ କରାଯିବ ବୋଲି କୁହାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଓଡ଼ିଶା ଓ ଛତିଶଗଡ଼ ➤ ପୃ-୬



## ଓଡ଼ିଶାର ସ୍ୱାର୍ଥ ସହ ବୁଝାମଣା ହେବାକୁ ଦିଆଯିବନି : ଧର୍ମେନ୍ଦ୍ର

## ହନୁ ମଲାବେଳେ ସତ କହିଲା : ପ୍ରତାପ

**ଭୁବନେଶ୍ୱର :** ଶେଷରେ ମହାନଦୀ ପ୍ରସଙ୍ଗରେ ମୁହଁ ଖୋଲିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଡ. ରମଣ ସିଂହଙ୍କ ବକ୍ତବ୍ୟ ନିନ୍ଦନୀୟ ବୋଲି କହିଛନ୍ତି ଶ୍ରୀ ପ୍ରଧାନ। ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି



ଯେ, ମହାନଦୀ ନେଇ ବିଜେପିର ମତ ବହୁତ ସ୍ୱଷ୍ଟ। ଓଡ଼ିଶାର ସ୍ୱାର୍ଥ ସହ ବୁଝାମଣା ହେବାକୁ କେବେ ବି ଦିଆଯିବ ନାହିଁ। ଏଥିସହ ସେ କହିଥିଲେ, ତତ୍କାଳୀନ ଜଳସମ୍ପଦ ମନ୍ତ୍ରୀ ଡ. ସଞ୍ଜୀବ ବଲିୟାନ୍ ସଂସଦରେ ଛତିଶଗଡ଼ ଭୁଲ କରିଛି ବୋଲି କହିଥିଲେ। ତାଙ୍କର ବକ୍ତବ୍ୟକୁ ବିଜେଡି ବିଭିନ୍ନ ସମୟରେ ଦୋହରାଇଥିଲା। ମହାନଦୀ ବିବାଦ ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ବିଜେପି ମୂଳରୁ ମତ ଦେଇ ଆସିଥିଲା । ପ୍ରଚଳିତ ନିୟମରେ ଟ୍ରିବ୍ୟୁନାଲ୍ ଗଠନ ହେଲେ ସମାଧାନ ପାଇଁ ଦୀର୍ଘ ସମୟ ନେଉଥିବାରୁ ଏକକ ଟ୍ରିବ୍ୟୁନାଲକୁ ମହାନଦୀ ମାମଲାକୁ ପଠାଇବା ପାଇଁ କେନ୍ଦ୍ର ସରକାର ଆଗ୍ରହୀ ଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଆଗ୍ରହ କାରଣରୁ ସୁପ୍ରିମକୋର୍ଟଙ୍କ ମତ ପରେ ଏବେ ଟ୍ରିବ୍ୟୁନାଲ୍ ଗଠନ ହୋଇସାରିଛି। ମାତ୍ର ଶାସକ ବିଜେଡି ଅଧା କଥା କହି ଅଧା କଥା ଲୁଚାଇବାକୁ ଚେଷ୍ଟା କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ କହିଛନ୍ତି, ୧୮ ବର୍ଷର ରାଜ୍ୟ ସରକାର ହୀରାକୁଦର ତଳ ମୁଣ୍ଡରେ ବାଲ୍ଟିଏ ପାଣି ସଂରକ୍ଷଣ କରିବାର ବ୍ୟବସ୍ଥା ➤ ପୃ-୬

## ପାଣି ଆମର : ରମଣ

**ଭୁବନେଶ୍ୱର :** ଓଡ଼ିଶାର ଜୀବନରେଖା ମହାନଦୀକୁ ନେଇ ରାଜ୍ୟ ସରକାର ତଥା ରାଜ୍ୟବାସୀ ଚିନ୍ତିତ ଥିବାବେଳେ ନିଆଁରେ ଘିଅ ଢାଳିବା ପରି ଦମ୍ଭ ଦେଖାଇଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ। ଛତିଶଗଡ଼ ସରକାରଙ୍କ ଅବିଚାରିତ ବନ୍ଧବାଡ ଓ ବ୍ୟାରେଜ ଯୋଗୁଁ ଓଡ଼ିଶାର ମହାନଦୀ ଆଜି ଶୁଖିଲା ପଡିଥିଲା ବେଳେ ଜନଜୀବନ ଏଥିପାଇଁ ଅସ୍ତବ୍ୟସ୍ତ ହେଉଛନ୍ତି। ରାଜ୍ୟ ସରକାର ମହାନଦୀକୁ ନେଇ ମହାସଂଗ୍ରାମ ଓ ଆଇନ ଅଦାଲତର ଆଶ୍ରୟ ନେଇଥିବା ବେଳେ ଛତିଶଗଡ଼ ସରକାର ଏଥିପ୍ରତି ତିଳେମାତ୍ର ଭ୍ରୁକ୍ଷେପ କରୁନାହାନ୍ତି। ବରଂ ମହାନଦୀର ପାଣିକୁ ଛତିଶଗଡ଼ ନେଲେ କେହି ଏହାକୁ ଅଟକାଇ ପାରିବେ ନାହିଁ ବୋଲି ଦମ୍ଭୋକ୍ତି ଦେଖାଇଛନ୍ତି ଛତିଶଗଡ଼ ମୁଖ୍ୟମନ୍ତ୍ରୀ। ନିକଟରେ ରାୟଗଡ଼ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଓଡ଼ିଶାକୁ ଏହି ନାଲିଆଖି ଦେଖାଇବା ସହ କହିଛନ୍ତି ଯେ ଯେତେବେଳେ ବି ନିର୍ବାଚନ ଆସେ ମହାନଦୀ କଥା ଓଡ଼ିଶା ଲୋକଙ୍କର ମନେପଡ଼େ। ବର୍ତ୍ତମାନ ପରିପ୍ରେକ୍ଷୀରେ ମହାନଦୀକୁ ନେଇ ରାଜ୍ୟ ରାଜନୀତି ସରଗରମ ଥିଲା ବେଳେ ରମଣଙ୍କ ଉକ୍ତି ଏହାକୁ ଉଷ୍ମ କରିଛି। ରମଣଙ୍କ ଏଭଳି ମନ୍ତବ୍ୟ ବିଜେପି ବିରୋଧୀଙ୍କୁ ପୁଣି ଏକ ରାଜନୀତିକ ଅସ୍ତ୍ର ଯୋଗାଇଦେଇଛି। ➤ ପୃ-୬

### ଇସ୍ପାତ ଓ ଆଲୁମିନିୟମ ଉପରେ ଶୁଳ୍କ ବଢ଼ାଇଲା ଆମେରିକା

# କାନାଡା ଓ ୟୁରୋପ କ୍ଷୁବ୍ଧ




**ୱାଶିଂଟନ :** ଇସ୍ପାତ ଓ ଆଲୁମିନିୟମ ଉପରେ ଟ୍ରମ୍ପ ପ୍ରଶାସନ ଶୁଳ୍କ ଲାଗୁ କରିବା ପରେ ଆମେରିକାର ବନ୍ଧୁ ରାଷ୍ଟ୍ରଗୁଡ଼ିକ ମଧ୍ୟ ଖଡ୍ଗହସ୍ତ ହୋଇ ଉଠିଛନ୍ତି। ସେମାନେ ଆମେରିକାକୁ ଜବାବ ଦେବା ପାଇଁ ଆମେରିକା ଉତ୍ପାଦଗୁଡ଼ିକ ଉପରେ ଜରିମାନା ଲାଗୁ କରିବାକୁ ଘୋଷଣା କରିଛନ୍ତି। କ୍ୟାନାଡା, ମେକ୍ସିକୋ ଓ ୟୁରୋପୀୟ ୟୁନିଅନ ଏପରି ଧମକ ଦେଇଛନ୍ତି। ଏହା ଫଳରେ ବିଶ୍ୱ ବଜାରରେ ଏକ ଅଭୂତପୂର୍ବ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଶୁକ୍ରବାରଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଆମଦାନିତ ଇସ୍ପାତ ଉପରେ ୨୫ ପ୍ରତିଶତ ଓ ଆଲୁମିନିୟମ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗୁ କରିଛନ୍ତି। ଗୁରୁବାର ଏହା ଘୋଷଣା କରିଥିଲେ ବାଣିଜ୍ୟ ସଚିବ ୱିଲବର ରସ୍। ଆଜି ଆମେରିକାର ବନ୍ଧୁ ଓ ପଡ଼ୋଶୀ ରାଷ୍ଟ୍ର କ୍ୟାନାଡା ଏହାକୁ ତୀବ୍ର ସମାଲୋଚନା କରିଛି। କ୍ୟାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ କହିଛନ୍ତି ଯେ ଆମେରିକାର ଏହି ଶୁଳ୍କ ପୂର୍ଣ୍ଣତଃ ଅଗ୍ରହଣୀୟ। ଆମେରିକା ବାହିନୀ ସହିତ ଏକାଠି ହୋଇ ଦଶନ୍ଧି ➤ ପୃ-୬

## 'ଆକାଂକ୍ଷା'ରେ ନବରଙ୍ଗପୁର ଓ ନୂଆପଡ଼ା ସାମିଲ

**ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ଦାବି ମୁତାବକ 'ଆକାଂକ୍ଷା' ଯୋଜନାରେ ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ସାମିଲ କରାଯାଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏବଂ କ୍ୟାବିନେଟ୍ ସଚିବ ପ୍ରଦୀପ କୁମାର ସିହ୍ନାଙ୍କ ମଧ୍ୟରେ ହୋଇଥିବା ଭିଡିଓ କନଫରେନ୍ସିଂ ଆଲୋଚନା ପରେ ଏହା କୁହାଯାଇଛି। ଦୁଇ ସଚିବଙ୍କ ମଧ୍ୟରେ 'ଆକାଂକ୍ଷା' ଯୋଜନା ଅନ୍ତର୍ଗତ ଜିଲ୍ଲାଗୁଡ଼ିକ ପାଇଁ ପରିବର୍ଦ୍ଧିତ ଗ୍ରାମ ସ୍ୱରାଜ ଅଭିଯାନ ନେଇ ଆଲୋଚନା ହୋଇଥିଲା। ଏହି ଜିଲ୍ଲାଗୁଡ଼ିକରେ ମୋବାଇଲ୍ ଏବଂ ବ୍ୟାଙ୍କିଙ୍ଗ୍ ସେବାଜନିତ ଅସୁବିଧା ନେଇ ମୁଖ୍ୟ ଶାସନ ସଚିବ ଶ୍ରୀ ପାଢ଼ୀ କ୍ୟାବିନେଟ୍ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଦୁଇଟି ସେବାର ଅଭାବ କାରଣରୁ ଏହି ଜିଲ୍ଲାମାନଙ୍କରେ ଡିଜିଟାଲ୍ ପେମେଣ୍ଟ ଏବଂ ଆର୍ଥିକ ଅନ୍ତର୍ଭୁକ୍ତି ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ସେ କହିଥିଲେ। ବର୍ତ୍ତମାନ ରାଜ୍ୟର ୧୦ଟି ଜିଲ୍ଲାକୁ 'ଆକାଂକ୍ଷା' ଯୋଜନାରେ ସାମିଲ କରାଯାଇଛି। ବଲାଙ୍ଗିର, ଢେଙ୍କାନାଳ, ଗଜପତି, କନ୍ଧମାଳ, କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନୂଆପଡ଼ା ଏବଂ ରାୟଗଡ଼ା ଜିଲ୍ଲାକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଜିଲ୍ଲାଗୁଡ଼ିକ ପାଇଁ ରାଜ୍ୟ ସରକାର ୧୦ ଜଣ ସଚିବସ୍ତରୀୟ ଅଫିସର ନିଯୁକ୍ତ କରିଛନ୍ତି। ଜିଲ୍ଲାଗୁଡ଼ିକ ପାଇଁ ଯଥାକ୍ରମେ ସ୍ୱାସ୍ଥ୍ୟ ସଚିବ ପ୍ରମୋଦ କୁମାର ମେହେର୍ଦ୍ଦା, ➤ ପୃ-୬

## ବକ୍ରବାଣୀ



ଦିଇଟା ଦଳରୁ ଅଫର ଆଇଛି
ମୁଲ ଚାଲ ଏବେ ସବୁଠି ଚାଲିଛି
ଦଳକୁ ଦଳ ଖାଲି ସିଏ ଡେଇଁଲେ
ଜନତା ଦଳରୁ ବିଜେଡି ଆଇଲେ
ସେଇଠୁ ନିଜର ଦଳୁଟେ ଗଢ଼ିଲେ
ପୁଣି ବମ୍ବେଇ ଲଡ୍ଡୁ କିଛି ଖାଇଲେ
ବସିଲେ ପଦୁଅଁ ପୋଖରୀ ହୁଡାରେ
ବରଷ କେଇଟା କାଟିଲେ ଭଡାରେ
ଏବେ ସେ ପୁତୁଲ୍ ଭାଇଙ୍କ ଡାକରେ
ଗାଇବେ ନାଚିବେ କାଲିଠୁ ହାତରେ।

— ଟୁଟୁ

### ଜଙ୍ଗଲରୁ ଅଖାବନ୍ଧା ଯୁବତୀ ଉଦ୍ଧାର ମାମଲା

# ଚର୍ଚ୍ଚାରେ ଘରୋଇ କ୍ଲିନିକ୍ !

**ଜଗତସିଂହପୁର, (ସୁଶାନ୍ତ ସାହୁ) :** ବେଆଇନ ଗର୍ଭପାତ ଭଳି ସମ୍ବେଦନଶୀଳ ଘଟଣା ଉପରେ ସରକାରଙ୍କ କଡା କଟକଣା ଥିଲେ ବି ଜଗତସିଂହପୁର ସହରର କିଛି ନିର୍ଦ୍ଦିଷ୍ଟ ଘରୋଇ କ୍ଲିନିକ୍ ଏହାକୁ ମାନୁନଥିବା ନେଇ ଢେର ଦିନ ହେବ ସ୍ଥାନୀୟ ଲୋକେ ଆଲୋଚନା କରୁଥିଲେ। କିନ୍ତୁ ଧଳତଙ୍ଗଡ ଜଙ୍ଗଲ ନିକଟବର୍ତ୍ତୀ କେନାଲ କୂଳରୁ ଜଣେ ଯୁବତୀଙ୍କ ଅଖାବନ୍ଧା ମୃତଦେହ ମିଳିବା ପରେ ଚର୍ଚ୍ଚା ଢେର ବଢ଼ିଯାଇଛି। ଏଠାରେ ଥିବା ଜିଲ୍ଲା ଚିକିତ୍ସାଳୟ ସାମ୍ନାରେ ଥିବା ଏକ କ୍ଲିନିକ୍ରେ ବାରମ୍ବାର ବେଆଇନ ଗର୍ଭପାତ କରାଯାଉଥିବା ଏକପ୍ରକାର ସ୍ପଷ୍ଟ ହୋଇଛି। ଏହି କ୍ଲିନିକ୍ ସରକାରୀ ନୀତି ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରିବା ସହିତ ବେପରୁଆ ଗର୍ଭପାତ କରାଉଥିବା ନେଇ ସବୁଠି ଅସନ୍ତୋଷ ଦେଖାଦେଇଛି। ଉଲ୍ଲେଖଯୋଗ୍ୟ, ଏହି କ୍ଲିନିକ୍କୁ ଗର୍ଭପାତ ପାଇଁ ଆସୁଥିବା ଯୁବତୀଙ୍କ ପରିବାର ଲୋକଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଇ କ୍ଲିନିକ୍ ମାଲିକ ଅବୈଧ ଗର୍ଭପାତ କରୁଛନ୍ତି। ନିକଟରେ ଗର୍ଭପାତ ସମୟରେ ଜନୈକା ଗର୍ଭବତୀ ଯୁବତୀଙ୍କ ମୃତ୍ୟୁ ଘଟିବାକୁ ନେଇ ଖୋଳତାଡ ଆରମ୍ଭ ହୋଇଛି।



ସୂଚନାଯୋଗ୍ୟ, ୨୦୧୮ ମସିହା ଫେବୃୟାରୀ ୧୩ ତାରିଖ ସକାଳୁ ସକାଳୁ ଖବର ମିଳିଲା ଧଳତଙ୍ଗଡ ଜଙ୍ଗଲ ନିକବର୍ତ୍ତୀ ଏକ କେନାଲ ବନ୍ଧ କଡରେ ଅଖାରେ ସିଲାଇଥିବା କୌଣସି ମନୁଷ୍ୟର ଶବ ଅଛି। ଘଟଣାଟି ବିଜୁଳି ବେଗରେ ଚାରିଆଡେ ପ୍ରଚାର ହୋଇଗଲା ଯେ ଗତବର୍ଷ ଅର୍ଥାତ୍ ୨୦୧୭ ମାର୍ଚ୍ଚ ମାସରେ ଏହି ଜଙ୍ଗଲ ମଧ୍ୟରୁ ମିଳିଥିଲା ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ କର୍ମକ୍ଷେତ୍ରରେ ଯୋଗ ଦେଇ ପ୍ରଶଂସତ ହେବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ସୁସମ୍ପର୍କ ରଖନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଆଶାନୁରୂପ ଫଳରୁ ବଞ୍ଚିତ ରହିବେ। କଳାକାରମାନେ ସମ୍ମାନିତ ହେବେ।

**ବୃଷ** ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ନୂତନ ଯାନ କ୍ରୟ କରିବାର ସୁଯୋଗ ହାତଛଡା କରିବେ। ବନ୍ଧୁଙ୍କଠାରୁ ଆଶା କରିଥିବା ସାହାଯ୍ୟ ମିଳିବ ନାହିଁ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ହେବେ।

**ମିଥୁନ** ସରକାରୀ ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ପରିବାର ମଧ୍ୟରେ ଲାଗିରହିଥିବା ବିବାଦର ସମାଧାନ ହେବ।

**କର୍କଟ** ନୂତନ କର୍ମରେ ଯୋଗ ଦେଇପାରନ୍ତି। ବିଦ୍ୟାର୍ଥୀମାନେ ବିଦେଶରେ ସଫଳତା ଅର୍ଜନ କରିବେ। ଗୃହରେ ବୟସ୍କ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଅସୁସ୍ଥ ରହିପାରେ। କଳାକାରମାନେ ସଫଳ ହେବେ। ନୂତନ ଯାନ କ୍ରୟ କରିପାରନ୍ତି।

**ସିଂହ** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ନୂତନ କର୍ମରେ ଯୋଗ ଦେବେ। ବିବାହ ଆଶାୟୀମାନେ ସଫଳତା ଅର୍ଜନ କରିବେ। ପୁରାତନ ବନ୍ଧୁଙ୍କ ଠାରୁ ଆର୍ଥିକ ସହାଯ୍ୟ ମିଳିପାରେ।

**କନ୍ୟା** ଧର୍ମାନୁଷ୍ଠାନରେ ସମୟ ବିନିଯୋଗ କରିବେ। ଛାତ୍ରଛାତ୍ରୀମାନେ ସଫଳତା ପାଇବେ। ଲାଗି ରହିଥିବା ଆର୍ଥିକ ସମସ୍ୟାରେ ସୁଧାର ଆସିବ। ବହୁଦିନରୁ ପଡିରହିଥିବା କାର୍ଯ୍ୟରେ ଉନ୍ନତି ଘଟିବ।

**ତୁଳା** କର୍ମକ୍ଷେତ୍ରରେ ପରିବର୍ତ୍ତନ ଘଟିପାରେ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। ଶାରୀରିକ ଅସୁସ୍ଥତା ଲାଗିପାରେ। ବ୍ୟକ୍ତିମାନେ ସଫଳତା ଅର୍ଜନ କରିବେ। ବ୍ୟବସାୟୀମାନେ ଆଶାନୁରୂକ ଲାଭ ପାଇବେ।

**ବିଛା** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ବଚସା ହୋଇପାରେ। ଛାତ୍ରଛାତ୍ରୀମାନେ ବିଦେଶ ଯାତ୍ରା କରିପାରନ୍ତି। ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। କଳାକାରମାନେ ବିଦେଶ ଯାତ୍ରା କରିବେ।

**ଧନୁ** କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସା ପାଇବେ। ଅର୍ଥନୈତିକ ଅବସ୍ଥା ସୁଧୁରିବ। ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ବୈବାହିକ ଜୀବନ ହସ ଖୁସିରେ କଟିବ। ବ୍ୟବସାୟରେ ଅଧିକ ଲାଭବାନ ହେବେ।

**ମକର** ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବଚସା ହୋଇପାରେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ଭଲ କାମ କରି ଉଚ୍ଚ ପ୍ରଶଂସିତ ହେବେ। ଆର୍ଥିକ ପରିସ୍ଥିତିରେ ସୁଧାର ଆସିବ। ବିଦ୍ୟାର୍ଥୀମାନେ ଅସଫଳ ହେବେ। ନୂତନ ଜମି କିମ୍ବା ଗୃହ କ୍ରୟ କରିପାରନ୍ତି। ନୂତନ ଯାନ କ୍ରୟ କରିବାର ସୁଯୋଗ ଆସିପାରେ।

**ମୀନ** ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ କରି ବିବାଦରେ ପଡିବେ। ନୂତନ ବନ୍ଧୁଙ୍କଠାରୁ ସାହାଯ୍ୟ ପାଇବେ। ବେକାରୀମାନେ ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ପ୍ରେସ କାଉନ୍ସିଲ ଅଫ୍ ଇଣ୍ଡିଆ ପୁନର୍ଗଠିତ

## ଜଷ୍ଟିସ୍ ପ୍ରସାଦ ଅଧ୍ୟକ୍ଷ, ଛାୟାକାନ୍ତ ସଦସ୍ୟ

**ନୂଆଦିଲ୍ଲୀ :** ପ୍ରେସ୍ କାଉନ୍ସିଲ ଅଫ ଇଣ୍ଡିଆ ପୁନର୍ଗଠିତ ହୋଇଛି। ଏ ସମ୍ପର୍କରେ ଗତ ଗୁରୁବାର ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବସରପ୍ରାପ୍ତ ସୁପ୍ରିମ କୋର୍ଟ ବିଚାରପତି ସି.କେ ପ୍ରସାଦ ଦ୍ୱିତୀୟ ଥର ପାଇଁ ଏହାର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ବୃହତ୍ ଖବରକାଗଜ ବର୍ଗରୁ ବିଜୟ କୁମାର ଚୋପ୍ରା ଓ ରାକେଶ ଶର୍ମା ନୂଆ ପରିଷଦର ସଦସ୍ୟତା ଲାଭ କରିଥିବାବେଳେ କ୍ଷୁଦ୍ର ଖବରକାଗଜ ବର୍ଗରୁ ଶ୍ୟାମ ସିଂହ ପନୱାର ଓ କେଶବ ଦତ୍ତ ଚାଣ୍ଡୋଲା ମନୋନୀତ ହୋଇଛନ୍ତି। ଖବରକାଗଜ ପରିଚାଳନା ମଣ୍ଡଳୀ ସଦସ୍ୟ ବର୍ଗରୁ ସମ୍ବାଦ ସରବରାହ ସଂସ୍ଥା ୟୁଏନ୍ଆଇର ସମ୍ପାଦକ ଅଶୋକ ଉପାଧ୍ୟାୟ ମନୋନୀତ ହୋଇଥିବାବେଳେ ମଧ୍ୟମ ଖବର କାଗଜ ବର୍ଗରୁ କେହି ସଦସ୍ୟତା ଲାଭ



ବିଚାରପତି ସି.କେ ପ୍ରସାଦ



ଛାୟାକାନ୍ତ ନାୟକ

କରି ନାହାନ୍ତି। ଏ ନେଇ ଅଦାଲତରେ ମାମଲା ବିଚାରାଧୀନ ଥିବାରୁ ଏହି ବର୍ଗରୁ କାହାରିକୁ ସଦସ୍ୟତା ମିଳି ନାହିଁ। ପ୍ରେସ୍ କାଉନ୍ସିଲ ଆଇନ ଅନୁସାରେ କାଉନ୍ସିଲର ଅଧ୍ୟକ୍ଷ ଓ ୨୮ଜଣ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ବରିଷ୍ଠ ସାମ୍ବାଦିକ ତଥା ଦିଲ୍ଲୀ ଓଡ଼ିଆ ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସଭାପତି ଛାୟାକାନ୍ତ ନାୟକ ଲଗାତାର ଭାବେ ଦ୍ୱିତୀୟ ଥର ପାଇଁ ପ୍ରେସ କାଉନସିଲ ଅଫ ଇଣ୍ଡିଆର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ସରକାରୀ ମାନ୍ୟତାପ୍ରାପ୍ତ ପତ୍ରକାରଙ୍କ ସଂଘ 'ପ୍ରେସ ଆସୋସିଏସନ୍ ଅଫ ଇଣ୍ଡିଆ'ର ସାଧାରଣ ସଂପାଦକ ଭାବେ ମଧ୍ୟ ଛାୟାକାନ୍ତ ନାୟକ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ସମ୍ବାଦ ସରବରାହ ସଂସ୍ଥା ପିଟିଆଇର ଦିଲ୍ଲୀ, ଭୁବନେଶ୍ୱର ଏବଂ ଉତ୍ତରପୂର୍ବ ରାଜ୍ୟ ପ୍ରତିନିଧି ଭାବେ କାର୍ଯ୍ୟକରି ପ୍ରତିଷ୍ଠା ଲାଭ କରିଛନ୍ତି। ସଂପ୍ରତି ସମ୍ବାଦ ସରବରାହ ସଂସ୍ଥା ଥମସନ ରଏଟରର ଦିଲ୍ଲୀ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ମେଘାଳୟ ସରକାର ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଅବୈତନିକ ସଦସ୍ୟ ଭାବେ ମଧ୍ୟ ନିଯୁକ୍ତି ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ ସମଗ୍ର ଦେଶରୁ ସମୁଦାୟ କୋଡ଼ିଏ ଜଣ ସାମ୍ବାଦିକଙ୍କୁ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ପ୍ରଭାତ ଦାସ ଏବଂ ଶରତ ବେହେରାଙ୍କ ନାମ ରହିଥିବାର ଜଣାପଡ଼ିଛି।

# ଇଂଲଣ୍ଡ-ଭାରତ ଏମ୍‌ଓୟୁକୁ ମୋଦିଙ୍କ ପ୍ରତ୍ୟାଖ୍ୟାନ

**ଲଣ୍ଡନ :** ଇଂଲଣ୍ଡରେ ବେଆଇନ ଭାବରେ ରହୁଥିବା ହଜାର ହଜାର ସଂଖ୍ୟକ ଭାରତୀୟଙ୍କୁ ସ୍ୱଦେଶ ଫେରାଇନେବାକୁ ଭାରତ ସରକାର ରାଜିଥିବା ସମ୍ପର୍କିତ ଏକ ବୁଝାମଣାପତ୍ର ବା ଏମ୍‌ଓୟୁ ଗତ ଗୁରୁବାର ଭାରତ ଓ ଇଂଲଣ୍ଡ ମଧ୍ୟରେ ସ୍ୱାକ୍ଷରିତ ହେବାର ଥିଲା। କିନ୍ତୁ ଇଂଲଣ୍ଡ ସରକାର ଭାରତୀୟଙ୍କୁ ଭିସା ଦେବା ନିୟମ କୋହଳ କରୁନଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶକ୍ରମେ ଭାରତ ଉପରୋକ୍ତ ଏମ୍‌ଓୟୁରେ ସ୍ୱାକ୍ଷର କରିନାହିଁ। ଲଣ୍ଡନରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ କହିଛନ୍ତି ଯେ ଗତ ଜାନୁଆରୀରେ ବେଆଇନ ଭାବେ ଇଂଲଣ୍ଡରେ ରହୁଥିବା ଭାରତୀୟଙ୍କୁ ଫେରାଇ ଆଣିବା ସମ୍ପର୍କିତ ଏମ୍‌ଓୟୁର ଚିଠା ପ୍ରସ୍ତୁତ କରାଯାଇଥିଲା। ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଇଂଲଣ୍ଡ ଗସ୍ତ ସମୟରେ ଉଭୟ ଦେଶ ମଧ୍ୟରେ ସେହି ଏମ୍‌ଓୟୁ ସ୍ୱାକ୍ଷରିତ ହେବାର ଥିଲା। କିନ୍ତୁ ଇଂଲଣ୍ଡ ସରକାର ଭାରତୀୟମାନଙ୍କ ପାଇଁ କୋହଳ ଭିସା ନୀତି ଆପଣାଇବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ରକ୍ଷା କରିନଥିବା କାରଣରୁ ପ୍ରଧାନମନ୍ତ୍ରୀ ମୋଦି ବେଆଇନ ଭାବେ ଇଂଲଣ୍ଡରେ ରହୁଥିବା ଭାରତୀୟଙ୍କୁ ଫେରାଇ ଆଣିବା ସମ୍ପର୍କିତ ଏମ୍‌ଓୟୁ ସ୍ୱାକ୍ଷରିତ ହେବା ଚାହିଁନଥିଲେ। ୨୦୧୭ ନଭେମ୍ବରରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ତେରେସା ମେ' ଭାରତ ଆସିଥିଲେ। ସେତେବେଳେ ସେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହିଥିଲେ ଯେ ଇଂଲଣ୍ଡରେ ବେଆଇନ ଭାବେ ରହୁଥିବା ଭାରତୀୟମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ତ୍ୱରାନ୍ୱିତ ହେଲେ ଇଂଲଣ୍ଡ ସରକାର ତାଙ୍କ ଭିସା ନୀତି କୋହଳ କରିବେ, ଯଦ୍ୱାରା ଭାରତୀୟମାନେ ଇଂଲଣ୍ଡର ଭିସା ପାଇବା ଅପେକ୍ଷାକୃତ ସହଜ ହେବ। କିନ୍ତୁ ଭାରତୀୟମାନେ ଇଂଲଣ୍ଡର ଭିସା ସହଜରେ ପାଇପାରିବା ଭଳି କୌଣସି ବ୍ୟବସ୍ଥା ଏଯାଏ ଇଂଲଣ୍ଡ ସରକାର କରିନାହାନ୍ତି। ତେଣୁ ଇଂଲଣ୍ଡରେ ବେଆଇନ ଭାବରେ ରହୁଥିବା ଭାରତୀୟମାନଙ୍କୁ ସ୍ୱଦେଶ ଫେରାଇ ନେବାକୁ ଭାରତ ସରକାର ରାଜିଥିବା ସମ୍ପର୍କିତ ଏମ୍‌ଓୟୁକୁ ଅଗ୍ରାହ୍ୟ କରିଛି ଭାରତ।

# ଇସ୍ରାଏଲ୍‌ରୁ ଭାରତ କିଣିବ ସ୍ପାଇକ୍ ଆଣ୍ଟି-ଟ୍ୟାଙ୍କ୍ ମିସାଇଲ୍

**ନୂଆଦିଲ୍ଲୀ :** ସେନା ପାଇଁ ସରକାର ଇସ୍ରାଏଲରୁ ଆଣ୍ଟି- ଟ୍ୟାଙ୍କ ମିସାଇଲ୍ କିଣିବାକୁ ସ୍ଥିର କରିଛନ୍ତି। ଖୁବ୍ ଶୀଘ୍ର ଏଥିପାଇଁ ଅର୍ଡର୍ ଦିଆଯିବ। ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗରେ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ବିକଶିତ କରିବାକୁ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆରଡିଓ) ଉଦ୍ୟମ ଚଳାଇଛି। ତେବେ ଏଥିରେ ସଫଳ ହେବାକୁ ଡିଆରଡିଓକୁ ଆହୁରି ୩ବର୍ଷ ଲାଗିବ। ତେଣୁ ଏବେ 'ଷ୍ଟପ୍ ଗ୍ୟାପ୍' ବ୍ୟବସ୍ଥା ଭାବେ ଇସ୍ରାଏଲରୁ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ କିଣାଯିବ। ଇସ୍ରାଏଲୀ କମ୍ପାନୀ ରାଫେଲ୍ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍‌ସ ଲିଃ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ନିର୍ମାଣ ଓ ବିକ୍ରି କରୁଛି। ପୂର୍ବରୁ ଭାରତ ସରକାର ଇସ୍ରାଏଲର ଏହି କମ୍ପାନୀଠାରୁ ୫୦ କୋଟି ଡଲାର୍ ମୂଲ୍ୟର ସ୍ପାଇକ୍ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ କିଣିବାକୁ କଣ୍ଟ୍ରାକ୍ଟ କରିଥିଲେ। କିନ୍ତୁ ଗତ ଜାନୁଆରୀ ମାସରେ ଡିଆରଡିଓ ପ୍ରତିଶ୍ରୁତି ଦେଇଥିଲା ଯେ ଆର୍ମିକୁ ସ୍ୱଦେଶୀ ଜ୍ଞାନକୌଶଳର ଉପଯୋଗରେ ବିକଶିତ ୮୦୦୦ଟି ଆଣ୍ଟି-ଟ୍ୟାଙ୍କ ମିସାଇଲ୍ ଯୋଗାଇବ। ତେଣୁ ଇସ୍ରାଏଲୀ କମ୍ପାନୀ ରାଫେଲ୍ ଆଡଭାନ୍ସଡ୍ ଡିଫେନ୍ସ ସିଷ୍ଟମ୍‌ସର ସ୍ପାଇକ୍ ଆଣ୍ଟି-ଟ୍ୟାଙ୍କ ମିସାଇଲ୍ କିଣିବା କଣ୍ଟ୍ରାକ୍ଟକୁ ଭାରତ ସରକାର ରଦ୍ଦ କରିଥିଲେ।

# ଓଡ଼ିଶାରେ ବଢ଼ିବ ରେଳ ବେଗ

**ନୂଆଦିଲ୍ଲୀ :** 'ମିଶନ ରଫତାର' ଯୋଜନାରେ ମାଲବାହୀ ଓ ଯାତ୍ରୀବାହୀ ରେଳଗାଡ଼ି ଗୁଡ଼ିକର ବେଗ ଆଗାମୀ ପାଞ୍ଚ ବର୍ଷରେ ଅଧିକ ୨୫ କିଲୋମିଟର ବଢ଼ାଇବା ପାଇଁ ରେଳ ମନ୍ତ୍ରଣାଳୟ ଯୋଜନା କରିଛି

## ମିଶନ ରଫ୍‌ତାର୍

। ଏବେ ଦେଶରେ ମାଲବାହୀ ଟ୍ରେନର ହାରାହରି ବେଗ ୨୪ କିଲୋମିଟର ଏବଂ ସହରାଞ୍ଚଳତଳି ପାସେଞ୍ଜର ଟ୍ରେନକୁ ଛାଡ଼ିଲେ ଅନ୍ୟ ଟ୍ରେନ ଗୁଡ଼ିକର ହାରାହାରି ବେଗ ୪୪ କିଲୋମିଟର ରହିଛି। 'ମିଶନ ରଫତାର' ଯୋଜନା କାର୍ଯ୍ୟକାରୀ ହେଲେ ଓଡ଼ିଶା ଭଳି ରାଜ୍ୟ ବିଶେଷ ଲାଭବାନ ହେବାର ସମ୍ଭାବନା ରହିଛି। ରାଜ୍ୟର ଦୁଇଟି ପ୍ରମୁଖ ରେଳ ରୁଟ୍ ଖଡ଼ଗପୁର-ବାଲେଶ୍ୱର-କଟକ-ଖୋର୍ଦ୍ଧା ରୋଡ଼ ବ୍ରହ୍ମପୁର-ବିଶାଖାପାଟଣା ଏବଂ ଟାଟାନଗରରାଉରକେଲା- ଝାରସୁଗୁଡ଼ା-ବିଳାସପୁର



ରେଳ ରୁଟ୍‌କୁ ସାମିଲ କରିବା ପାଇଁ ରେଳମନ୍ତ୍ରଣାଳୟ ଯୋଜନା କରିଛି। ଯାତ୍ରା ସମୟ କମ୍ କରିବା, ଅଳ୍ପ ସମୟରେ ନିର୍ଦ୍ଧାରିତ ସ୍ଥାନରେ ପଣ୍ୟ ପହଞ୍ଚାଇବା, ପରିଚାଳନାଗତ ଖର୍ଚ୍ଚ କମାଇବା, ରେଳ ରାଜସ୍ୱ ବୃଦ୍ଧି ଏବଂ ବଜାରରେ ରେଳ ଭାଗୀଦାରି ବୃଦ୍ଧି କରିବା ଲକ୍ଷ୍ୟରେ ରେଳ ମନ୍ତ୍ରଣାଳୟ ଯୋଜନା 'ମିଶନ ରଫତାର' କରିଛି। ସଡ଼କପଥ ଏବଂ ବିମାନ କ୍ଷେତ୍ରରୁ ମିଳୁଥିବା ପ୍ରତିଦ୍ୱନ୍ଦ୍ୱିତାକୁ ଲକ୍ଷ୍ୟରେ ରଖି ପ୍ରମୁଖ ରେଳରୁଟ୍ ଗୁଡ଼ିକରେ ରେଳର ବେଗ ବଢ଼ାଇବା ପାଇଁ ନିଷ୍ପତ୍ତି ହୋଇଛି। ପୁରୁଣା ରେଳଧାରଣାର ପରିବର୍ତ୍ତନ, ଟେଲି ଯୋଗାଯୋଗ ବ୍ୟବସ୍ଥାର ଉନ୍ନତିକରଣ, ଲେଭଲକ୍ରସିଂ ଉଚ୍ଛେଦ, ପ୍ରତି ରେଳ ସେକସନରେ ସମାନ ସ୍ପିଡ୍ ବ୍ୟବସ୍ଥା ପ୍ରଚଳନ, ପରିଚାଳନା ବ୍ୟବସ୍ଥାର ଉନ୍ନତିକରଣ, ସମୟାନୁବର୍ତ୍ତିତା ପାଳନ ମାଧ୍ୟମରେ 'ମିଶନ ରଫତାର' ଯୋଜନାକୁ ସଫଳ କରାଯିବ। ଅତିରିକ୍ତ ବ୍ୟୟବରାଦ ମାଧ୍ୟମରେ ରେଳ ମନ୍ତ୍ରଣାଳୟ ଚଳିତ ବର୍ଷ ଖର୍ଚ୍ଚ କରିବା ପାଇଁ ଯୋଜନା ରହିଛି। ପ୍ରଥମ ପର୍ଯ୍ୟାୟରେ ହାଓଡ଼ାଚେନ୍ନଇ, ହାଓଡ଼ା-ମୁମ୍ବଇ, ଦିଲ୍ଲୀ-ହାଓଡ଼ା, ଦିଲ୍ଲୀମୁ ମ୍ବଇ, ଦିଲ୍ଲୀ-ଚେନ୍ନଇ, ମୁମ୍ବଇ-ଚେନ୍ନଇ ରେଳ ରୁଟର ଉନ୍ନତିକରଣ କରାଯିବ। 'ମିଶନ ରଫତାର'କୁ କାର୍ଯ୍ୟକାରୀ କରିବା ନେଇ ବୁଧବାର ଦିନ ରେଳମନ୍ତ୍ରଣାଳୟରେ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରେଳରାଷ୍ଟ୍ରମନ୍ତ୍ରୀ ରାଜନ ଗୁହାଁଇ, ରେଳବାଇ ବୋର୍ଡ ଚେୟାରମ୍ୟାନ ଅଶ୍ୱିନୀ ଲୋହାନିଙ୍କ ସମେତ ଓଡ଼ିଶା ମଧ୍ୟ ଦେଇ ଯାଇଥିବା ପୂର୍ବତଟ ରେଳପଥ, ଦକ୍ଷିଣପୂର୍ବ ରେଳପଥ ଏବଂ ଦକ୍ଷିଣପୂର୍ବମଧ୍ୟ ରେଳପଥର ଜେନେରାଲ ମ୍ୟାନେଜର ଉପସ୍ଥିତ ଥିବାର ଜଣାପଡ଼ିଛି।

# ୧୮% ଭାରତୀୟ ବ୍ୟାଙ୍କ୍ ଠକେଇର ଶିକାର

**ନୂଆଦିଲ୍ଲୀ :** ଡିଜିଟାଲ ଇଣ୍ଡିଆର ସଫଳତା ସ୍ୱରୂପ ଭାରତୀୟମାନେ ଡିଜିଟାଲ ବ୍ୟାଙ୍କିଙ୍ଗ୍‌କୁ ଯେତିକି ମାତ୍ରାରେ ଆପଣେଇଛନ୍ତି, ସେହି ଅନୁଯାୟୀ ଠକେଇର ଶିକାର ମଧ୍ୟ ହୋଇଛନ୍ତି। ଏକ ପେମେଣ୍ଟସ୍ କମ୍ପାନୀ ଏଫ୍ଆଇଏସ୍ ତରଫରୁ ବିଭିନ୍ନ ଦେଶରେ ଥିବା ଭାରତୀୟଙ୍କ ଉପରେ କରାଯାଇଥିବା ସର୍ବେକ୍ଷଣରୁ ଜଣାଯାଇଛି ଗତ ବର୍ଷକରେ ୧୮ ପ୍ରତିଶତ ଭାରତୀୟ ଗ୍ରାହକ ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ପ୍ରାୟ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଯୋଗୁ ହୋଇଥିବା ଏହି ଠକେଇ ସବୁର ମାତ୍ରା ଭିନ୍ନ ଭିନ୍ନ ବୟସର ଗ୍ରାହକଙ୍କ ପାଇଁ ଭିନ୍ନ ରହିଥିବା ଜଣାଯାଇଛି। ବିଶେଷ କରି ୨୭-୩୭ ବୟସ ଗୋଷ୍ଠୀର ଗ୍ରାହକମାନେ ସର୍ବାଧିକ ଥର ଏଭଳି ଠକେଇର ଶିକାର ହୋଇଥିବା ଜଣାଯାଇଛି। ଏହା ସହିତ ଏହି ଗ୍ରାହକମାନେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଆପ୍ଲିକେଶନ୍ ବ୍ୟବହାରରେ ମଧ୍ୟ ଧୂରୀଣ ହୋଇଥିବାବେଳେ ଏପରି ଠକେଇର ଶିକାର ହେବା ଆଶ୍ଚର୍ଯ୍ୟଜନକ ମନେହେଉଛି। ଏହି ବୟସ ଗୋଷ୍ଠୀରେ ୪ଜଣଙ୍କରୁ ଜଣେ ବ୍ୟକ୍ତି ଠକେଇ ଅଭିଯୋଗ ଆଣିଛନ୍ତି। ତୁଳନାତ୍ମକଭାବେ ଜର୍ମାନୀରେ ବାସ କରୁଥିବା ୬ ପ୍ରତିଶତ ଭାରତୀୟ ଏଭଳି ଠକେଇର ଶିକାର ହୋଇଥିବାବେଳେ ବ୍ରିଟେନ୍‌ରେ ଏହି ସଂଖ୍ୟା ୮ ପ୍ରତିଶତ ହୋଇଛି। ଅନ୍ୟପକ୍ଷରେ ଆମେରିକାରେ ଠକେଇର ଶିକାର ହୋଇନଥିବା ବ୍ୟକ୍ତିଙ୍କଠାରୁ ଶିକାର ହୋଇଥବା ବ୍ୟକ୍ତିଙ୍କ ବ୍ୟାଙ୍କ୍ ବଦଳାଇବାର ମାତ୍ରା ଦୁଇଗୁଣ ବୋଲି ଜଣାପଡ଼ିଛି। ଏହି ରିପୋର୍ଟରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ଅନ୍ୟ ଯେକୌଣସି ଦେଶଠାରୁ ଏହି ଠକେଇର ପରିମାଣ ଯଥେଷ୍ଟଠ ଅଧିକ। ତେଣୁ ଠକେଇ ବିରୋଧୀ ଏବଂ ଆକାଉଣ୍ଟ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ଏହି ରିପୋର୍ଟରୁ ଜଣାଯାଇଛି। ଗ୍ରାହକଙ୍କ ତଥ୍ୟ ଏବଂ ଅର୍ଥ ସୁରକ୍ଷା ବ୍ୟାଙ୍କ୍‌ଗୁଡ଼ିକର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ଏଥିରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରାଯାଇଛି ଯାହାକି 'ଗ୍ରାହକ ଚିହ୍ନଟ ପ୍ରକ୍ରିୟା'। ସର୍ବେକ୍ଷଣର ସମସ୍ତ ଗ୍ରାହକଙ୍କ ମଧ୍ୟରୁ ୪୦ ପ୍ରତିଶତ ଗ୍ରାହକ ଏହି ପ୍ରକ୍ରିୟାରେ ସନ୍ତୁଷ୍ଟ ନଥିବା ଜଣାଇଛନ୍ତି। ପ୍ରତ୍ୟେକ ବ୍ୟବସାୟରେ ଏହି ପ୍ରକ୍ରିୟାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହା ସମୟକ୍ରମେ ଗ୍ରାହକ ବିଶ୍ୱସନୀୟତା ହରାଇବାର ମୁଖ୍ୟ କାରଣରେ ପରିବର୍ତ୍ତିତ ହୋଇଛି। ଭାରତରେ ଡିଜିଟାଲ ବ୍ୟାଙ୍କିଙ୍ଗ୍‌ର ପରିସର ବଢ଼ିବା ସହିତ ବ୍ୟାଙ୍କିଙ୍ଗ୍ ସହଜ ହେବା ଆରମ୍ଭ କରିଛି ଯାହାକି ଏକ ପ୍ରକାର ଗ୍ରାହକଙ୍କ ପାଇଁ ଆଶୀର୍ବାଦ ହୋଇ ଥିଲେ ମଧ୍ୟ ଏଥିପାଇଁ ସମାନ୍ୟ ଦାୟିତ୍ୱହୀନତା ସମସ୍ୟା ମଧ୍ୟ ସୃଷ୍ଟି କରୁଛି। ଭାରତୀୟ ବ୍ୟାଙ୍କ୍‌ଗୁଡ଼ିକ ସହିତ ଯୋଡ଼ି ହୋଇଥିବା ଗ୍ରାହକମାନଙ୍କ ମଧ୍ୟରୁ ୫୮ ପ୍ରତିଶତ ଗ୍ରାହକ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଆପଣେଇ ସାରିଛନ୍ତି। ୫୩ ବର୍ଷରୁ ଅଧିକ ବ୍ୟକ୍ତିମାନେ ଅଧିକରୁ ଅଧିକ ମାତ୍ରାରେ ଲ୍ୟାପଟପ୍ ଏବଂସ୍ମାର୍ଟଫୋନ୍ ସାହଯ୍ୟରେ ଏହି ସୁବିଧା ହାସଲ କରୁଥିବା ଜଣାଯାଇଛି। ବର୍ତ୍ତମାନ କ୍ୟାଶ୍‌ଲେସ୍ ଟ୍ରାଞ୍ଜାକସନ୍‌କୁ ଗୁରୁତ୍ୱ ଦିଆଯାଉଥିବାରୁ ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟ ଗ୍ରାହକ ସନ୍ତୁଷ୍ଟି ପାଇଁ ଏପରି ସୁଯୋଗ ସୃଷ୍ଟି କରିବା ଆରମ୍ଭ କରିଛନ୍ତି। କିନ୍ତୁ ଏହି ସମୟରେ ବ୍ୟାଙ୍କ୍ ଠକେଇ ରୋକିବା ମୁଣ୍ଡବିନ୍ଧାର କାରଣ ପାଲଟିଛି।

# ଆତଙ୍କୀଙ୍କୁ ଦିଆଯାଉଛି ସେନା ଷ୍ଟାଇଲ୍‌ରେ ତାଲିମ

**ନୂଆଦିଲ୍ଲୀ :** ଭାରତରେ ହିଂସା ଘଟାଇବା ପାଇଁ ଆତଙ୍କବାଦୀଙ୍କୁ କିଭଳି ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ତାଲିମ ଦିଆଯାଉଛି, ତା'ର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ପାକ୍‌ରେ ସକ୍ରିୟ ଲସ୍କର-ଇ-ତାଏବାର ସଦସ୍ୟମାନଙ୍କୁ ପିଓକେରେ ଥିବା କ୍ୟାମ୍ପରେ ସେନା ବାହିନୀର ଯବାନଙ୍କ ଭଳି ଟ୍ରେନିଂ ଦିଆଯାଉଥିବା ଭିଡିଓରୁ ସ୍ପଷ୍ଟ ଜଣାପଡ଼ିଛି। ଜମ୍ମୁ-କଶ୍ମୀରରେ ପ୍ରବେଶ କରି ହିଂସା ସୃଷ୍ଟି କରିବାକୁ ଆତଙ୍କବାଦୀଙ୍କୁ ଏଭଳି ତାଲିମ ଦିଆଯାଉଥିବା ଜଣାପଡ଼ିଛି। କାରଣ ୪ରୁ ୫ ମିନିଟ୍‌ର ଏହି ଭିଡିଓରେ କେମିତି ଆତଙ୍କବାଦୀମାନେ ପିଓକେରୁ ଅନ୍ତର୍ଜାତୀୟ ନିୟନ୍ତ୍ରଣରେଖା ଡେଇଁ କଶ୍ମୀରରେ ପ୍ରବେଶ କରିବେ, ସେ ସଂକ୍ରାନ୍ତରେ ବିସ୍ତୃତ ତଥ୍ୟ ରହିଛି। ଭାରତ ନିକଟରେ ପିଓକେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିଲା। ଏହି ସମୟରେ ଏଠାରେ ଥିବା ଆତଙ୍କବାଦୀ କ୍ୟାମ୍ପ ଧ୍ୱଂସ ହୋଇଯାଇଥିବା କୁହାଯାଉଥିଲା। କିନ୍ତୁ ଏବେ ସାମ୍ନାକୁ ଆସିଥିବା ଭିଡିଓ ଏହି ଘଟଣା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ବି ପିଓକେରେ ଆତଙ୍କବାଦୀ ତାଲିମ କ୍ୟାମ୍ପ ରହିଛି ବୋଲି ଏକ ଭିଡିଓରୁ ପ୍ରମାଣିତ ହୋଇଛି। ଏହି ଭିଡିଓରେ ଆତଙ୍କବାଦୀମାନେ ସେନା ଭଳି ପୋଷାକ ପରିଧାନ କରିଛନ୍ତି। ଏମାନେ ହାତରେ ବନ୍ଧୁକ ଧରି ମାଟିରେ ଗଡ଼ି କେମିତି ଅନ୍ତର୍ଜାତୀୟ ନିୟନ୍ତ୍ରଣ ରେଖା ନିକଟରେ ଲାଗିଥିବା ତାର ଅତିକ୍ରମ କରିବେ, ସେ ସମ୍ପର୍କରେ ତଥ୍ୟ ରହିଛି। ଏହି ତାର ଗୁଡ଼ିକୁ ନ କାଟି କେମିତି ଜମ୍ପମାରି ଏହାକୁ ଅତିକ୍ରମ କରାଯାଇ ପାରିବ, ସେ ସମ୍ପର୍କରେ ମଧ୍ୟ ତାଲିମ ଦିଆଯାଉଛି। ଏଥିସହ ବନ୍ଧୁକ ଚାଳନା ଓ ଗ୍ରେନେଡ୍ ମାଡ଼ ସମ୍ପର୍କରେ ମଧ୍ୟ ତାଲିମ ଦିଆଯାଉଛି। ପିଓକେରେ ଏବେ ୧୦ରୁ ୨୦ଟି କ୍ୟାମ୍ପ ରହିଥିବା ଭିଡିଓରୁ ଅନୁମାନ କରାଯାଉଛି। ଉଲ୍ଲେଖଯୋଗ୍ୟ ଲସ୍କର ଆତଙ୍କବାଦୀଙ୍କୁ ଭାରତକୁ ପଠାଇବା ପୂର୍ବରୁ ସେମାନଙ୍କୁ ୧୦ ମାସ କାଳ କଠିନ୍ ଟ୍ରେନିଂ ଦିଆଯାଇଥାଏ। ଜମ୍ମୁ-କଶ୍ମୀରରେ ଆତଙ୍କ ଖେଳାଇବା ଏହି ଆତଙ୍କବାଦୀଙ୍କ ମୂଳ ଲକ୍ଷ୍ୟ। ଏହି ସୂଚନା ମିଳିବା ପରେ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯାଇଛି।

# ବିଜେପି ହାତ ଛାଡ଼ିବ ଜେଡି(ୟୁ) !

**ପାଟନା :** ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍ ଚନ୍ଦ୍ରବାବୁ ନାଇଡୁଙ୍କ ପରେ ଏବେ ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଜେପିକୁ ଛାଡ଼ପତ୍ର ଦେବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି। ନିକଟରେ ଘଟିଥିବା କିଛି ଘଟଣା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ନୀତୀଶ କୁମାରଙ୍କୁ ବେଖାତିର କରିବା ଯୋଗୁ ଜେଡି(ୟୁ) ଓ ବିଜେପି ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା କୁହାଯାଉଛି। ବିଜେପି ନୀତୀଶ କୁମାରଙ୍କ ଉପରେ ବଡ଼ଭାଇ ପଣିଆ ଦେଖାଉଛି ବୋଲି ଏବେ ଜେଡିୟୁ ଅନୁଭବ କରୁଛି। ଜୁନ୍ ୭ରେ ନୀତୀଶ କୁମାର ବିହାରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ନେତା ଓ ମନ୍ତ୍ରୀଙ୍କ ସହ ଏକାଠି ହୋଇ ମୋଦି ସରକାରଙ୍କ ସଫଳତା କଥା କହିବେ ବୋଲି ଯୋଜନା ଚାଲିଛି। କିନ୍ତୁ ଏବେ ଲାଗୁଛି ନୀତୀଶ କୁମାର ସହଯୋଗୀ ବିଜେପି ସହ ଖୁସି ନାହାନ୍ତି। ଯେତେବେଳେ ମୋଦି ସରକାରଙ୍କ ୪ ବର୍ଷ ପୂର୍ତ୍ତି ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା, ସେ ଏହାର ଉତ୍ତର ବିଜେପି ନେତା ସୁଶୀଲ ମୋଦି ଦେବେ ବୋଲି କହିଥିଲେ। ଏଥିରୁ ବିବାଦ ସୃଷ୍ଟି ହୋଇଛି ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏଥିସହ ପୂର୍ବରୁ ଘଟିଥିବା ୪ଟି ଘଟଣା ଏହି ବାବଦର ଆଶଙ୍କାକୁ ଅଧିକ ତୀବ୍ର କରିଛି। ମେ' ୧୭ ତାରିଖରେ ନୀତୀଶ କୁମାର ସର୍ବଭାରତୀୟ ଆସାମ ଛାତ୍ର ସଂଘ(ଏଏଏସ୍‌ୟୁ)ର ପ୍ରତିନିଧି ଦଳଙ୍କ କଥାକୁ ଧୈର୍ଯ୍ୟର ସହ ଶୁଣିଥିଲେ। ଏଏଏସ୍‌ୟୁ ମୋଦି ସରକାରଙ୍କ ସିଟିଜେନ୍‌ଶିପ୍ ବିଲ୍ ବିରୋଧରେ ପ୍ରଚାର କରୁଛି। ଏହା ବିଜେପି ପାଇଁ ରାଜନୀତିକ ସମସ୍ୟା ସୃଷ୍ଟି କରିଛି। ଏହି ବିଲ୍ ବାହାର ଦେଶର ହିନ୍ଦୁ ନାଗରିକଙ୍କ ନାଗରିକତ୍ୱ ପାଇଁ ଉଦ୍ଦିଷ୍ଟ ରହିଛି। ନୀତୀଶ କୁମାର ଏଏଏସ୍‌ୟୁର କଥା ଶୁଣିବା ପରେ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହାର ଅର୍ଥ ଯଦି କେନ୍ଦ୍ର ସରକାର ସଂସଦରେ ଏ ସଂକ୍ରାନ୍ତରେ ବିଲ୍ ଆଣନ୍ତି, ତା'ହେଲେ ଜେଡିୟୁ ଏହାକୁ ବିରୋଧ କରିବ। ସେହିପରି ମେ' ୨୬ ତାରିଖରେ ମୋଦି ସରକାରଙ୍କ ବିମୁଦ୍ରାକରଣ ନିଷ୍ପତ୍ତିକୁ ନୀତୀଶ କୁମାର ପ୍ରଥମଥର ପାଇଁ ପ୍ରଶ୍ନ କରିଛନ୍ତି। ପାଟନାରେ ଏକ ବ୍ୟାଙ୍କିଙ୍ଗ କନଫରେନ୍ସରେ ଉଦ୍‌ବୋଧନ ଦେଇ କହିଥିଲେ ମୁଁ ବିମୁଦ୍ରାକରଣ ନିଷ୍ପତ୍ତିର ସମର୍ଥନ କରୁଥିଲି। କିନ୍ତୁ ଏବେ ଭାବୁଛି ଏହି ନିଷ୍ପତ୍ତି ଦ୍ୱାରା କେତେ ଜଣ ଲୋକ ଫାଇଦା ପାଇଲେ ? କିଛି ପ୍ରଭାବଶାଳୀ ଲୋକ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସେମାନଙ୍କ ଟଙ୍କା ସ୍ଥାନାନ୍ତରଣ କରିଦେଲେ। କିନ୍ତୁ ଗରିବ ଲୋକ ଏହାଦ୍ୱାରା ପ୍ରଭାବିତ ହେଲେ। ବିରୋଧୀ ପୂର୍ବରୁ ଯେଉଁ କଥା କହୁଥିଲେ ନୀତୀଶ କୁମାର ଅନୁରୂପ କଥା କହି ମୋଦି ସରକାରଙ୍କ ଅଡୁଆ ବଢ଼ାଇ ଦେଇଛନ୍ତି। ମେ' ୨୭ରେ ମୋଦି ସରକାର ୨୦୧୭ରେ ବିହାରରେ ସୃଷ୍ଟି ହୋଇଥିବା ଭୟଙ୍କର ବନ୍ୟା ସମୟରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହା ପୂରଣ କରି ନଥିବାରୁ ନୀତୀଶ କୁମାର ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନରେ କେନ୍ଦ୍ର ସରକାର ବିଳମ୍ୱ କରିଥିବାରୁ ଶେଷରେ ମେ' ୨୯ରେ ନୀତୀଶ କୁମାର ଟ୍ୱିଟର ଜରିଆରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ଏକ ପୁରୁଣା ଦାବି ହୋଇଥିଲେ ହେଁ ୨୦୧୭ରେ ଜେଡିୟୁ ଓ ବିଜେପି ଏକାଠି ହେବା ପରେ ଏହି ଦାବି ପୁଣି ପ୍ରତ୍ୟାବର୍ତ୍ତନ କରିଛି। ଏବେ ନୀତୀଶ କୁମାର କେନ୍ଦ୍ର ସରକାରଙ୍କୁ ବିହାରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ଦାବି କରିଛନ୍ତି। ଏସବୁକୁ ସମୀକ୍ଷା କଲେ ନୀତୀଶ କୁମାର ଓ ବିଜେପି ମଧ୍ୟରେ ଏବେ ଫାଟ ସୃଷ୍ଟି ହୋଇଥିବା କଥା ସ୍ପଷ୍ଟ ଜଣାପଡୁଛି। ଉଲ୍ଲେଖଯୋଗ୍ୟ ୨୦୧୯ରେ ବିଜେପିକୁ କ୍ଷମତାରୁ ଦୂରରେ ରଖିବା ପାଇଁ ବିରୋଧୀ ମେଣ୍ଟ କରୁଛନ୍ତି। ତେଣୁ ଏହି ସମୟରେ ବିଜେପିର ଜଣେ ସହଯୋଗୀ ଦଳର ଏଭଳି ବିଦ୍ରୋହ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

# ପ୍ରତି ଗାଁର ୧୦୦ ଚାଷୀଙ୍କୁ ମିଳିବ ପ୍ରଶିକ୍ଷଣ

**ଭୁବନେଶ୍ୱର :** ଚାଷୀଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଜୁନ୍ ପହିଲାରୁ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମ 'କୃଷି କଲ୍ୟାଣ ଅଭିଯାନ' ରାଜ୍ୟର ୮ଟି ଆକାଂକ୍ଷା ଜିଲ୍ଲାରେ ଆରମ୍ଭ ହେବ। ପ୍ରତ୍ୟେକ ଚାଷୀଙ୍କ ପାଇଁ ମୁଣ୍ଡପିଛା ୧ହଜାର ଟଙ୍କା ଖର୍ଚ୍ଚ ହେବ। ପ୍ରତ୍ୟେକ ଆକାଂକ୍ଷା ଜିଲ୍ଲାରେ ୨୫ଟି ଗାଁକୁ ଚିହ୍ନଟ କରାଯିବ ଓ ଗୋଟିଏ ଲେଖାଏଁ ଗାଁର ୧୦୦ଜଣ ଚାଷୀଙ୍କୁ କୃଷିଭିତ୍ତିକ ପ୍ରଶିକ୍ଷଣ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟର ୮ଟି ଆକାଂକ୍ଷା ଜିଲ୍ଲା ଢେଙ୍କାନାଳ, କଳାହାଣ୍ଡି, ଗଜପତି, ବଲାଙ୍ଗିର, କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ କନ୍ଧମାଳର ଚାଷୀଙ୍କ ଦକ୍ଷତା ବିକାଶ ନିମନ୍ତେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଚାଷୀଙ୍କୁ ପ୍ରଶିକ୍ଷଣ ସହ ୫ଟି ଲେଖାଏଁ ଫଳ ଗଛ ମଧ୍ୟ ଯୋଗାଇ ଦିଆଯିବ। କେନ୍ଦ୍ର କୃଷି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦୀନେଶ କୁମାର ଏନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରିବା ସହ ଆକାଂକ୍ଷା ଜିଲ୍ଲାଗୁଡ଼ିକରେ ଜୁନ୍ ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ କୃଷି କଲ୍ୟାଣ ଅଭିଯାନ ନିମେନ୍ତ ଏକ ଆକ୍ସନ୍ ପ୍ଲାନ୍ ଜାରି କରିଛନ୍ତି। ଏହି ଆକ୍ସନ୍ ପ୍ଲାନ୍ ଅନୁସାରେ ପ୍ରତ୍ୟେକ ପରିବାରର ଜଣେ ସଦସ୍ୟଙ୍କୁ (ଚାଷୀ) କୃଷି ଭିତ୍ତିକ ଦକ୍ଷତା ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ ବାବଦରେ ପ୍ରତ୍ୟେକ ଚାଷୀଙ୍କ ନିମନ୍ତେ କେନ୍ଦ୍ର ସରକାର ୧ହଜାର ଟଙ୍କା ଯୋଗାଇଦେବେ। ଏହି ଅର୍ଥରେ ୫ଟି ଫଳ ଗଛ,ଯାତାୟତ ଓ ଚାଷୀଙ୍କ ଖାଇବାପିଇବା ସାମିଲ ରହିଛି। ଯେଉଁ ଗାଁଗୁଡ଼ିକ ଚିହ୍ନଟ ହେବ ସେଠାରେ ପ୍ରତି ସପ୍ତାହରେ ୪-୫ଟି ଗାଁରେ ପ୍ରଶିକ୍ଷଣ ଶିବିର ଆୟୋଜନ କରିବାକୁ କୁହାଯାଇଛି। ଯାହାଫଳରେ ଚିହ୍ନଟ ହୋଇଥିବା ସମସ୍ତ ଗାଁକୁ ଜୁଲାଇ ୩୧ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ କରାଯାଇପାରିବ। ଯେଉଁ ଗାଁରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ସେଠାର ପାଣିପାଗକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ସେଭଳି ଧରଣର ଫଳଗଛ ଯୋଗାଇ ଦେବାକୁ କୁହାଯାଇଛି। ତାଙ୍କ ଆଧାର ନମ୍ବର, ପ୍ରଶିକ୍ଷଣ ନେଇଥିବା ଚାଷୀଙ୍କ ସଂଖ୍ୟା, ସେମାନଙ୍କୁ ଦିଆଯାଇଥିବା ଗଛ ଓ ପ୍ରଶିକ୍ଷଣର ବିଷୟବସ୍ତୁ ଆଦି ସମ୍ପର୍କରେ ଅନ୍‌ଲାଇନ୍‌ରେ କେନ୍ଦ୍ର ସରକାରଙ୍କୁ ସରକାର ଅବଗତ କରିବେ। ୧୦ଜିଲ୍ଲା 'ଆକାଂକ୍ଷା ଜିଲ୍ଲା' ତାଲିକାରେ ଥିଲେ ମଧ୍ୟ ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ପଛରେ ସାମିଲ କରାଯାଇଥିବାରୁ ଉକ୍ତ ଦୁଇ ଜିଲ୍ଲାରେ ଏହି ଅଭିଯାନ ହେବ ନାହିଁ।

# ପ୍ରଦୂଷଣ ଯୋଗୁଁ ସଙ୍କଟରେ ଓଡ଼ିଶାର ନଦୀ

**ଭୁବନେଶ୍ୱର :** ରାଜ୍ୟରେ ଥିବା ପ୍ରମୁଖ ନଦନଦୀଗୁଡ଼ିକ ଏବେ ସଙ୍କଟ ମଧ୍ୟ ଦେଇ ଗତି କରୁଛି। ମହାନଦୀ ଭଳି କେତେକ ନଦୀରେ ପାଣିର ସଙ୍କଟ ସୃଷ୍ଟି ହୋଇଥିବାବେଳେ ଆଉ ସମସ୍ତ ନଦୀରେ ପ୍ରଦୂଷଣର ମାତ୍ରା ପାଣିକୁ ବିଷାକ୍ତ କରି ଦେଇଛି। ଏଭଳିକି କେତେକ ନଦୀର ଜଳ ବାହ୍ୟ ବ୍ୟବହାର ପାଇଁ ମଧ୍ୟ ଅନୁପଯୁକ୍ତ ହୋଇପଡିଛି। ସହରାଞ୍ଚଳର ବର୍ଜ୍ୟଜଳ ସାଙ୍ଗକୁ ଶିଳ୍ପାଞ୍ଚଳର ବିପଦପୂର୍ଣ୍ଣ ଜଳ ନଦୀକୁ ପ୍ରଦୂଷିତ କରୁଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟରୁ ଜଣାଯାଇଛି। ପ୍ରଦୂଷଣ ବୋର୍ଡର ୨୦୧୬ ତଥ୍ୟ ଅନୁଯାୟୀ ରାଜ୍ୟର ପ୍ରମୁଖ ନଦୀ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧାରା, ଇନ୍ଦ୍ରାବତୀ ପ୍ରଭୃତି ନଦୀର ଜଳର ମାନରେ ବାୟୋ ଅକ୍ସିଜେନ ଡିମାଣ୍ଡ(ବିଓଡି) ଟଲେରାନ୍‌ସ ସୀମାଠାରୁ ବହୁ ଉର୍ଦ୍ଧ୍ୱରେ ରହିଛି। ଉକ୍ତବର୍ଷ ବିଭିନ୍ନ ନଦୀପଠାର ୭୯ଟି ସ୍ଥାନରୁ ନମୁନା ପରୀକ୍ଷଣ କରାଯାଇଥିଲା। ଯେଉଁଥିରେ ୧୧ଟି ସ୍ଥାନରେ ନଦୀର ଜଳ ଜହର ସହ ସମାନ ଥିବାବେଳେ ଅବଶିଷ୍ଟ ସ୍ଥାନରେ ଅରୁଚିକର ଥିଲା। ସେହିପରି ୨୦୧୭ରେ ବୋର୍ଡ ପକ୍ଷରୁ ୧୨୯ଟି ସ୍ଥାନରେ ଜଳର ନମୁନା ପରୀକ୍ଷା କରାଯିବାରେ ୬୦ଟିରୁ ଅଧିକ ସ୍ଥାନରେ ଜଳ ବିଷାକ୍ତ ପାଲଟିଛି। ତେବେ ଖାଲି ଯେ ମହାନଦୀ ଓ ୧୦ଟି ପ୍ରମୁଖ ନଦୀର ଜଳ ପ୍ରଦୂଷିତ ହୋଇଛି ତାହା ନୁହେଁ ଇବ୍, ତେଲ, କାଠଯୋଡି, କୁଆଖାଇ, ଦୟା, ବିରୂପା, ଗଙ୍ଗୁଆ, ଲୁଣା, କୁଶଭଦ୍ରା, ଦେବୀ, ମଙ୍ଗଳା, ଲୁଣା ଓ ରତ୍ନଚିରାର ଅବସ୍ଥା ମଧ୍ୟ ଅତି ଉଦ୍‌ବେଗଜନକ ବୋଲି ବୋର୍ଡର ତଥ୍ୟରୁ ଜଣାଯାଇଛି। ନଦୀ ଜଳରେ ଉଦ୍‌ବେଗ ଜନକ ପ୍ରଦୂଷଣ ମାତ୍ରା ଥିବାରୁ ଗତ ବିଧାନସଭାରେ ତୁମ୍ୱିତୋଫାନ ହୋଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବିଶୋଧନଗାର ପ୍ଲାଣ୍ଟ ନିର୍ମାଣ କରି ନଦୀ ଜଳକୁ ପ୍ରଦୂଷଣ ଦାଉରୁ ରକ୍ଷା କରିବାପାଇଁ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ହେଲେ ଇତିମଧ୍ୟରେ ୨ମାସ ବିତି ଯାଇଥିଲେ ବି ସରକାରଙ୍କ ପକ୍ଷରୁ ଏଦିଗରେ କୌଣସି ବାସ୍ତବିକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନଦୀର ଏଭଳି ପରିସ୍ଥିତି ଯୋଗୁଁ ମତ୍ସ୍ୟ ସମ୍ପଦ ବିପଦ ମୁଖରେ ପଡୁଥିବାବେଳେ ଅବବାହିକା ଅଞ୍ଚଳରେ ଲୋକେ ନାନାଦି ରୋଗବ୍ୟାଧିର ଶିକାର ହେଉଛନ୍ତି। ଯଦି ସରକାର ଏନେଇ ଏବେଠାରୁ ଠୋସ୍ ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଆଗାମୀ ଦିନରେ ମହାନଦୀର ଜଳାଭାବଠାରୁ ଅନ୍ୟ ନଦୀଗୁଡିକର ପ୍ରଦୂଷଣ ମାତ୍ରା ବଢ଼ିଯିବ ବୋଲି ଆଶଙ୍କା କରାଯାଉଛି।

# ବରୁଣେଇରେ ହେବ ପାଇକ ବିଦ୍ରୋହ ସ୍ମୃତି ପ୍ରକଳ୍ପ

**ନୂଆଦିଲ୍ଲୀ/ଭୁବନେଶ୍ୱର :** ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାରେ ବରୁଣେଇରେ ପାଇକ ବିଦ୍ରୋହ ସ୍ମୃତି ପ୍ରକଳ୍ପ ପାଇଁ ୯୦ କୋଟି ଟଙ୍କା ପ୍ରଦାନ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ୍‌ର ଟ୍ରଷ୍ଟିବୋର୍ଡର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବରୁଣେଇ ସହ ପୁରୀର ବ୍ରହ୍ମଗିରି ଗଡ଼ରୋଡଙ୍ଗରେ ପାଇକ ବିଦ୍ରୋହର ମହାନ ନେତା ବକ୍ସି ଜଗବନ୍ଧୁଙ୍କ ଜନ୍ମସ୍ଥାନରେ ତାଙ୍କ ସ୍ମୃତିରେ ପ୍ରକଳ୍ପ ନିର୍ମାଣ ହେବ। ଗୁଜରାଟର ସର୍ଦ୍ଦାର ପଟେଲ୍‌ଙ୍କ ଓ ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀଙ୍କ ସ୍ମୃତିରେ ନିର୍ମିତ ମେମୋରିଆଲ ପରି ବରୁଣେଇ ପାହାଡ଼ର ପାଦଦେଶରେ ସ୍ମାରକୀ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ଏଥିପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ୨୫ ଏକର ଜମି ପ୍ରଦାନ କରିବାକୁ ଓଡ଼ିଶା ସରକାରଙ୍କୁ ପୂର୍ବରୁ ଅନୁରୋଧ କରାଯାଇସାରିଛି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ୧୬ ତମ ଇଣ୍ଡିଆନ ଅଏଲ୍ ଫାଉଣ୍ଡେସନ୍‌ର ଟ୍ରଷ୍ଟି ବୋର୍ଡର ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ଅନ୍ୟାନ୍ୟ ସ୍ଥାନରେ ଟ୍ରଷ୍ଟ ଦ୍ୱାରା କରାଯାଉଥିବା ପ୍ରକଳ୍ପଗୁଡିକର କ୍ରିୟାନ୍ୱୟନକୁ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ମୁମ୍ବାଇର କାନହେରି ଗୁମ୍ଫା, ବିହାରର ଅଶୋକ ପିଲାର, ମଧ୍ୟପ୍ରଦେଶର ଖଜୁରାହୋ ମନ୍ଦିର, ବେଙ୍ଗାଲୁରୁର ଭୋଗନନ୍ଦିଶ୍ୱର ମନ୍ଦିର, ବିହାରର ଖାଜେଖାଲାନ ଘାଟ କାର୍ଯ୍ୟାନ୍ୱୟନ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

**ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ**

# ୮୫ ପଞ୍ଚାୟତ ପାଇଁ ୧୯.୯୨ କୋଟି ଟଙ୍କା ମଞ୍ଜୁର



**ଭୁବନେଶ୍ୱର :** 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମରେ ୪ଟି ବ୍ଲକର ୮୫ଟି ପଞ୍ଚାୟତ ପାଇଁ ୧୯.୯୨ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଅର୍ଥରେ ୭୬୧ଟି ପ୍ରକଳ୍ପ କାର୍ଯ୍ୟ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ମଞ୍ଜୁରୀ ଦେଇଛନ୍ତି। କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ବ୍ଲକ, ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ, ନୂଆପଡ଼ା ଜିଲ୍ଲାର ସିନାପାଲି ବ୍ଲକ ଓ ନବରଙ୍ଗପୁର ଜିଲ୍ଲାର ନବରଙ୍ଗପୁର ବ୍ଲକର ଲୋକଙ୍କ ସହିତ ଆଲୋଚନା କରି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରିଛନ୍ତି। ମୁଖ୍ୟମନ୍ତ୍ରୀ ବୈପାରୀଗୁଡ଼ା ବ୍ଲକର ୨୦ଟି ପଞ୍ଚାୟତ ପାଇଁ ୩.୬୭ କୋଟି ଟଙ୍କାରେ ୨୦୯ଟି ପ୍ରକଳ୍ପ, ଦିଗପହଣ୍ଡି ବ୍ଲକ୍‌ର ୨୫ଟି ପଞ୍ଚାୟତ ପାଇଁ ୬.୨୫ କୋଟି ଟଙ୍କାରେ ୧୫୪ଟି ପ୍ରକଳ୍ପ, ସିନାପାଲି ବ୍ଲକ୍‌ର ୨୭ଟି ପଞ୍ଚାୟତ ପାଇଁ ୬.୭୫ କୋଟି ଟଙ୍କାରେ ୨୭୪ଟି ପ୍ରକଳ୍ପ ଓ ନବରଙ୍ଗପୁର ବ୍ଲକ୍‌ର ୧୩ଟି ପଞ୍ଚାୟତ ପାଇଁ ୩.୨୫ କୋଟି ଟଙ୍କାରେ ୧୨୪ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହିପରି ସମୁଦାୟ ୪ଟି ବ୍ଲକ୍‌ର ୮୫ଟି ପଞ୍ଚାୟତ ପାଇଁ ମୁଖ୍ୟମନ୍ତ୍ରୀ ୧୯.୯୨ କୋଟି ଟଙ୍କାରେ ୭୬୧ଟି ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଜନସାଧାରଣ ଓ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଏହି ପ୍ରକଳ୍ପଗୁଡ଼ିକ ମିଳିମିଶି ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ବ୍ଲକରେ 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ ପାଇଁ ଅଭୂତପୂର୍ବ ଆଗ୍ରହ ଦେଖାଦେଇଥିଲା। ସେଠାରେ ପ୍ରବଳ ବର୍ଷା ସତ୍ତ୍ୱେ ହଜାର ହଜାର ଲୋକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଭୁବନେଶ୍ୱରର ପ୍ରଦୂଷଣକୁ ନେଇ ଚିନ୍ତା ବଢୁଛି



## ପ୍ରତିକାର ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର :** ସମଗ୍ର ଦେଶର ବିଭିନ୍ନ ପ୍ରଦୂଷିତ ସହର ମଧ୍ୟରେ ରହିଥିବା ଭୁବନେଶ୍ୱରର ପ୍ରଦୂଷଣକୁ ନେଇ ଚିନ୍ତା ବଢୁଛି। ଏହାର ପ୍ରତିକାର ପାଇଁ ରାଜ୍ୟ ସରକାର ଓ ଜର୍ମାନୀ ସରକାରଙ୍କ ତରଫରୁ ଜିଆଇଜେଡ୍ 'ଜିଜ୍' ମଧ୍ୟରେ ଇଣ୍ଟିଗ୍ରେଟେଡ୍ ସଷ୍ଟେନେବଲ ଅର୍ବାନ୍ ଟ୍ରାନ୍ସପୋର୍ଟ ଫର୍ ସ୍ମାର୍ଟ ସିଟି ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ଭୁବନେଶ୍ୱରର ପ୍ରଦୂଷଣ ହ୍ରାସ ପାଇବ। ଅଣମୋଟର ଚାଳିତ ଯାନ ସଂଖ୍ୟାରେ ବୃଦ୍ଧି ଘଟିଲେ ଏହା ସମ୍ଭବ ବୋଲି ଆକଳନ କରାଯାଇଛି। ଏଥିପାଇଁ ଦେଶର ୩ଟି ସ୍ମାର୍ଟ ସହର ଭୁବନେଶ୍ୱର, କୋଏମ୍ବାଟୁର୍, କୋଚିକୁ ଜିଜ୍ ବୈଷୟିକ ସହାୟତା ଯୋଗାଇଦେବ। ଏଥିପାଇଁ ୪ ନିୟୁତ ୟୁରୋ ମୂଲ୍ୟ ନେବ। ଏମ୍‌ଓୟୁ ସ୍ୱାକ୍ଷର ସମୟରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ଫେଡେରାଲ ରିପବ୍ଲିକ୍ ଅଫ୍ ଜର୍ମାନୀର ଡେପୁଟି କନସୁଲ ଜେନେରାଲ ଜୁର୍ଗେନ୍ ଥୋମାସ୍ ସ୍ରୋଡ୍ ଏବଂ ସଷ୍ଟେନେବଲ ଅର୍ବନ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ 'ଜିଆଇଜେଡ୍'ର କ୍ଲଷ୍ଟର କୋଅର୍ଡ଼ିନେଟର ସୁଶ୍ରୀ ତାଞ୍ଜା ଫେଲ୍‌ଡ୍‌ମାନ୍ ଉପସ୍ଥିତି ଥିଲେ। ନଗର ଉନ୍ନୟନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ପ୍ରେମ କୁମାର ଝା, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଡ. କ୍ରିଷନ୍ କୁମାର ଏବଂ 'ଜିଆଇଜେଡ୍' ସ୍ମାର୍ଟ ସିଟିର ପ୍ରୋଜେକ୍ଟ ମ୍ୟାନେଜର ସାର୍‌ହା ହାବର୍ସେକ୍ ଏହି ସହଯୋଗପତ୍ର ସ୍ୱାକ୍ଷର କରିଥିଲେ। ଏହି ଇଣ୍ଡୋ-ଜର୍ମାନୀ ଉନ୍ନୟନ ସହଯୋଗିତା ପ୍ରକଳ୍ପକୁ ଜର୍ମାନ୍ ଫେଡ଼େରାଲ ମିନିଷ୍ଟ୍ରି ଫର୍ ଇକୋନୋମିକ୍ କୋଅପରେସନ ଆଣ୍ଡ ଡେଭେଲପମେଣ୍ଟ୍ (ବିଏମ୍‌ଜେଡ୍) ଦ୍ୱାରା ଆର୍ଥିକ ସହଯୋଗ ଦିଆଯିବ। ଏହାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ 'ବିଡିଏ' ଓ 'ଜିଆଇଜେଡ୍' ଦ୍ୱାରା କାର୍ଯ୍ୟକାରୀ କରାଯିବ। ଯୋଜନାର ଉନ୍ନତି କରିବା, ଦୀର୍ଘସ୍ଥାୟୀ ସମନ୍ୱିତ ନଗର ପରିବହନ ପଦ୍ଧତି ଓ ସମସ୍ୟାର ସମାଧାନ ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ। ଏହି ଭାଗିଦାରୀ ଦ୍ୱାରା ଜିଆଇଜେଡ୍ ସହରର ବିକାଶଶୀଳ ପୂର୍ଣ୍ଣାଙ୍ଗ ନଗର ପରିବହନ ପଦ୍ଧତିକୁ ଏଠାରେ ବସବାସ କରୁଥିବା ଜନସାଧାରଣଙ୍କ ଦୀର୍ଘସ୍ଥାୟୀ ଚଳପ୍ରଚଳ ବ୍ୟବସ୍ଥା ସମାଧାନ ଦିଗରେ କାର୍ଯ୍ୟ କରାଯିବ। ଏହି ପ୍ରକଳ୍ପର ପ୍ରଥମ କାର୍ଯ୍ୟ ଭାବରେ ଲୋ କାର୍ବନ୍ ମୋବିଲିଟି ପ୍ଲାନ୍ ପ୍ରସ୍ତୁତ କରାଯିବ। ଯାହାକି ଭୁବନେଶ୍ୱର ସହର ପାଇଁ ଏକ ମୁଖ୍ୟ ଦସ୍ତାବିଜ୍ ଭାବରେ ପରିଗଣିତ ହେବ। ଏହି ପ୍ରକଳ୍ପ ଭୁବନେଶ୍ୱର ସହରକୁ ଆଧୁନିକ ଓ ଦୀର୍ଘସ୍ଥାୟୀ ଭାବରେ ସାହାଯ୍ୟ କରିବ ଏବଂ ଏହା ଲୋକଙ୍କର ଜୀବନଶୈଳୀରେ ଉନ୍ନତି ଆଣିବ ବୋଲି କହିଛନ୍ତି ବିଡିଏ ଉପାଧ୍ୟକ୍ଷ ଡା. କ୍ରିଷନ୍ କୁମାର।

# ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତ ରୁହ: ଏସ୍‌ଆରସି

**ଭୁବନେଶ୍ୱର :** ଜୁନ୍ ଦ୍ୱିତୀୟ ସପ୍ତାହ ପୂର୍ବରୁ ଓଡ଼ିଶାରେ ମୌସୁମି ପହଞ୍ଚିବାର ସମ୍ଭାବନା ରହିଥିବା ବେଳେ ବନ୍ୟାବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର। ଆସନ୍ତା ୧୦ ତାରିଖ ସୁଦ୍ଧା ନିଜର ବିପର୍ଯ୍ୟୟ ପରିଚାଳନା ଯୋଜନା ରିପୋର୍ଟ ଦାଖଲ କରିବା ସହ ଆବଶ୍ୟକୀୟ ପ୍ରକ୍ରିୟା ଶେଷ କରିବା ପାଇଁ ଜିଲାପାଳଙ୍କୁ କୁହାଯାଇଛି। ୩୦ ଜିଲ୍ଲାର ଅତିରିକ୍ତ ଜିଲାପାଳଙ୍କୁ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ସମ୍ଭାବ୍ୟ ବନ୍ୟା ପରିଚାଳନା ସମ୍ପର୍କିତ ପୂର୍ବପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ମାସ ୧୯ ତାରିଖରେ ସମସ୍ତ ଜିଲାରେ ବନ୍ୟା ଓ ବାତ୍ୟା ପରିଚାଳନା ନେଇ ମକ୍‌ଡ୍ରିଲ୍ ଅନୁଷ୍ଠିତ ହେବ। ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ପାଇଁ ବର୍ତ୍ତମାନ ଏସ୍‌ଆରସିଙ୍କ ଅଧୀନରେ ୩୦୧ଟି ପାୱାର ବୋଟ୍ ରହିଥିବା ବେଳେ ଖୁବ୍‌ଶୀଘ୍ର ଏହାର ପରୀକ୍ଷାମୂଳକ ବ୍ୟବହାର ଆରମ୍ଭ ହେବ। ଜୁନ୍ ଦ୍ୱିତୀୟ ସପ୍ତାହ ସୁଦ୍ଧା ନୌକା ଗୁଡ଼ିକର ମରାମତି ଓ ପରୀକ୍ଷାମୂଳକ ବ୍ୟବହାର ଶେଷ କରିବା ପାଇଁ କୁହାଯାଇଛି। ଏଥିସହ ଉଦ୍ଧାର କାର୍ଯ୍ୟ ପାଇଁ ଅସ୍ଥାୟୀ ଭାବେ କର୍ମଚାରୀଙ୍କୁ ନିୟୋଜିତ ଏବଂ ନିଜ ନିଜ ଅଞ୍ଚଳରେ ଉପଲବ୍ଧ ଥିବା ଘରୋଇ ନୌକାର ବିବରଣୀ ସଂଗ୍ରହ କରାଯାଇ ଜିଲା ପ୍ରଶାସନ ୱେବ୍ ସାଇଟ୍‌ରେ ଅପଲୋଡ୍ କରାଯିବ। ସେହିପରି ବନ୍ୟା ସମୟରେ ବାହ୍ୟ ଜଗତରୁ ବିଛିନ୍ନ ହେଉଥିବା ଅଞ୍ଚଳ ପାଇଁ ବିଶେଷ ଭାବେ ସଜାଗ ରହିବା ପାଇଁ କୁହାଯାଇଛି। ଏସବୁ ଅଞ୍ଚଳ ପାଇଁ ଆସନ୍ତା ୨/୩ ମାସ ପାଇଁ ଚୁଡ଼ା, ଗୁଡ଼ ଭଳି ଖାଉଟି ସାମଗ୍ରୀ ମହଜୁଦ ରଖିବା ପାଇଁ ଏଡିଏମ୍ ଓ ଜିଲା ଜରୁରୀକାଳୀନ ଅଧିକାରୀ ପଦକ୍ଷେପ ନେବେ। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳର ବ୍ୟବସାୟୀଙ୍କୁ ପ୍ରଶାସନ ଅନୁବନ୍ଧିତ କରିବେ, ଯଦ୍ଦ୍ୱାରା ଆବଶ୍ୟକ ସମୟରେ ଖାଉଟି ସାମଗ୍ରୀ ଯୋଗାଣରେ ସମସ୍ୟା ରହିବ ନାହିଁ। ମୌସୁମି ଆସିବା ପୂର୍ବରୁ ଏହି କାମ ଶେଷ କରି ଏସ୍‌ଆରସିଙ୍କୁ ଜିଲାପାଳ ରିପୋର୍ଟ ଦେବେ। ବୈଠକରେ କୁହାଯାଇ ଥିଲା ଯେ ବିଭିନ୍ନ ନଦୀ ବନ୍ଧରେ ୧୦୮ଟି ଦୁର୍ବଳ ସ୍ଥାନ ଚିହ୍ନଟ କରାଯାଇଛି ଏବଂ ଏଥିମଧ୍ୟରୁ ୩ଟି ସମ୍ବେଦନଶୀଳ ସ୍ଥାନ ରହିଛି। ବନ୍ୟା ସମୟରେ ଏହି ସ୍ଥାନଗୁଡ଼ିକରେ ନୌକାରେ ପାଟ୍ରୋଲିଂ କରାଯିବା ସହ ବନ୍ୟା ମୁକାବିଲା ପାଇଁ ଆବଶ୍ୟକ ସରଞ୍ଜାମ ମହଜୁଦ ରଖାଯିବ। ୩୩.୩୫ ଲକ୍ଷ ଅଖା, ୬୭୬୨୭ ବାଲିବସ୍ତା, ୨୦ ହଜାର କାଠ ବଲ୍ଲା, ୧୫୧୨୫ ବର୍ଗମିଟର ବାଉଁଠ ମ୍ୟାଟ୍, ୧୦୩୨୦ ସଂଖ୍ୟକ ବାଉଁଶ ଜୁନ୍ ପ୍ରଥମ ସପ୍ତାହ ସୁଦ୍ଧା ମହଜୁଦ ରଖାଯିବ। ବର୍ଷା ଆଗରୁ ବିଭିନ୍ନ ସ୍ଥାନରେ ସ୍ଲୁଇସ୍ ଗେଟ୍ ମରାମତି ଶେଷ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ ପଦକ୍ଷେପ ନେବେ। ଉଦ୍ଧାର କାର୍ଯ୍ୟ ପାଇଁ ଅଗ୍ନିଶମ, ଓଡ୍ରାଫ୍ ଏବଂ ଏନଡିଆରଏଫ୍ ମଧ୍ୟରେ ସମନ୍ୱୟ ରକ୍ଷା କରି ଯୋଜନା ପ୍ରସ୍ତୁତ କରାଯିବ। ସେହିପରି ଗ୍ରାମାଞ୍ଚଳରେ ଆରଡବ୍ଲୁଏସ୍‌ଏସ୍ ଏବଂ ସହରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିଭାଗ ନିରନ୍ତର ପାନୀୟଜଳ ଯୋଗାଣ ପାଇଁ ପ୍ରସ୍ତୁତ ରହିବା ପାଇଁ କୁହାଯାଇଛି। ବନ୍ୟା ବାତ୍ୟା ସମୟରେ ବହୁମୁଖୀ ଆଶ୍ରୟସ୍ଥଳୀ ଗୁଡ଼ିକୁ ପ୍ରସ୍ତୁତ ରଖାଯିବ। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ସ୍ଥାନୀୟ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅନ୍ୟ ଭାଗିଦାରଙ୍କ ସହ ଆଲୋଚନା କରି ସେମାନଙ୍କୁ ଏଥିପାଇଁ ପ୍ରସ୍ତୁତ କରିବେ।

# ୨୫ରୁ ଆନ୍ଦୋଳନକୁ ଓହ୍ଲାଇବେ ଠିକା ଓ ଆଉଟ୍‌ସୋର୍ସିଂ କର୍ମଚାରୀ

**ଭୁବନେଶ୍ୱର :** ଜୁନ୍ ୨୫ରୁ ରାଜ୍ୟରେ ବାଧାପ୍ରାପ୍ତ ହୋଇପାରେ ସରକାରୀ କାର୍ଯ୍ୟ। ଆନ୍ଦୋଳନକୁ ଓହ୍ଲାଇବେ ରାଜ୍ୟର ୨ ଲକ୍ଷ ଆଉଟ୍‌ସୋର୍ସିଂ ଓ ଠିକା କର୍ମଚାରୀ। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରୁଥିବାରୁ ଏଭଳି ଚରମ ନିଷ୍ପତ୍ତି ନେଇଛି ଓଡ଼ିଶା କର୍ମଚାରୀ ମହାମଞ୍ଚ। ସମସ୍ତ ଆଉଟ୍‌ସୋର୍ସିଂ କର୍ମଚାରୀ ୨୫ ଓ ୨୬ତାରିଖରେ ଲୋୟର ପିଏମ୍‌ଜିରେ ଆନ୍ଦୋଳନ କରିବେ। ନ୍ୟାୟ ନମିଳିଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଓଡ଼ିଶା କର୍ମଚାରୀ ମହାମଞ୍ଚର ଆବାହକ ପ୍ରଭାତ ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି, ପୂର୍ବରୁ ଡିସେମ୍ବର ୨୦ ଓ ୨୧ରେ ଏ ନେଇ ଏକ ଆନ୍ଦୋଳନ ହୋଇଥିଲା। ଏଥିରେ ସରକାର ଆଉଟ୍‌ସୋର୍ସିଂ ଓ ଠିକା ବ୍ୟବସ୍ଥା ଉଚ୍ଛେଦ ଲାଗି ପ୍ରତିଶ୍ରୁତି ଦେଇଥିଲେ, ମାତ୍ର ନ୍ୟାୟ ମିଳିଲା ନାହିଁ। ସମାନ କାମ କରୁଥିଲେ ବି ଠିକା କର୍ମଚାରୀଙ୍କୁ କମ୍ ଦରମା ଦିଆଯାଉଛି। ଅର୍ଥ ସଚିବ ଗତ ମାର୍ଚ୍ଚରେ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ସହିତ ପ୍ରତିନିଧିମାନଙ୍କର ଆଲୋଚନା କରିବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏହା ହେଲାନାହିଁ। ଏହି ସମୟସୀମା ମଧ୍ୟରେ ସରକାର ସମସ୍ୟାର ସମାଧାନ ନକଲେ ୨୫ ତାରିଖରୁ ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟକାଳ ଗଣଧାରଣା ଦିଆଯିବ। ସେହିପରି ଅର୍ଥ ସଚିବ ଓ ମୁଖ୍ୟ ଶାସନ ସଚିବଙ୍କୁ ତାଙ୍କ ବାସଭବନରେ ଦାବିପତ୍ର ଦେବା ସହ ୨୭ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବାକୁ 'ନବୀନ ନିବାସ ଚାଲ' କାର୍ଯ୍ୟକ୍ରମ ହେବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମଧୁ ମଲ୍ଲିକ, ମିହିର ଜେନା, ପ୍ରଶାନ୍ତ ପଟ୍ଟନାୟକ, ଆଉଟସୋର୍ସିଂ କର୍ମଚାରୀ ସଂଘର ସଭାପତି ସଞ୍ଜୟ କୁମାର ପଟ୍ଟ ନାୟକ, ଚୁକ୍ତିଭିତ୍ତିକ ସଂଘର ସଭାପତି ବିଜୟ କୁମାର ମଲ୍ଲ, କ୍ଷିତିଶ ପଣ୍ଡା, ବିଶ୍ୱମୋହନ ସାମଲ, ଅନୀତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୫ ଶିଳ୍ପ ପ୍ରକଳ୍ପ ପାଇଁ ୧,୫୦୮ କୋଟି

**ଭୁବନେଶ୍ୱର :** ରାଜ୍ୟର ୫ ଶିଳ୍ପ ପ୍ରକଳ୍ପ ପାଇଁ ୧୫୦୮ କୋଟି ଟଙ୍କା ଅନୁମୋଦିତ ହୋଇଛି। ଏହାଦ୍ୱାରା ରାଜ୍ୟରେ ୨୧୫୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଭଦ୍ରକରେ ଟେକ୍ସଟାଇଲ୍ ପାର୍କ ପାଇଁ ୯୭୫ କୋଟି ଟଙ୍କା ବିନିଯୋଗ ହେବ। ଏହାକୁ ପୂର୍ବ ଭାରତର ପ୍ରମୁଖ ବୟନ ଶିଳ୍ପକେନ୍ଦ୍ର କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଅନୁଗୁଳ ଆଲ୍‌ମୁନିୟମ୍ ପାର୍କରେ ୨୦୦ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ୯୨୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଖୋର୍ଦ୍ଧାରେ ୭୧ କୋଟି ଟଙ୍କାରେ ଖାଦ୍ୟପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ହେବ। ଏଥିରେ ୩୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଡେରାସ୍‌ରେ ୬୨ କୋଟି ଟଙ୍କା ବ୍ୟୟରେ ସାମୁଦ୍ରିକ ଖାଦ୍ୟ ପାର୍କ ଶିଳ୍ପ ପ୍ରତିଷ୍ଠା କରାଯିବ। ଏହା ଦ୍ୱାରା ୨୫୦ ଜଣଙ୍କୁ ନିଯୁକ୍ତି ମିଳିବ। ଏଥିସହିତ ସୁଗୁଣା କୁକୁଡ଼ା ଖାଦ୍ୟ କମ୍ପାନୀ ଭୁବନେଶ୍ୱରସ୍ଥିତ ଏହାର କାରଖାନାକୁ ଖୋର୍ଦ୍ଧାକୁ ସ୍ଥାନାନ୍ତର କରିବ ବୋଲି ଜଣାଯାଇଛି। ଏହି ବୈଠକରେ ଶିଳ୍ପ ସଚିବ ସଂଜୀବ ଚୋପ୍ରା, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ୍, ଜଙ୍ଗଲ ଓ ପରିବେଶ ସଚିବ ସୁରେଶଚନ୍ଦ୍ର ମହାପାତ୍ରଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ୩ ବର୍ଷରୁ କମ୍ ପିଲାଙ୍କୁ ପ୍ଲେ-ସ୍କୁଲ୍ ମନା

**ଭୁବନେଶ୍ୱର :** ରାଜ୍ୟରେ ପ୍ରାଥମିକ ଓ ଉଚ୍ଚଶିକ୍ଷାରେ ସଂସ୍କାର ଆଣିବା ପରେ ପ୍ଲେ-ସ୍କୁଲ ପରିଚାଳନା ବ୍ୟବସ୍ଥା ଉପରେ ଅଙ୍କୁଶ ଲଗାଇଛନ୍ତି ସରକାର। ପ୍ଲେସ୍କୁଲ ନାଁରେ ବ୍ୟବସାୟ ଅଭିଯୋଗ ଆସିବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏପରି ନିଷ୍ପତ୍ତି ନେଇଛି। ରାଜଧାନୀର ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଏକ ଚିଠି ଦିଆଯାଇଛି। ଯେଉଁଥିରେ ପ୍ଲେ ସ୍କୁଲରେ ନାମଲେଖା ଓ ପାଠପଢ଼ା ବ୍ୟବସ୍ଥା କିପରି ରହିବ ସେ ସମ୍ପର୍କରେ ଏକ ଗାଇଡଲାଇନ୍ ରହିଛି। ଯେଉଁ ବ୍ୟବସ୍ଥା ସବୁ ସ୍କୁଲ ଲାଗି କାର୍ଯ୍ୟକାରୀ କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜଣାପଡ଼ିଛି। କୌଣସି ବ୍ୟକ୍ତି ନିଜ ଇଚ୍ଛାରେ ପ୍ଲେ-ସ୍କୁଲ ଖୋଲି ପାରିବେନି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଲାଗୁ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଏଣିକି ୩ବର୍ଷ ବୟସରୁ କମ୍ ପିଲାଙ୍କୁ ପ୍ଲେ ସ୍କୁଲରେ ନାମଲେଖା ଯିବ ନାହିଁ। ପ୍ରାକ୍ ପ୍ରାଥମିକ ଶିକ୍ଷା ଲାଗି ପ୍ଲେ-ସ୍କୁଲରେ ସର୍ବନିମ୍ନ ୩ ବର୍ଷ ଧାର୍ଯ୍ୟ ହୋଇଛି। ୩ବର୍ଷରୁ ୬ବର୍ଷ ବୟସର ପିଲାଙ୍କ ଲାଗି ଅଙ୍ଗନୱାଡି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଙ୍ଗକୁ ଘରୋଇ ପ୍ଲେ ସ୍କୁଲ ରହିଛି। ଅନେକ ଘରୋଇ ପ୍ଲେ ସ୍କୁଲ ଅର୍ଥ ଲୋଭରେ ୩ବର୍ଷ ବୟସରୁ କମ୍ ପିଲାଙ୍କୁ ସ୍କୁଲରେ ପଢ଼ାଉଛନ୍ତି। ଫଳରେ ସେହି ପିଲାଙ୍କ ମାନସିକସ୍ତରରେ ଚାପ ପଡୁଥିବା ବେଳେ ପରିବାର ସଦସ୍ୟଙ୍କ ଠାରୁ ଆବଶ୍ୟକ ସ୍ନେହ, ଶ୍ରଦ୍ଧା ପାଇବାରୁ ଏହି କମ୍ ବୟସର ପିଲାମାନେ ବଞ୍ଚିତ ହେଉଛନ୍ତି। ଏହାବ୍ୟତୀତ ପ୍ଲେ-ସ୍କୁଲ ଲାଗି ସ୍ୱତନ୍ତ୍ର ମାନଦଣ୍ଡ ପ୍ରସ୍ତୁତ ହୋଇଛି। ଏଥିରେ ପ୍ଲେ-ସ୍କୁଲର ଶିକ୍ଷା ଠାରୁଆରମ୍ଭ କରି ଶୈକ୍ଷିକ ପରିବେଶ ପ୍ରଦାନ ସମ୍ପର୍କରେ ଲଲ୍ଲେଖ କରାଯାଇଛି। ନିୟମ ଅନୁଯାୟୀ, ପ୍ଲେ-ସ୍କୁଲ ଗୁଡିକରେ ଯେଉଁ ଶିକ୍ଷକମାନେ ନିଯୁକ୍ତ ହେବେ ସେମାନଙ୍କ ସର୍ବନିମ୍ନ କୌଣସି ସରକାରୀ ଶିକ୍ଷାନୁଷ୍ଠାନରେ +୨ ପାସ୍ କରିବା ବାଧ୍ୟତାମୂଳକ। ୨୦ଜଣ ପିଲାଙ୍କ ଲାଗି ଜଣେ ଶିକ୍ଷକ ନିଯୁକ୍ତ ହେବେ। ଶିକ୍ଷାଦାନର ମାଧ୍ୟମ ଇଂରାଜୀ, ହିନ୍ଦୀ, ବହୁଭାଷାରେ କରାଯିବ। ସ୍କୁଲରେ ଶିଶୁଙ୍କ ଯତ୍ନ ଲାଗି ୨୦ଜଣ ଶିଶୁଙ୍କ ପାଇଁ ଜଣେ ଲେଖାଏଁ ଆୟା ନିଯୁକ୍ତ କରାଯିବ। ପୃଷ୍ଟିକର ଖାଦ୍ୟ, ସ୍ୱଚ୍ଛ ପରିବେଶ, ସୁରକ୍ଷା ଲାଗି ଆବଶ୍ୟକ କର୍ମଚାରୀ ରହିବେ। ବିଦ୍ୟାଳୟର ଚାରିପାଖରେ ପାଚେରୀ, ଶିଶୁଙ୍କ ଲାଗି ସ୍ୱତନ୍ତ୍ର ବିଶ୍ରାମ କକ୍ଷ, ଉଭୟ ପୁଅ ଓ ଝିଅଙ୍କ ଲାଗି ପୃଥକ ଶୌଚାଳୟ, କମ୍ ଉଚ୍ଚରେ ପିଲାଙ୍କ ଲାଗି ହାତଧୁଆ ବ୍ୟବସ୍ଥା, ସାବୁନ୍, ଟାୱେଲ ରହିବା ଭଳି ସ୍ୱତନ୍ତ୍ର ବ୍ୟବସ୍ଥା, ଶିଶୁଙ୍କ ଲାଗି ସ୍ୱଚ୍ଛ ପିଇବା ପାଣିର ସୁବିଧା, ଖେଳ ପଡ଼ିଆ, ସୁରକ୍ଷା ଲାଗି କ୍ୟାମ୍ପସରେ ସିସିଟିଭି, ଅଗ୍ନି ନିର୍ବାପକ ବ୍ୟବସ୍ଥା, ନିର୍ଦ୍ଦିଷ୍ଟ ବ୍ୟବଧାନରେ ଶ୍ରେଣୀରେ କିଟନାସକ ଔଷଧ ସିଞ୍ଚନ, ସହଜ ଓ ସରଳ ଭାବେ ଶିଶୁଙ୍କୁ ପଢ଼ାଇବା ଲାଗି ପାଠ୍ୟପୁସ୍ତକ, ଶିକ୍ଷା ଅଡିଓ ଭିଜୁଆଲ ବ୍ୟବସ୍ଥା, ଖେଳ ଲାଗି ବିଭିନ୍ନ ଖେଳନା, ମେଡିସିନ୍, ବ୍ୟାଣ୍ଡେଜ, ଓଆରଏସ୍, ପ୍ରତି ୩ମାସରେ ଶିଶୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ବୟବସ୍ଥା ରହିବା ଦରକାର। ଏଥିସହ ଯେଉଁ ଶିଶୁମାନେ ନାମଲେଖାଇଥାନ୍ତି ସେମାନଙ୍କର ସବିଶେଷ ବିବରଣୀ, ନାମଲେଖା ରେକର୍ଡ, ପିଲାଙ୍କ ଉପସ୍ଥାନ ରେକର୍ଡ, ସ୍କୁଲରେ ନିଯୁକ୍ତ କର୍ମଚାରୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ଓ ରେଜିଷ୍ଟର, ଷ୍ଟକ୍ ରେଜିଷ୍ଟର, ଫି' ରେକର୍ଡ ଆଦି ରଖିବା ବାଧ୍ୟତାମୂଳକ କରାଯାଇଛି। ଶିଶୁଙ୍କର ଯତ୍ନ ନେବା ଲାଗି ଯେଉଁ କର୍ମଚାରୀଙ୍କୁ ନିଯୁକ୍ତ କରାଯିବ ସେମାନେ ସରକାରୀ ଅନୁଷ୍ଠାନରୁ ଦକ୍ଷତା ପ୍ରଶିକ୍ଷଣ ନେବା ସହ ସାର୍ଟିଫିକେଟ୍ ହାସଲ କରିଥିବେ। ଏସବୁର ଯାଞ୍ଚ ନିୟମିତ ଭାବେ କରାଯିବ। ଏହାସହିତ ନାମଲେଖା ଫି' କେତେ ରହିବ ସ୍କୁଲର ଭିତ୍ତିଭୂମି ଉପରେ ନିର୍ଭର କରେ। ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ସ୍କ୍ୱାଡ୍‌ର ସଦସ୍ୟମାନେ ସମସ୍ତ ଘରୋଇ ପ୍ଲେସ୍କୁଲର ରିପୋର୍ଟ ପ୍ରସ୍ତୁତ କରିବା ସହ ମୋଟ୍ କେତେ ସ୍କୁଲ ରହିଛି ତା'ର ତଥ୍ୟ ମଧ୍ୟ ସଂଗ୍ରହ କରିବେ। ସମସ୍ତ ଆୟବ୍ୟୟର ତଦାରଖ ମଧ୍ୟ କରାଯିବ। ଶିକ୍ଷା ଯୋଗାଇବା ନାଁରେ ବ୍ୟବସାୟ ମନବୃତ୍ତି ଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ





# ଦେଶ ବିକାଶରେ ନାରୀ

ସମ୍ପାଦକୀୟ

ତାରକ ମହାନ୍ତି



ଦେଶରେ ଶିକ୍ଷା କ୍ଷେତ୍ରରେ ଛାତ୍ରମାନଙ୍କ ଠାରୁ ଛାତ୍ରୀମାନେ ନୂଆ ସମ୍ଭାବନା ସୃଷ୍ଟି କରିବା ନିଶ୍ଚୟ ଶୁଭଙ୍କର। ଇଂରାଜୀ ମାଧ୍ୟମ ବିଦ୍ୟାଳୟ ହେଉ କିମ୍ବା ଆଞ୍ଚଳିକ ଭାଷାର ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ପରୀକ୍ଷା ଫଳ ପ୍ରକାଶ ପରେ ଦେଖାଯାଇଛି ଯେ, ପୂର୍ବାପେକ୍ଷା ଛାତ୍ରୀମାନେ ଅଧିକ ନମ୍ବର ରଖି ଛାତ୍ରମାନଙ୍କୁ ପଛରେ ପକାଇ ଦେଉଛନ୍ତି। ଗୋଟିଏ ଦୃଷ୍ଟିକୋଣରୁ ଦେଖିଲେ ଆମ ଦେଶର ଝିଅମାନେ କଠିନ ପରିଶ୍ରମ, ନିଷ୍ଠା ଓ ନିଜର ଅଧ୍ୟବସାୟ ବଳରେ ପରୀକ୍ଷାରେ ଭଲ ମାର୍କ ରଖୁଛନ୍ତି। ସେମାନଙ୍କ ତୁଳନାରେ ପୁଅମାନେ କମ ମାର୍କ ରଖି ସମାଜ ଓ ପରିବାର ପାଇଁ ଆଶଙ୍କା ସୃଷ୍ଟି କଲା ଭଳି ପରିସ୍ଥିତି ଉପୁଜାଉଛନ୍ତି। ଝିଅମାନେ ଆଗକୁ ବଢ଼ିବା ବା ଅଧିକ ଭଲ ପାଠ ପଢ଼ିବା ଶୁଭଲକ୍ଷଣ ହୋଇଥିଲେ ବି ପୁଅମାନେ ଝିଅମାନଙ୍କ ସମକକ୍ଷ ହୋଇନପାରିବା ମଧ୍ୟ ସେତିକି ଚିନ୍ତାଜନକ। ଯାହା ଜଣାଯାଏ ଆଧୁନିକତା ଓ ସୋସିଆଲ ମିଡିଆ ଉପରେ ପୁଅମାନେ ଅଧିକ ଗୁରୁତ୍ୱ ଓ ସମୟ ଦେଉଛନ୍ତି। ଫଳତଃ ପାଠପଢ଼ା ପ୍ରତି ସତେଯେମିତି ସେମାନଙ୍କ ନିଷ୍ଠା କମି କମି ଯାଉଛି। ପରୀକ୍ଷାରେ ଏହାର ପ୍ରଭାବ ପ୍ରତିଫଳିତ ହେଉଥିବା ମନେହୁଏ। ଯଦିଓ ଝିଅମାନେ ଏ କ୍ଷେତ୍ରରେ ପଛୁଆ ନୁହଁନ୍ତି ତଥାପି ପାଠପଢ଼ା ପ୍ରତି ସେମାନଙ୍କ ମନରେ ଅଧିକ ଉତ୍ସାହ ଓ ଆଗକୁ ବଢ଼ିବାର ପ୍ରବଣତା ସେମାନଙ୍କୁ ସଫଳତା ଆଣିଦେଉଛି। ତେଣୁ ଶିକ୍ଷାଗତ ସଫଳତା ଓ ପ୍ରତିଦ୍ୱନ୍ଦ୍ୱୀ ମନୋଭାବ ଯୋଗୁଁ ଝିଅମାନେ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବାରେ ସକ୍ଷମ ହେଉଛନ୍ତି। ନାରୀ ସଶକ୍ତିକରଣ ଦିଗରେ ଏହା ନିଶ୍ଚୟ ସହାୟକ ହେଉଛି। ପୁଅ ହୁଅନ୍ତୁ ବା ଝିଅ ପରିବାର ଭିତରେ ବା ଶିକ୍ଷାନୁଷ୍ଠାନରେ ସେମାନଙ୍କ ପାଇଁ କୌଣସି ପାତରଅନ୍ତର ବ୍ୟବସ୍ଥା ନାହିଁ। ତେଣୁ ପାଠପଢ଼ା ପ୍ରତି ନିଜର ଆଗ୍ରହ ଅନୁସାରେ ସେମାନେ ଫଳପ୍ରାପ୍ତ ହେଉଛନ୍ତି। ଶାସନ ହେଉ ବା ପ୍ରଶାସନ ସବୁଥିରେ ଝିଅମାନଙ୍କ ଭାଗିଦାରୀ ଦେଶକୁ ଓ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେବାରେ ବଳିଷ୍ଠ ମାଧ୍ୟମ ପାଲଟିଛି। ଚାକିରି କ୍ଷେତ୍ରରେ ପୁଅମାନଙ୍କ ପରି ଝିଅମାନେ ଅଧିକ କଷ୍ଟ ସହିଷ୍ଣୁ ହେବା ସହିତ କାର୍ଯ୍ୟରେ ନିଜର ବୁଦ୍ଧିମତ୍ତା ପରିପ୍ରକାଶ କରିବାରେ ଅଧିକ ଆଗ୍ରହ ଦେଖାଉ ଅଛନ୍ତି। ଯଦ୍ୱାରା ପୁରୁଣା ବ୍ୟବସ୍ଥାର ବିଲୋପନ ଘଟିବା ସହିତ ନୂତନ ବ୍ୟବସ୍ଥାର ସୁଦୂରପ୍ରସାରୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ପାଶ୍ଚାତ୍ୟ ଶିକ୍ଷା ଢାଞ୍ଚା ଓ ବୃତ୍ତିଗତ ନିଷ୍ଠାର ଅନୁସରଣ ହିଁ ଝିଅମାନଙ୍କ ସଫଳତାର ଦିଗ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଅତୀତର ପୃଷ୍ଠା ରୋମନ୍ଥନ କଲେ ଜଣାଯାଏ ଆମ ସମାଜ ବ୍ୟବସ୍ଥାରେ ଝିଅମାନଙ୍କୁ ବର୍ତ୍ତମାନ ଭଳି ଗୁରୁତ୍ୱ ଦିଆଯାଉ ନଥିଲା। ପରିବାର ଭିତରେ ରକ୍ଷଣଶୀଳ ମାନସିକତା ଯୋଗୁଁ ଝିଅଟିଏ ନିର୍ଭୟରେ ଦୂରଦୂରାନ୍ତକୁ ଶିକ୍ଷାଲାଭ କରିବା ପାଇଁ ଯିବା ସମ୍ଭବପର ହେଉନଥିଲା। ଏବେ ସମୟ ବଦଳି ଯାଇଛି। ଆଗଭଳି ଝିଅମାନଙ୍କ ଉପରେ ପରିବାର ପକ୍ଷରୁ ଲାଗୁ କରାଯାଉଥିବା କଟକଣା ଆଉ ନାହିଁ। ସମୟ ଅନୁସାରେ ଏଥିରେ ପରିବର୍ତ୍ତନ ଘଟିଛି। ସୁବିଧା ସୁଯୋଗ ମିଳିବା ଫଳରେ ଝିଅମାନେ ଅନାୟସରେ ଅଧିକ ସ୍ୱାଧୀନ ଭାବେ ପାଠ ପଢ଼ିବା ସହିତ ଚାକିରି ବାକିରି ପାଇଁ ମଧ୍ୟ ନିଜକୁ ପ୍ରସ୍ତୁତ କରିପାରୁଛନ୍ତି। ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରିବା ସହିତ ଏଥିରେ ଅଧିକରୁ ଅଧିକ କୃତକାର୍ଯ୍ୟ ହେବା ପାଇଁ ମନୋନିବେଶ କରୁଛନ୍ତି। ଉଚ୍ଚଶିକ୍ଷା ହେଉ କି ଗବେଷଣା ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ଅଂଶଗ୍ରହଣ କରିବାକୁ ଆଗ୍ରହ ଦେଖାଉଛନ୍ତି। ଆଜିର ନାରୀ ସ୍ୱାଧୀନଚେତନା ଓ କର୍ମଜୀବୀ ହେବା ଫଳରେ ସେମାନଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ବିଶ୍ୱର ଶ୍ରେଷ୍ଠ ରାଷ୍ଟ୍ର ଆମେରିକା ହେଉ କି ଆମ ଦେଶ ଭାରତରେ କର୍ମଜୀବୀ ମହିଳାମାନେ ଦେଶ ତଥା ଜାତିର ଭାର ସମ୍ଭାଳିବା ପାଇଁ ସକ୍ଷମ ହୋଇପାରିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଝିଅମାନେ ନିଜର ପାରଦର୍ଶିତା ଦେଖାଇବା ଦ୍ୱାରା ଭାରତ ଏକ ବିକାଶିତ ଦେଶ ଭାବେ ଉଭା ହେବାକୁ ଯାଉଛି। ପୁରାଣ ଯୁଗରୁ ଭାରତୀୟ ନାରୀ ବୀରାଙ୍ଗନା ଓ ବୁଦ୍ଧିମତୀ ଥିବାର ପ୍ରମାଣ ମିଳେ। ଧରଣୀ ପରି ସହନଶୀଳା ଓ ମାତୃତ୍ୱର ଅଧିକାରିଣୀ ହେବାର ଗୌରବ କେବଳ ନାରୀଙ୍କୁ ହିଁ ମିଳିଆସିଛି। ସମୟ ଥିଲା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ପୁରୁଷ ସମାଜ ନାରୀମାନଙ୍କୁ ଘର ଭିତରେ ବାନ୍ଧି ରଖିବା ଭଳି ପରିସ୍ଥିତି ଆଉନାହିଁ। ପରିବର୍ତ୍ତିତ ପରିସ୍ଥିତିରେ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ରାଜନୀତି ଭଳି କ୍ଷେତ୍ରରେ ଝିଅମାନଙ୍କର ପ୍ରବେଶ ଦେଶକୁ ଏକ ନୂଆ ବାର୍ତ୍ତା ଦେଉଛି। ଯେଉଁଥିରେ ଗଣତନ୍ତ୍ରର ମର୍ଯ୍ୟାଦା ବଜାୟ ରହିବା ସହିତ ଆଧୁନିକ ଦେଶ ଗଠନରେ ସେମାନଙ୍କର ଅଧିକରୁ ଅଧିକ ପ୍ରବେଶ ସଭ୍ୟତାକୁ ସମୃଦ୍ଧ କରିପାରୁଛି। କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ଝିଅପିଲାମାନେ ପ୍ରଭାବୀ ପ୍ରଦର୍ଶନ କରି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିବାକୁ ସକ୍ଷମ ହୋଇପାରିଛନ୍ତି। ସେହିଭଳି ଶିଳ୍ପ କ୍ଷେତ୍ରରେ ମହିଳାମାନେ ଅଧିକ ସୁଦକ୍ଷ ଓ ନୂତନ ଚିନ୍ତାଧାରାର ପଥ ପ୍ରଦର୍ଶକ ସାଜିଛନ୍ତି। ଗ୍ରାମାଞ୍ଚଳରେ ମହିଳା ସରପଞ୍ଚ ହୁଅନ୍ତୁ କିମ୍ବା ବିଧାନସଭାର ବିଧାୟିକା ହୁଅନ୍ତୁ ସବୁଥିରେ ମହିଳାମାନେ ଏବେ ପାରଙ୍ଗମ। ସଚେତନତା କ୍ଷେତ୍ରରେ ଝିଅପିଲାଙ୍କ ପ୍ରବେଶ ଫଳରେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ସଫଳ ହୋଇପାରୁଛି। ଦେଶର ସର୍ବାଙ୍ଗୀନ ବିକାଶରେ ଝିଅମାନେ ନିଜର ଭାଗିଦାରୀ ଦ୍ୱାରା ପ୍ରତିଷ୍ଠା ଅର୍ଜନ ସହ ସମାଜ ପାଇଁ ବେଶ୍ କିଛି କାର୍ଯ୍ୟ କରୁଛନ୍ତି। ଏକବିଂଶ ଶତାବ୍ଦୀରେ ନାରୀ ପ୍ରଗତି ପାଇଁ ବିଶ୍ୱ ଯେଉଁ ଆକଳନ କରୁଛି ସେଥିରେ ଆମ ଦେଶର ନାରୀମାନେ ଆଉ ପଛୁଆ ନାହାନ୍ତି। ସେମାନେ ଅଧିକ ସ୍ମାର୍ଟ ହେବା ସହିତ କର୍ତ୍ତବ୍ୟ ପରାୟଣତାର ଯଥେଷ୍ଟ ପ୍ରମାଣ ମିଳୁଛି। ନାରୀ ଶିକ୍ଷାର ସୁବିଚାର ପାଇଁ ଦେଶ ତଥା ରାଜ୍ୟ ବହୁବିଧ ଯୋଜନା କରିବା ସହିତ ସେମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଦ୍ୟାଳୟ ସ୍ତରରୁ ଆତ୍ମସୁରକ୍ଷା କୌଶଳ ମାଧ୍ୟମରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଝିଅମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ଫଳସ୍ୱରୂପ ଝିଅମାନେ ସ୍ୱାବଲମ୍ବୀ ହେବା ସହିତ ନିଜ କାର୍ଯ୍ୟକୁ ନିଜେ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ପରିବାରରେ ଶିଶୁର ଯତ୍ନନେବାଠାରୁ ଆରମ୍ଭ କରି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅତ୍ୟନ୍ତ ଧୈର୍ଯ୍ୟର ସହ ସେମାନେ କାମ କରିବା ଫଳରେ ଆର୍ଥିକ ବିକାଶ ଘଟିପାରୁଛି। ନାରୀ-ପୁରୁଷର ତାରତମ୍ୟ ଧୀରେ ଧୀରେ କମି ଆସୁଛି। ପୁରୁଷମାନଙ୍କ ସହିତ ସମାନ ଭାବେ ନାରୀମାନେ ମଧ୍ୟ ଅଧିକ ଉପାର୍ଜନକ୍ଷମ ହେବା, ପରିବାରର ଉନ୍ନତି କରିବା ଏବଂ ଆଦର୍ଶ ଗୃହିଣୀ ହୋଇପାରିବା ଦ୍ୱାରା ସମାଜରେ ସେମାନଙ୍କର ଗୁରୁତ୍ୱ ବୃଦ୍ଧି ଘଟିଛି। ଗଣମାଧ୍ୟମ ହେଉ ବା ଶିକ୍ଷାଦାନ ସବୁଥିରେ ନାରୀମାନେ ଉତ୍ତୁଙ୍ଗ ଶୀଖରକୁ ସ୍ପର୍ଶ କରିବାର ସ୍ପର୍ଦ୍ଧା ରଖିବା ନିଶ୍ଚୟ ଏକ ସୁଖବର। ଏଣୁ ଝିଅପିଲାମାନଙ୍କୁ ଅଧିକରୁ ଅଧିକ ସ୍ୱାଧୀନତା ଦେଇ ଏକ ନୂତନ ସଭ୍ୟ ସମାଜର ପରିକଳ୍ପନା କରିବା ଦିଗରେ ସମସ୍ତଙ୍କର ଭୂମିକା ରହିଛି। ଏଭଳି ଗୁରୁଦାୟିତ୍ୱ ପରିବାରଠୁ ଆରମ୍ଭ କରି ଶାସନ ଓ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ମନେକରେ। ଏଣୁ ନାରୀ ପ୍ରଗତି ସହିତ ଦେଶର ବିକାଶ ଜଡିତ ବୋଲି କହିପାରିବା

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବୈଷମ୍ୟର ଦର୍ଶନ ମଧ୍ୟରେ ସମତାର ସ୍ୱପ୍ନ



ବିଘ୍ନେଶ୍ୱର ସାହୁ

ଇଂରେଜୀ ଭାଷାରେ ପ୍ରବାଦ ରହିଛି ଯେ, ପୁଡ଼ିଙ୍ଗର ସ୍ୱାଦ ଏହାକୁ ଖାଇବାରେ ନିହିତ ଥାଏ। ଏହି ଯୁକ୍ତି ଅନୁସାରେ ଡକ୍ଟର ଅମର୍ତ୍ତ୍ୟ ସେନଙ୍କ ଅର୍ଥନୀତିର ସ୍ୱାଦ ତାଙ୍କ ନିଜସ୍ୱ ଅର୍ଥନୈତିକ ଆଚରଣ ମଧ୍ୟରେ ନିହିତ ରହିଛି। ଅମର୍ତ୍ତ୍ୟ ସେନ ନୋବେଲ ପୁରସ୍କାରର ଲବ୍ଧ ଧନରାଶିକୁ ନିଜ ମାତୃଭୂମିର ନିରକ୍ଷରତା ତଥା ଅସ୍ୱାସ୍ଥ୍ୟ ଜନିତ ସମସ୍ୟାର ଅଭିଶାପକୁ ଦୂରୀଭୂତ କରିବା ସକାଶେ ବିନିଯୋଗ କରିଛନ୍ତି। ଯେଉଁଥିପାଇଁ ସେ ବାସ୍ତବିକ ପ୍ରଶଂସାର ପାତ୍ର। ଅଧିକାଂଶ ବ୍ୟକ୍ତି ଅବଶ୍ୟ ଗୋଟିଏ କଥାରେ ଖୁସି ହେବନାହିଁ ଯେ, ଅମର୍ତ୍ତ୍ୟସେନଙ୍କ ପାଇଁ ମାତୃଭୂମି କହିଲେ କେବଳ ବଙ୍ଗକୁ ହିଁ ବୁଝାଉଛି- ସମଗ୍ର ଭାରତବର୍ଷକୁ ନୁହେଁ। ଏହାର ବିପରୀତ ଆଉ ଏକ ଉତ୍ସାଜନକ କଥା ହେଲା ଯେ, ଏହି ବ୍ୟାପାରରେ ଡକ୍ଟର ସେନ ପଶ୍ଚିମବଙ୍ଗ ଏବଂ ବଙ୍ଗଳାଦେଶ ମଧ୍ୟରେ କୌଣସି ପ୍ରଭେଦ ରଖନ୍ତି ନାହିଁ। ଦୁଇଟିଯାକ ବଙ୍ଗଦେଶ ତାଙ୍କ ସକାଶେ ଖୁବ୍ ପ୍ରିୟ। କାରଣ ଗୋଟିକରେ ସେ ଜନ୍ମ ଗ୍ରହଣ କରିଥିଲେ ଏବଂ ଅନ୍ୟଟିରେ ଲାଳିତପାଳିତ ହୋଇଥିଲେ। ଯଦି ଅର୍ଥନୀତିର ଏକ ନିଜସ୍ୱ ସମ୍ବେଦନଶୀଳତା ରହିଥାଏ, ତେବେ ସମ୍ବେଦନଶୀଳତାର କ'ଣ ଏକ ନିଜସ୍ୱ ଅର୍ଥନୀତି ପରିଲକ୍ଷିତ ହୋଇଥାଏ? ଏଠାରେ ଏହି ପ୍ରଶ୍ନ ଏଇଥିପାଇଁ ଉଠୁଛି ଯେ, ଯଦି ଅମର୍ତ୍ତ୍ୟସେନ ନୋବେଲ ପୁରସ୍କାରର ଲବ୍ଧ ଅର୍ଥ ବିନିମୟରେ ସମଗ୍ର ଭାରତ ଏବଂ ବଙ୍ଗଳାଦେଶରେ ଥିବା ଦରିଦ୍ର ଜନସମାଜ ସକାଶେ କିଛି କରିବା ପାଇଁ ଚାହିଁଥାନ୍ତେ। ତେବେ ଏହି ଧନ ସମୁଦକୁ ଶଙ୍ଖେ ସଦୃଶ ହୋଇଥାନ୍ତା, ଯଦିବା ପୁରସ୍କାର ଲବ୍ଧ ଧନର ପରିମାଣ କିଛି କମ୍ ନୁହେଁ, କିନ୍ତୁ ଏହା ଏତେ ବେଶୀ ବି ନୁହେଁ; ଯଦ୍ୱାରା ଏକ ଜିଲ୍ଲାର ରୂପରେଖର ସାମଗ୍ରିକ ପରିବର୍ତ୍ତନ ଆଣିବା ସକାଶେ ଏହା ଯଥେଷ୍ଟ ହେବ। ଏଣୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କରି ମଧ୍ୟ ସେ ନିଜ ଉଦାରତକୁ ଏକ ସୀମାରେଖା ମଧ୍ୟରେ ଆବଦ୍ଧ ରଖିବାକୁ ବାଧ୍ୟ। ଏହା ସତ୍ତ୍ୱେ ମଧ୍ୟ ଏହା ଜୋରଦେଇ କୁହାଯାଇପାରିବ ନାହିଁ ଯେ, ଏହି ନିର୍ଦ୍ଦିଷ୍ଟ ସୀମାରେଖା ମଧ୍ୟରେ ବି ସେ କୌଣସି ଏକ ବିରାଟ ଧରଣର ସଫଳତା ହାସଲ କରିଦେଇପାରିବେ। ଏହି ସୀମାରେଖା ହେଉଛି ଏକ ବ୍ୟାପକ ଜାତୀୟ ସମସ୍ୟା ପରିପ୍ରେକ୍ଷୀର ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିର ସାମାଜିକ ଦାୟିତ୍ୱବୋଧ ଏବଂ ତଜ୍ଜନିତ କାର୍ଯ୍ୟାନୁଷ୍ଠାନରେ ସୀମାରେଖା। ଏହି ସୀମାରେଖା ଆହୁରି ବ୍ୟାପକ ରୂପନିଏ ଯେତେବେଳେ ବ୍ୟକ୍ତି ପରିବର୍ତ୍ତେ ଏକ ସଂଗଠନ କାର୍ଯ୍ୟକ୍ରମଟି ହାତକୁ ନିଏ। ଉଦାହରଣ ସ୍ୱରୂପ, ବଙ୍ଗଳାଦେଶର "ଗ୍ରାମୀଣ ବ୍ୟାଙ୍କ" ଏବଂ ଭାରତରେ 'ସେବା' ସଂଗଠନ ଗୁଡ଼ିକ ଅଭାବଗ୍ରସ୍ତ ଜନସାଧାରଣଙ୍କୁ ନେଇ ସେମାନଙ୍କ ପାରସ୍ପରିକ ସହଯୋଗ ବଳରେ ଅଧିକ ଆର୍ଥିକ କ୍ଷମତା ସୃଷ୍ଟି କରାଇବା ଦିଗରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରି ପାରିଛନ୍ତି। ଏହି ପ୍ରୟାସ ବଳରେ ନୂତନ କର୍ମନିଯୁକ୍ତିର ଅନେକ ସୁଯୋଗ ସୃଷ୍ଟି ହୋଇପାରିଛି ଏବଂ ଆଗରୁ ଉପଲବ୍ଧ ରହିଥିବା ନିଯୁକ୍ତି ସୁଯୋଗରେ ଅଭିବୃଦ୍ଧି ଘଟିପାରିଛି ତଥା ଅନେକଙ୍କ ଦାରିଦ୍ର୍ୟ ଦୂରୀକରଣ ହୋଇପାରିଛି। ଅମର୍ତ୍ତ୍ୟ ସେନଙ୍କ ଭଳି ଏହି ଅନୁଷ୍ଠାନଗୁଡିକ ମଧ୍ୟ ଅନ୍ତର୍ଜାତୀୟ ମର୍ଯ୍ୟାଦା ତଥା ପୁରସ୍କାର ପାଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଏହି ସବୁ ପ୍ରୟାସ ଦ୍ୱାରା ଭାରତ ଏବଂ ବଙ୍ଗଳାଦେଶ ଭଳି ନିହାତି ଦାରିଦ୍ର ଦେଶମାନଙ୍କର ଦାରିଦ୍ର୍ୟ ଦୂରୀକରଣ କେତେଦୂର ହୋଇପାରିବ? ପୁନଶ୍ଚ ଏହି ପ୍ରକାର ଉଦ୍ୟମ କୌଣସି ଦେଶର ଆର୍ଥିକ ତଥା ସାଂସ୍କୃତିକ ସମସ୍ୟା ଗୁଡିକର ସ୍ଥାୟୀ ସମାଧାନ ଦିଗରେ ସଫଳକାମ ହେବ ତ? ଏହି ସବୁ ପ୍ରଶ୍ନ ଉତଥାପିତ କରିବାର ଉଦ୍ୟମ ନୁହେଁ। ସାମାଜିକ ତଥା ରଚନାତ୍ମକ କାର୍ଯ୍ୟକ୍ରମଗୁଡିକୁ ନିରର୍ଥକ ସାବ୍ୟସ୍ତ କରି ସେହି ଗୁଡିକର ସୀମିତ କ୍ଷମତା ପରିସର ପ୍ରତି ଦୃଷ୍ଟି ଆକର୍ଷଣ କରାଇବା। ସମାଜ ଯେବେଠାରୁ ସୃଷ୍ଟି ହୋଇଛିକ ରଚନାତ୍ମକ କାର୍ଯ୍ୟକ୍ରମ ସେହି ଦିନଠାରୁ ଆରମ୍ଭ ହୋଇଛି। ଦୁର୍ଭିକ୍ଷ, ଅନାହାର ଏବଂ ବନ୍ୟାଭଳି ବିପର୍ଯ୍ୟୟ ବେଳେ ସାମାଜିକ କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ହିଁ ପ୍ରପୀଡିତ ଲୋକଙ୍କ ନିକଟରେ ଆଶୁ ସହାୟତା ପହଞ୍ଚିପାରୁଛି। କାରଣ ଅମଲାତାନ୍ତ୍ରିକ ନାଲିଫିତାର କାର୍ଯ୍ୟପଦ୍ଧତି ଯୋଗୁଁ ସରକାରୀ ସହାୟତା ପହଞ୍ଚିବାରେ ଖୁବ୍ ବିଳମ୍ବ ଘଟୁଛି। ଅମର୍ତ୍ତ୍ୟ ସେନଙ୍କ ଦ୍ୱାରା ପ୍ରଦତ୍ତ ପରିଭାଷା ଅନୁଯାୟୀ ସରକାରୀ ସହାୟତା ଉପରେ ହିଁ ସବୁ କଥାରେ ନିର୍ଭର କରିବା ଉଚିତ ନୁହେଁ। ଏହି କଥାକୁ ସେ ଖୁବ୍ ଗୁରୁତ୍ୱ ଦେଇ ପ୍ରକାଶ କରନ୍ତି। ଏହି ପ୍ରକାର ମତବାଦ ସଂପୂର୍ଣ୍ଣ ଠିକ୍। କିନ୍ତୁ ଏହା ମଧ୍ୟରେ ଆଉ ଏକ ଉପମତ କେଉଁଠି ସନ୍ନିହିତ ଥିଲାଭଳି ପ୍ରତୀୟମାନ ହେଉଛି। ତାହା ହେଲା, ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଦୂର କରିବାବେଳେ ସରାକରଙ୍କର କାର୍ଯ୍ୟ ନୁହେଁ। ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ଏହା ପୁଞ୍ଜିବାଦୀ ଦର୍ଶନର ପରିପ୍ରକାଶ। ପୁଞ୍ଜିବାଦୀ କାର୍ଯ୍ୟପଦ୍ଧତି ହେଉଛି, ପ୍ରଥମେ ଏହିଭଳି ପରିସ୍ଥିତି ସୃଷ୍ଟି କରାଯିବ। ଯଦ୍ଦ୍ୱାରା ବିଭିନ୍ନ ପ୍ରକାରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ବହୁଗୁଣିତ ହେବା ଅଥବା ସେମାନଙ୍କ ଦୁର୍ଦ୍ଦଶା ପ୍ରତି ନଜର ଦିଆଯିବ ନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶା ଲାଘବ କରିବା ଦିଗରେ ବିଭିନ୍ନ ଉପାୟ ସବୁ ବାହାର କରାଯିବ। କିନ୍ତୁ ଉତ୍ପାଦନର ମାଧ୍ୟମ ଉପରେ ଘରୋଇ ପୁଞ୍ଜିର ନିୟନ୍ତ୍ରଣ ଭଳି ମୌଳିକ ସମସ୍ୟାକୁ କସ୍ମିନକାଳେ ଉତଥାପିତ କରାଯିବ ନାହିଁ କିମ୍ବା ସେଇ ଦିଗରେ ବିଚାର ଆଲୋଚନାକୁ ଉତ୍ସାହିତ କରାଯିବ ନାହିଁ। କାରଣ ଏହା କଲେ ବିପ୍ଳବର ସ୍ଫୁରଣ ଘଟିବ। ଏହି କାରଣରୁ ଅମର୍ତ୍ତ୍ୟସେନ ସରକାର ବନାମ ବଜାର ଭଳି ତର୍କରେ ଛନ୍ଦି ହୋଇଯିବା ଚାହାନ୍ତି ନାହିଁ। ସେ ଦୁଇଟିଯାକର ଉପଯୋଗିତା ଉପରେ ଗୁରୁତ୍ୱ ଆରୋପ କରନ୍ତି ଏବଂ ପରାମର୍ଶ ଦିଅନ୍ତି ଯେ ଏହି ଦୁହେଁଯାକ ବରଂ ପରସ୍ପରର ପରିପୂରକ ହିସାବରେ ମିଳିତ ହୋଇ କାର୍ଯ୍ୟ କରିବା ବାଞ୍ଛନୀୟ। କିନ୍ତୁ ତାଙ୍କର ଏହି ପରାମର୍ଶ ବାସ୍ତବିକତା କ୍ଷେତ୍ରରେ ଭୁଲ ବୋଲି ପ୍ରମାଣିତ ହେଉଛି। କାରଣ ବଜାର କେବେହେଲେ ସରକାରର ପରିପୂରକ ହେବାକୁ ଚାହେଁ। ଏହା ତାହାର ସ୍ୱଭାବରେ ବିରୁଦ୍ଧାଚରଣ କରିବ। ଯଦିବା ବଜାରଭିତ୍ତିକ ଅର୍ଥନୈତିକ ବ୍ୟବସ୍ଥାରୁ ଉପୁଜୁଥିବା ବିଭିନ୍ନ ସମସ୍ୟାର ସମାଧାନ ସକାଶେ ସରକାର ଉପରେ ଚାପ ପଡୁଛି। ଏହା ସଂଗେ ସଂଗେ ଅନ୍ୟ ଏକ ସମସ୍ୟା ମଧ୍ୟ ରହିଛି। ତାହାହେଲା, ଯେହେତୁ ପୁଞ୍ଜିବାଦୀ ସମାଜ ମଧ୍ୟରେ ସରକାରର ଅଗ୍ରାଧିକାରଭୁକ୍ତ କାର୍ଯ୍ୟକ୍ରମ ଗୁଡିକ କେବେହେଲେ ସମାଜ ଉତଥାନ ଆଭିମୁଖୀ ହୋଇନଥାଏ, ଏଣୁ ଆଜିକାଲି ଯାହାକୁ ସିଭିଲ ସୋସାଇଟି ଅର୍ଥାତ୍ "ନାଗରିକ ସମାଜ" ବୋଲି କୁହାଯାଉଛି, ଏହାକୁ ସରକାରର ବିଭିନ୍ନ କ୍ଷେତ୍ରରେ ଥିବା ଅପାରଗତାକୁ ଦୂର କରିବା ଦିଗରେ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଯାଉଛି। କିନ୍ତୁ ଯଦି ଏହି ତଥାକଥିତ 'ସିଭିଲ ସୋସାଇଟି' ମଧ୍ୟ ଅକୃତକାର୍ଯ୍ୟ ହୁଏ, ତେବେ? ଅମର୍ତ୍ତ୍ୟସେନଙ୍କ ଅର୍ଥନୀତିରେ ଏହି ପ୍ରଶ୍ନର କୌଣସି ସନ୍ତୋଷ ଜନକ ଉତ୍ତର ଦିଆଯାଇ ନାହିଁ।

ଅମର୍ତ୍ତ୍ୟସେନ ଏଇଥିପାଇଁ ସ୍ମରଣୀୟ ହୋଇ ରହିବେ ଯେ, ସମସାମୟିକ ଅର୍ଥଶାସ୍ତ୍ର ସେୟାର ବଜାରର ଆଚରଣ ତଥା ଉପଭୋକ୍ତାମାନଙ୍କର ଚାଲିଚଳନ ସମ୍ବନ୍ଧୀୟ ଅଧ୍ୟୟନ ତଥା ଗବେଷଣାରେ ନିମଗ୍ନ ରହିଥିଲାବେଳେ ସେ ଅର୍ଥଶାସ୍ତ୍ରରେ ନୈତିକ ଦିଗରେ ଅଧ୍ୟୟନ ତଥା ଏହାର ମୌଳିକ ଦାୟିତ୍ୱର ଅନୁସନ୍ଧାନ ଦିଗରେ ନିଜକୁ ଅଭିନିବେଶ କରିଥିଲେ । ସମଗ୍ର ବିଶ୍ୱବ୍ୟାପୀ ବିଜ୍ଞାନ ତଥା ପଯୁକ୍ତିବିଦ୍ୟାର ଜୟଯାତ୍ରା କାରଣରୁ ସୃଷ୍ଟ ସମୃଦ୍ଧିର ନିଶାରେ ସମଗ୍ର ମାନବ ସମାଜ ମସଗୁଲ ରହିଥିଲାବେଳେ ସେ ଆମ ଆଖିରେ ଆଙ୍ଗୁଳି ଗେଞ୍ଜି ଦେଖାଇଦେଲେ ଯେ, ବର୍ତ୍ତମାନ ପର୍ଯ୍ୟନ୍ତ ଅନାହାର ତଥା ଦୁର୍ଭିକ୍ଷ ଭଳି ପ୍ରାଥମିକ ସମସ୍ୟାଗୁଡିକର ସଫଳ ସମାଧାନର ସୂତ୍ର ଖୋଜି ବାହାର କରିବାରେ ମାନବ ସମାଜ ଅକ୍ଷମ ହୋଇଛି। ସେ ପ୍ରମାଣିତ କରିଦେଲେ ଯେ, ଅନାହାରର କାରଣ ଖାଦ୍ୟଶସ୍ୟର ଅଭାବ କଦାପି ନୁହେଁ, ବରଂ ଖାଦ୍ୟଶସ୍ୟର ଉତ୍ସ ପର୍ଯ୍ୟନ୍ତ ପହଞ୍ଚିପାରିବା ସକାଶେ ମନୁଷ୍ୟର କ୍ଷମତାର ଅଭାବ। ବୈଷମ୍ୟ ଜନିତ ଅଧିକାରକୁ ପରିପୁଷ୍ଟ କରିଥିବା ଆମ୍ଭ ଅନୁସୃତ ସମାଜ ବ୍ୟବସ୍ଥା ଯେଉଁଥିପାଇଁ ସଂମ୍ପୂର୍ଣ୍ଣ ଦାୟୀ। ଏହି ସବୁ ପରେ ଅମର୍ତ୍ତ୍ୟସେନଙ୍କ ସର୍ବଶ୍ରେଷ୍ଠ ଅବଦାନ ହେଉଛି। ସେ ମାନବ ଜୀବନକୁ ଏକ ପୂର୍ଣ୍ଣାଙ୍ଗ ଏକକ ରୂପେ ଅବଲୋକନ କରିବାର ଆଗ୍ରହ ଅର୍ଥନୀତି ଶାସ୍ତ୍ରରେ ପୁନରାବିଷ୍କାର କରିଛନ୍ତି ଏବଂ ବିଭିନ୍ନ ଯୁକ୍ତି ତଥା ଉଦାହାରଣର ଆଶ୍ରୟ ନେଇ ବୁଝାଇଛନ୍ତି ଯେ, ଧନପ୍ରାପ୍ତିର ଅର୍ଥ ଅପେକ୍ଷାକୃତ ସୁଖୀ ଜୀବନ ନୁହେଁ। ଏହି ଯୋଗୁଁରୁ ତାଙ୍କ ସକାଶେ ଅର୍ଥନୈତିକ ଅଭିବୃଦ୍ଧି ହାର ବିଶେଷ ଗୁରୁତ୍ୱ ରଖେ ନାହିଁ। ଲୋକେ ଜୀବନଶୈଳୀ ସାଧାରଣ ପରିପ୍ରେକ୍ଷୀରେ କେତେ ସୁଖମୟ, ଏହି କଥାର ଗୁରୁତ୍ୱ ତାଙ୍କ ପାଇଁ ଅଭିବୃଦ୍ଧିର ହାର ଅପେକ୍ଷା ବେଶୀ। ଏହି ସୁଖମୟ ଅବସ୍ଥାର ଅର୍ଥ ମଧ୍ୟ ଏକ ସୁଦୀର୍ଘ ତଥା ସୁସ୍ଥ ଜୀବନଯାପନ ନୁହେଁ ବରଂ ମନମୁତାବକ କାର୍ଯ୍ୟ କରାଯିବାର ସ୍ୱାଧୀନତା ଏବଂ ଏହାର ଅନୁକୂଳ ଅଧିକାର ସମୂହ ହାସଲ କରିବା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ। ଜୀବନ କେମିତି ବଞ୍ଚିବା। ଏହି ସମ୍ବନ୍ଧରେ ଅମର୍ତ୍ତ୍ୟସେନଙ୍କ ଦୃଷ୍ଟିକୋଣ ଖୁବ୍ ବ୍ୟାପକ ସ୍ତରରେ ଚର୍ଚ୍ଚା କରାଯାଇନାହିଁ। ଏଣୁ ତାଙ୍କୁ ନୀତିଶାସ୍ତ୍ରରେ ଦାର୍ଶନିକ ବୋଲି ଗ୍ରହଣ କରିବାରେ ଦ୍ୱିଧା ଉପୁଜିପାରେ। କିନ୍ତୁ ସେ ଏହି କଥା ପ୍ରତି ନିଶ୍ଚିତଭାବେ ଗୁରୁତ୍ୱ ଆରୋପ କରିଛନ୍ତି ଯେ, ଲୋକେ ଉତ୍ତମ ତଥା ସ୍ୱଚ୍ଛଳ ଜୀବନଯାପନ କରିବା ନିହାତି ଜରୁରୀ ଏବଂ ଏଥିସକାଶେ ଅନୁକୂଳ ବାତାବରଣ ସୃଷ୍ଟି କରାଇବା ସର୍ବାଦୌ ଆବଶ୍ୟକ। ଯଦ୍ୱାରା କେହି ମଧ୍ୟ ଅହେତୁକ ଭେଦଭାବର ଶିକାର ହେବେନାହିଁ ଏବଂ ସମସ୍ତଙ୍କ ମୌଳିକ ମାନବିକ ଅଧିକାରଗୁଡିକୁ ସମ୍ମାନ ଦିଆଯିବ।

(କ୍ରମଶଃ...)

# ସ୍ୱପ୍ନର ଅର୍ଥ

ଡ. ସତ୍ୟନାରାୟଣ ମିଶ୍ର

ପ୍ରାୟ ସମସ୍ତ ଲୋକ ସ୍ୱପ୍ନ ଦେଖନ୍ତି। ସ୍ୱପ୍ନ ଏବଂ ଆର୍.ଇ.ଏମ୍‌ସ୍ (ରାପିଡ୍ ଆଇ ମୁଭ୍‌ମେଣ୍ଟ୍‌ସ) ଜନ୍ମ ହେବା ପୂର୍ବରୁ ଏବଂ ମୃତ୍ୟୁ ପର୍ଯ୍ୟନ୍ତ ପ୍ରାୟତଃ ଲାଗିରହିଥାଏ। କେତେକ ସ୍ୱପ୍ନ ବେଳେବେଳେ ସତ୍ୟ ହୋଇଥାଏ। କେତେକ ଏହାକୁ ସଂଯୋଗ ବୋଲି କହୁଥିବା ବେଳେ, ଆଉ କେତେକ ଏହା ପଛରେ ଚେତନାର ବିଶିଷ୍ଟ କ୍ଷମତାର ଆଭାସ ଥାଏ ବୋଲି ମତବ୍ୟକ୍ତ କରନ୍ତି। ସ୍ୱପ୍ନ ସମ୍ବଳୀୟ ତତ୍ତ୍ୱ କୁହେ ଯେ, ସ୍ୱପ୍ନର ନିର୍ଦ୍ଦିଷ୍ଟ ଅର୍ଥ କିଛି ନଥାଏ। ଅପରନ୍ତୁ, ଏହା କେବଳ ମସ୍ତିଷ୍କର ତରଙ୍ଗ ସମୂହ ଯାହାକି କିଛି ବିକ୍ଷିପ୍ତ ଚିନ୍ତା ଓ କଳ୍ପନାର ଛବି ସ୍ମୃତିର ଗହ୍ୱରରୁ ଟେଳି ଆଣି ଏକତ୍ର କରିଥାଏ। ଏହାସତ୍ତ୍ୱେ କେତେକ ନିର୍ଦ୍ଦିଷ୍ଟ ସ୍ୱପ୍ନର ଅର୍ଥ ଥାଏ ବୋଲି, କେତେକ ମତବ୍ୟକ୍ତ କରିଥାନ୍ତି। ମନୋବିଜ୍ଞାନୀ ପ୍ରଫେସର ସାଇମନ ପାଖାପାଖି ୩୫୦୦ ସ୍ୱପ୍ନର ଏକ ବିବରଣୀ ଗ୍ରନ୍ଥ ପ୍ରକାଶ କରିଛନ୍ତି, ଯେଉଁଥିରେ କେତେକ ସ୍ୱପ୍ନ ସବୁବେଳେ ନିରର୍ଥକ ବୋଲି ଲେଖାଥିବା ବେଳେ ଆହୁରି କେତେକ ସ୍ୱପ୍ନ ମହତ୍ତ୍ୱପୂର୍ଣ୍ଣ ସମ୍ଭାବନା ଗୁଡିକର ପୂର୍ବାଭାସ ବୋଲି ମତବ୍ୟକ୍ତ କରିଛନ୍ତି। ଏହି ସମ୍ପର୍କରେ କେତେକ ଘଟଣାର ଅବତାରଣା କଲେ ସମୀଚୀନ ହେବ।

ଇଟାଲୀର ସାମନ୍ତ କ୍ରୁସୋ ଥରେ ସ୍ୱପ୍ନ ଦେଖିଲେ ତାଙ୍କ ପୁତ୍ର ଏଥିସ୍‌କୁ ହତ୍ୟାକାରୀମାନେ ହତ୍ୟା କରିଦେଇଛନ୍ତି। ସେ କିଛି ସଶସ୍ତ୍ର ଅଙ୍ଗରକ୍ଷକଙ୍କୁ ପୁତ୍ରର ସୁରକ୍ଷା ପାଇଁ ନିଯୁକ୍ତ କଲେ। ମାତ୍ର ସେହିମାନେ ହିଁ ମାଲିକର ପୁଅକୁ ହତ୍ୟା କରିଦେଲେ।

ମିଶରର ରାଜା ଫାରହୋ ଥରେ ନୀଳ ନଦୀ କୂଳରେ ସାତଟି ଧଳାଗାଈ ଚରୁଥିବାର ସ୍ୱପ୍ନ ଦେଖିଲେ। ସେହି ସମୟରେ ସାତଟି କଳାଗାଈ ଦଉଡି ଆସି ଘାସ ଚରୁଥିବା ଧଳାଗାଈ ଗୁଡିକୁ ଖାଇଗଲେ। ଏହି ବିଚିତ୍ର ସ୍ୱପ୍ନର ଅର୍ଥ ସେ ଜ୍ଞାନୀ ଲୋକମାନଙ୍କୁ ପଚାରିଲେ। ସେମାନେ ଉତ୍ତର ଦେଲେ, ଏହାର ଅର୍ଥ ହେଲା ଆଗାମୀ ସାତବର୍ଷ ଆପଣ ସୁଖ ଓ ଶାନ୍ତିରେ ରହିବେ, ପର ସାତବର୍ଷ ଆପଣଙ୍କୁ ବିପତ୍ତି ପଡିବ। ସତରେ ଏପରି ଘଟଣା ମଧ୍ୟ ଘଟିଥିଲା। ସାତବର୍ଷ ହସ ଖୁସିରେ କଟିଗଲା ଏବଂ ଏହାପରେ ଭୟଙ୍କର ଦୁର୍ଭିକ୍ଷ ସାତବର୍ଷ ପର୍ଯ୍ୟନ୍ତ ପଡିଥିଲା। ଏହିପରି ରାଜାଙ୍କ ସ୍ୱପ୍ନ ସତ୍ୟସିଦ୍ଧ ହେଲା।

ଆନ୍ଧ୍ରର ରାଜା ବିକ୍ରମ ଦେବ ଥରେ ସ୍ୱପ୍ନରେ ବିଷ୍ଣୁ ଭଗବାନଙ୍କୁ ଦେଖିଲେ। ଭଗବାନ କହିଲେ - ଗୋଟିଏ ରଥ ନିର୍ମାଣ କରି ସ୍ୱୟଂ ତାହାକୁ ଟାଣ। ରାୟଲୀ ଗ୍ରାମର ରାସ୍ତା ଉପରେ ଚଲାଅ ଏବଂ ଯେଉଁଠି ରଥର ଚକ ଭାଙ୍ଗିଯିବ, ସେଠାରେ ଅଟକିଯାଇ ଖୋଳିକରି ଦେଖିବ। ସେଠାରେ ମୋର ମୂର୍ତ୍ତି ପୋତା ହୋଇଥିବ। ତାହାକୁ ବାହାର କରି ମନ୍ଦିର ନିର୍ମାଣ କର, ତୁମର କଲ୍ୟାଣ ହେବ। ରାଜା ସେହିପରି କଲେ। ନିର୍ଦ୍ଦିଷ୍ଟ ସ୍ଥାନର ମୂର୍ତ୍ତି ମିଳିଲା ଓ ସେଠାରେ ଆଜିବି କେଶବ ଭଗବାନଙ୍କ ମନ୍ଦିର ଥିବାର ଦେଖାଯାଏ।

ନୋପୋଲିୟନ୍‌ଙ୍କ ବିଶ୍ୱସ୍ତି ସେନାପତି ଥିଲେ ଷ୍ଟୀଗଲ। ମୌରଂଗୋର ଯୁଦ୍ଧ ଅଭିଯାନରେ ତାଙ୍କର ଯିବାର ଥିଲା। ଯିବାର ପୂର୍ବଦିନ ସେ ଦେଖିଲେ ଶତ୍ରୁର ସେନାଧିକାରୀ ତରବାରିରେ ତାଙ୍କର ଶିର ଛେଦନ କଲା। ଏହିକଥା ସେ ନେପୋଲିୟନ୍‌ଙ୍କୁ କହିବାରୁ ସେ ତାହାକୁ ଭୟାତୁର ମନର ଭ୍ରମ ବୋଲି କହିଲେ ଏବଂ ସେନା ସହିତ ପଠେଇ ଦେଲେ। ଯୁଦ୍ଧର ତୃତୀୟ ଦିନ ଷ୍ଟୀଗଲ ଯୁଦ୍ଧରେ ମୃତ୍ୟୁବରଣ କରିଥିବାର ସମାଚାର ମିଳିଲା। ସ୍ୱପ୍ନର ମଜା ଉଡାଉଥିବା ନେପୋଲିୟନ୍‌ଙ୍କୁ ମଧ୍ୟ ନିଜର ମତ ବଦଳାଇବାକୁ ପଡିଥିଲା।

ଥରେ ଛତ୍ରପତି ଶିବାଜୀ ସ୍ୱପ୍ନରେ କୌଣସି ସ୍ଥାନରେ ମୂଲ୍ୟବାନ ପଦାର୍ଥର ଏକ ଗର୍ତ୍ତ ଦେଖିଲେ। ତା'ପରଦିନ ସେ ସେହି ସ୍ଥାନକୁ ଯାଇ ତାଙ୍କ ବିଶ୍ୱସ୍ତ କର୍ମଚାରୀଙ୍କ ଦ୍ୱାରା ଖୋଦନ କରିବାରୁ ସ୍ୱପ୍ନରେ ଦେଖିଥିବା ସମ୍ପଦ ପ୍ରାପ୍ତ ହେଲେ।

ଏହିସବୁ ଅବତାରଣାର ସ୍ୱପ୍ନହୁଏ ଯେ, ସ୍ୱପ୍ନ ସଦାସର୍ବଦା ମିଥ୍ୟା ହୋଇନପାରେ।

*ସି-୮୬, ଲିଙ୍ଗରାଜବିହାର*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୭

"ମୁହିଁ ଶୋଇଥିଲି ରତ୍ନପଲଙ୍କରେ ନିଦ୍ରାରେ
ସ୍ୱପ୍ନ ଦେଖିଲି।
ରାଜା ଆସୁଛନ୍ତି ବୋଲିରେ କୁମର
ଯୋଗଧ୍ୟାନରେ ଜାଣିଲି ॥"

ମୁକ୍ତାଦେଈ କହିଲେ-ହେ'ପୁତ୍ର ଗୋବିନ୍ଦ, ମୃଗୟା କାଳରେ ସୈନ୍ୟମାନଙ୍କ ମୁଖରୁ ଆମ୍ଭ ନବର ନିର୍ମାଣ ସମ୍ବାଦ ପାଇ ରାଜା ଆଚମ୍ବିତ ହୋଇ ପଡ଼ିଲେ! ଯେଉଁ ରାଣୀଙ୍କୁ ନିର୍ବାସନ ଦଣ୍ଡ ସ୍ୱରୂପ ଘୋରବଣରେ ପଡ଼ି ଦେଇ ରଖାଇଥିଲେ, ସେଇ ଅଲୋଡ଼ା ପଡ଼ି ଖାଇ ରାଣୀ ଏପରି ମହଲ ନିର୍ମାଣ କରିବା ଅସମ୍ଭବ ବୋଧ ହେଉଥିଲା! ନାନା ପ୍ରକାରର ଦୁଶ୍ଚିନ୍ତାରେ ରାଜା ଘାରି ହେଲେ। ଏହା ନିଶ୍ଚୟ ଅବୈଧ ଉପାୟରେ ସମ୍ଭବ ହୋଇଥିବ ବୋଲି ଭାବି ହେଲେ। ତୁଣ୍ଡକୁ ତୁଣ୍ଡ ଏହି ଖବର ରାଜ୍ୟର ଚଉଦିଗରେ ଖେଳିଗଲା। ଏହାର ସତ୍ୟାସତ ଜାଣିବା ନିମନ୍ତେ ରାଜା ବ୍ୟାକୁଳ ହୋଇ ପଡ଼ିଲେ। ମୁକ୍ତାଦେଈଙ୍କ ନବରକୁ ତୁରନ୍ତ ଯାତ୍ରା ବ୍ୟବସ୍ଥା କରିବା ନିମନ୍ତେ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ।

ହେ'ଗୋବିନ୍ଦ ମଧ୍ୟାହ୍ନ ଭୋଜନ ସାରି ଆମ୍ଭେ ରତ୍ନପଲଙ୍କରେ ଶୋଇଥିଲୁ। ସ୍ୱପ୍ନରେ ଦେଖିଲୁ ପଦାତିକ ସୈନ୍ୟ,ଅମାତ,ପାତ୍ର, ମନ୍ତ୍ରୀଙ୍କୁ ସଙ୍ଗରେ ଧରି ରାଜା ଆମ୍ଭ ନବର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ତତ୍‌କ୍ଷଣାତ ଶଯ୍ୟା ତ୍ୟାଗ କରି ଧ୍ୟାନବଳରେ ଜାଣିଲୁ ଦୀର୍ଘ ବର୍ଷ ପରେ ସତରେ ରାଜା ଆସୁଛନ୍ତି! ତୋର ପିତାଙ୍କର ଆଗମନ ସନ୍ଦେଶ ପାଇ ଆମ୍ଭେ ଆନନ୍ଦରେ ଗଦ୍‌ଗଦ ହୋଇ ପଡ଼ିଲି। ତାଙ୍କୁ ସ୍ୱାଗତ କରିବା ନିମନ୍ତେ ସିଂହଦ୍ୱାର ସମ୍ମୁଖରେ ପ୍ରତୀକ୍ଷା କଲି। ରାଜା ହସ୍ତିରୁ ଓହ୍ଲାଇବା କ୍ଷଣି ଗଙ୍ଗାଜଳ ଭରା ସୁବର୍ଣ୍ଣପାତ୍ରରେ ପାଦଧୌତ କଲି। ଧୌତଉଦକ ପାନ କରି ଭୂମିରେ ଲୋଟି ପଡ଼ି ପ୍ରଣାମ ଜଣାଇଲି। ଅତି ସ୍ନେହରେ ହାତ ଧରି ନବର ମଧ୍ୟକୁ ପାଛୋଟି ନେଲି। ଭୋଜନ, ଜଳପାନରେ ଆପ୍ୟାୟିତ କରିବା ପରେ ପଥଶ୍ରମ ଲାଘବ ନିମନ୍ତେ ଅନ୍ତଃପୁରର ରତ୍ନପଲଙ୍କରେ ବିଶ୍ରାମର ବ୍ୟବସ୍ଥା କଲି। ପଦସେବା କାଳରେ ତୋର ପିତା ସନ୍ଦେହପୂର୍ଣ୍ଣ ଆଡ଼ ନୟନରେ ଚାହିଁ ପଚାରିଲେ, ହେ'ମୁକ୍ତା,ପଡ଼ିଖାଇ ଏପରି ସୁବର୍ଣ୍ଣ ନବର ତୋଳାଇଛ ନା ଦୋଚାରୁଣୀ ପଣରେ କରିଛ, ସତ କଥା କହ। ଯଦି ଅସତୀ ପଥରେ ଧନ ସଂଗ୍ରହ କରି ଆମ୍ଭ ସମ୍ମୁଖରେ ବଡ଼ିମା ଦେଖାଉଥାଅ, ତାହେଲେ ସାରାଜୀବନ ତୁମ୍ଭ ମୁହଁ ଚାହିଁବି ନାହିଁ। ପରପୁରୁଷ ପ୍ରତି ମନ ବଳାଉଥିବା ନାରୀ ଜନ୍ମ ଜନ୍ମ ଧରି ଅଶୁଦ୍ଧ ହୋଇଥାଏ। ହେ'ପୁତ୍ର ଗୋବିନ୍ଦ, ତୋର ପିତାଙ୍କ ମୁଖରୁ ଏପରି ହୀନବଚନ ଶ୍ରବଣ କରି ମୋର ହଂସା ଉଡ଼ିଗଲା! ମୋ ପ୍ରତି ରାଜାଙ୍କର ଏପରି ମନୋଭାବକୁ ସହ୍ୟ କରି ପାରିଲି ନାହିଁ। ଦୁଇ ହସ୍ତରେ ତାଙ୍କ ଦୁଇ ପାଦ ଧରି ଭୋ'ଭୋ ରଡ଼ିରେ କାନ୍ଦିବାକୁ ଲାଗିଲି। ବିନମ୍ର କଣ୍ଠରେ କହିଲି,ହେ' ସ୍ୱାମୀ, ତୁମ୍ଭେ ଇହ ପର କାଳର ଦେବତା। ନାରୀର ସର୍ବସ୍ୱ ସ୍ୱାମୀ। ମୋ ପ୍ରତି ଅବିଚାର କର ନାହିଁ। ସବୁ ଦୁଃଖକୁ ସହ୍ୟ କରି ପତିବ୍ରତରେ ଜୀବନ ବିତାଉଛି। ତୁମ୍ଭେ ଯେଉଁ ଶପଥ କରାଇବ, ସେପରି ଶପଥ କରିବି। ଏପରିକି ଅଗ୍ନିରେ ପରୀକ୍ଷା ଦେବା ପାଇଁ କହିଲେ ଅଗ୍ନି ମଧ୍ୟକୁ ଲମ୍ଫ ଦେବି। ସନ୍ଦିଗ୍ଧ ମନରେ ସେବିକା ମୁକ୍ତାର ସତୀତ୍ୱରେ କଳଙ୍କ ଲଗାଅ ନାହିଁ। ଏହି ନିର୍ମିତ ନବର ଅସତ୍ୟ ଉପାୟରେ ଅର୍ଜିତ ଧନରେ ନିର୍ମାଣ ହୋଇ ନାହିଁ। ନିୟତିର ବିଚାରକୁ ଅପେକ୍ଷା ନ କରି ପୁତ୍ର ପାଇବା ମୋହରେ ଯେତେବେଳେ ତୁମ୍ଭେ ଅତି ନିଷ୍ଠୁରପଣରେ ରାଜଜେମାଙ୍କୁ ବଣରେ ନିର୍ବାସନ ଦଣ୍ଡଦେଲ,କୋଉ ପିତା ମାତା ଝିଅର ଏପରି ଦଶାକୁ ସହ୍ୟ କରି ପାରିଥାନ୍ତେ! ସେଇ ଜନ୍ମଦାତା ପିତାମାତାଙ୍କ ଦାନରେ ଏଇ ସ୍ୱର୍ଗସମ ମହଲ ଗଢ଼ା ହୋଇଛି। ନାରୀର ସତୀତ୍ୱ ବଳ ବଜାୟ ରହିଥିବା ପର୍ଯ୍ୟନ୍ତ କୌଣସି ନିଷ୍ଠୁରତା ଦୁଃଖ ଦେଇ ପାରେ ନାହିଁ, ଅକାଳ ଝଡ଼ ବିନାଶ କରି ପାରେ ନାହିଁ! ହେ'ସ୍ୱାମୀ,ଅପୁତ୍ରିକ ହେଲି ବୋଲି ତୁମ୍ଭ ରାଜ ମୂଲକର ଆଇନ ମୁଣ୍ଡପାତି ଗ୍ରହଣ କରିବା ସହିତେ ସ୍ୱାମୀଙ୍କର ବିଅର୍ଥ କ୍ରୋଧକୁ ସମ୍ଭାଳି ନେବା ପାଇଁ ଆମ୍ଭର ଏଇ ପ୍ରୟାସ ସଫଳ ହୋଇଛି! ଏହାସତ୍ତ୍ୱେ ଯଦି ତୁମ୍ଭର ସନ୍ଦେହ ଜାତ ହେଉଛି, ସତୀତ୍ୱ ପରୀକ୍ଷା କରାଇ ନିଅ।

ମୁକ୍ତାଦେଈଙ୍କର ଗମ୍ଭୀର ବଚନ ଶୁଣିବା ପରେ ରାଜା କହିଲେ-ହେ'ରାଣୀ, ତୁମ୍ଭ ପରିବର୍ତ୍ତିତ ସ୍ଥିତି ଦେଖିବା ପରେ ଯେ କୌଣସି ପତି ସନ୍ଦେହ କରିବା ସ୍ୱଭାବିକ କଥା। ରାଜ୍ୟର ପ୍ରଜାଗଣଙ୍କ ହୃଦୟରେ ସେଇଭଳି ଏକା ସନ୍ଦେହ ଜାତ ହୋଇଛି। ରାଜା ଅନ୍ତର କରିଦେବା ପରେ ଘୋର ଅରଣ୍ୟ ମଧ୍ୟରୁ ରାଣୀ କେଉଁ ମାର୍ଗରୁ ଧନ ଅର୍ଜନ କରି ନବର ତୋଳିଲେ, ସେଇ ସନ୍ଦେହରେ ରାଜ୍ୟବାସୀ ଘାରି ହେଉଛନ୍ତି! ତୁମ୍ଭ ପିତାମାତାଙ୍କ ଦାନରେ ଏତେ ବଡ଼ ମହଲ ନିର୍ମାଣ ହୋଇଛି କହିଲେ ସାମାନ୍ୟ ଜଣେ ଡଗରର ସାକ୍ଷ୍ୟକୁ କେହି ଗ୍ରହଣ କରିବେ ନାହିଁ। ତୁମ୍ଭ ସତୀତ୍ୱକୁ ନେଇ ଏବେ ସାରା ରାଜ୍ୟ ହୁଲସ୍ଥୁଲ୍ ହୋଇ ପଡ଼ିଛି। ତୁମ୍ଭ ବଚନର ସତ୍ୟତା ପ୍ରତିପାଦନ କରିବା ପାଇଁ ଅଗ୍ନି ପରୀକ୍ଷା ଦେବାକୁ ହିଁ ପଡ଼ିବ। ତେବେ ଯାଇଁ ରାଜ୍ୟବାସୀଙ୍କ ସହିତେ ଆମ୍ଭ ବିଶ୍ୱାସ ଦୃଢ଼ିଭୂତ ହେବ। ରାଜାଙ୍କର ଏପରି ସର୍ତ୍ତବଚନ ଶୁଣି ଚକ୍ଷୁରୁ ଲୁହ ପୋଛିଲି। ଧର୍ମଦେବତାଙ୍କୁ ସ୍ମରଣ କରି ସ୍ୱୀକାରୋକ୍ତି ଦେବାରୁ ତୋର ପିତା ଆମ୍ଭଙ୍କୁ ସଙ୍ଗରେ ଧରି ରାଜ୍ୟକୁ ଫେରିଲେ। ତହିଁପର ଦିନ ମଶାଣି ଭୂଇଁରେ ଅଗ୍ନିକୁଣ୍ଡ ଖୋଳାଇ ରାଜ୍ୟବାସୀଙ୍କୁ ଡକାଇଲେ। ନିମଡୋହି ରାଣୀ ସତୀ ପରୀକ୍ଷା ଦେବେ, ରାଜ୍ୟବାସୀ ସ୍ୱଚକ୍ଷୁରେ ଦେଖନ୍ତୁ ଜଣାଇ ଡେଙ୍ଗୁରା ପିଟିଲେ। ଗୁଆଘିଅ,ଚନ୍ଦନକାଠ ଠୁଳ କରି ଯୁଇ ସଜାଇଲେ। ମାହେନ୍ଦ୍ରବେଳା ଦେଖି ସେଇ ଯୁଇରେ ଅଗ୍ନି ସଂଯୋଗ କଲେ। କ୍ଷଣକ ମଧ୍ୟରେ ଚିତାଗ୍ନି ହୁତହୁତ୍ ହୋଇ ଜଳିବାକୁ ଲାଗିଲା। ତୋର ପିତାଙ୍କ ନିର୍ଦ୍ଦେଶରେ ଜାହ୍ନବୀ ଜଳରେ ସ୍ନାନ ସାରି ଶୁକ୍ଳବସ୍ତ୍ର ପରିଧାନ କଲି। ଧର୍ମଦେବତାଙ୍କୁ ଜଳ ଅଞ୍ଜୁଳି ଟେକିଲି। ଜନ୍ମଦାତ୍ରୀ ପିତାମାତାଙ୍କୁ ଜଳ ଦାନ କଲି। ଆଉ ଜଳ ଅଞ୍ଜୁଳି ଗ୍ରାମ୍ୟଦେବୀଙ୍କ ଉଦ୍ଦେଶ୍ୟରେ ଟେକିଲି। ଶେଷରେ ତୋର ପିତାଙ୍କର ଚରଣଧୂଳି ମଥାରେ ଲଗାଇ ଧର୍ମଙ୍କୁ ସାକ୍ଷୀ ରଖି ପ୍ରଜ୍ୱଳିତ ଅଗ୍ନି ମଧ୍ୟକୁ ଡେଇଁ ପଡ଼ିଲି। ହରି ଓଁ ତତ୍‌ସତ।

*ଦୂରଭାଷ-୯୬୬୮୬୩୧୨୫୭*

ଉପନ୍ୟାସ



ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୩୫

**ଖୁ**ଡୀ ତୋ ପାଇଁ ମନଦୁଃଖ କରୁଛନ୍ତି ବୋଲି! ଚମକିପଡିଲା ଦେବା ପାରୋର ଉତରରେ। ସେ ବି ଜାଣିଛି ମାଆର ଏ ଗୁଣକୁ। ମାଆକୁ କେତେ ସୁନ୍ଦର ଭାବେ ଚିହ୍ନିଛି ସେ। ସତରେ ମାଆକୁ ସେ ଖୁବ୍ ଭଲପାଏ। ସଂସାରରେ ସେ ଦୁହିଁଙ୍କୁ ବେଶୀ କେହି ଭଲପା'ନ୍ତିନି। ଯଦି କେହି ଏତେ ଆପଣାର ଭାବି ଭଲପାଉଛି ତେବେ ତାକୁ ଏତେ ହତାଦର କରିବା ଅନ୍ୟାୟ ହୋଇଛି! ସେ ଆଉ ତାକୁ ଈର୍ଷା କରିବନି। ଅନ୍ତତଃ ତା ମାଆ ତ ଖୁସି ହେଉଛି ତାକୁ ଦେଖି। ସେଥିପାଇଁ ସେ ସହିଯିବ ତା ଉପସ୍ଥିତି। ପାରୋ ତାଙ୍କ ଅଗଣା ଭିତରକୁ ପଶିବାକୁ ଯାଉଥିଲା ଦେବା ପୁଣି ମନେପକାଇ ଦେଲା- ତୋତେ ମାଆ ଡାକିଛି। କାଲି ଯେମିତି ହେଲେ ଯିବୁ। ପାରୋ କିଛି କହିନଥିଲା। ଦେବା ଫେରିଲା ପଶ୍ଚାତାପରୁ..। ତାପରଦିନ ସ୍କୁଲରେ ଖେଳଛୁଟି ବେଳେ ପୁଣି ପାରୋକୁ ପଚାରିଲା-

ଏବେଯାଏଁ ରାଗିଛୁ ମୋ ଉପରେ?

ରାଗିବି କାହିଁକି? ଜାଣିଛି ତୁ ମୋତେ ଘୃଣା କରୁ ବୋଲି।

ନା ନା..ମୋ ମାଆ ତୋତେ ଭଲପାଏ ବୋଲି।

ଦେବା ମୁଁ ଠିକ୍ ଜାଣିଛି! ସେଥିପାଇଁ ଆଉ ଯିବିନି ତୁମ ଘରକୁ। ତେଣୁ ବ୍ୟସ୍ତ ହେବୁନି। ତୋ ମାଆ ଖାଲି ତୋର। ମୋର ସିନା ଖୁଡୀ! ଦେବା ଚମକିପଡିଲା-ଆରେ ସତେ ତ ଯାହାକୁ ବି ମାଆ ଭଲପାଇଲେ ସେ ତାର ମାଆ ତ ହୋଇଯିବନି। ଏଇ ଛୋଟିଆ କଥାକୁ ନବୁଝି ଏତେ କାଣ୍ଡ କାହିଁ କରିପକାଇଲା ଯେ!

ସେସବୁକୁ ଭିତରେ ଚାପିନେଇ ଦେବା କହିଲା-ମାଆ ପୁଣି ରାଗିବ ମୋ ଉପରେ। ତେଣୁ ଯେମିତି ଯାଉଥିଲୁ ସେମିତି ଯିବୁ। ମୁଁ ତୋତେ ଆଉ କିଛି କହିବିନି।

ହଉ..କହି ପୁଣି ଧାଇଁଲା ଗୋଡି ଡିଆଁ ଖେଳିବାକୁ। ଦେବା ଦେଖୁଥିଲା ସେ ନିରୀହ ରୂପ। ଅବାଗିଆ ଦିଶୁଥିଲେ କଣ ହେବ..ତା ମନଟା ଖୁବ୍ ସୁନ୍ଦର। ନହେଲେ ଖତଗଦାରେ ପକାଇ ଦେଇଥିଲା ବୋଲି ସେ କଣ ତାକୁ ଏତେ ସହଜରେ ଛାଡି ଦେଇଥାନ୍ତା! ତା ବାପାକୁ କହି ତା ମାଆ ପାଖେ ତୁମୁଳ କାଣ୍ଡ କରିଥାନ୍ତା ନା! ପାରୋ କିନ୍ତୁ ଏସବୁର ଉର୍ଦ୍ଧ୍ୱରେ ଥାଇ ହଜିଯାଇଥିଲା କିଛି ସାଂଗସାଥୀଙ୍କ ମହଲରେ। ତା ସରଳ ଓ ନିରୀହପଣ ବାରି ହୋଇପଡୁଥିଲା ଏତେ ଗହଳି ଭିତରେ!

ସମୟ ଗତିଶୀଳ ଆଗପରି! ଏବେ ସେମାନେ କଲେଜରେ ପଢିଲେଣି। ଯେନତେନ କରି ପାରୋ ପାଶ୍ କରି ଗାଁ କଲେଜରେ ପଢୁଛି। ଦେବା ତା ଛୋଟିଆ କଲେଜଠୁ ଆଉ ଟିକେ ଦୂରରେ ଥିବା ସ୍ୱୟଂଶାସିତ କଲେଜରେ। ସେ ବସ୍‌ରେ ଯିବା ଆସିବା କରେ। ପାରୋ କିନ୍ତୁ ଘର ପାଖ ବୋଲି ସାଇକେଲ୍‌ରେ ଯାଏ। ସେ ଆଗ ଅପେକ୍ଷା ଅଳ୍ପ କିଛି ବଦଳିଛି ଚେହେରା ଓ ରଙ୍ଗଢଙ୍ଗରେ। ଆଗଠାରୁ ବି ମାର୍ଜିତ କିଛି। ବି.ଏ ପାଶ୍ କଲା ପରେ ତା ବାପା ପାରୋକୁ ବାହା ଦେଇ ଘର ଜ୍ୱାଇଁ କରି ରଖିବ ବୋଲି ଲୋକେ କୁହାକୁହି ହୁଅନ୍ତି। ତାର କୋଉ ଚାକିରୀ ଚିନ୍ତା ଯେ ସେ ପାଠ ପଢିବ ଉଚ୍ଚ ଆଶା ରଖି!

ଅବଶ୍ୟ ସେ ଘଟଣା ପରଠୁ ସେ କେବେକେବେ ଘରକୁ ଆସେ। ଆଗଠାରୁ କମିଯାଇଛି ତା ଆସିବା। କିଛି ସମୟ ରହି ଚାଲିଯାଏ। ମାଆ ଯେତେ ଡାକିଲେ ବି ଆଉ ଖାଏନି ତା ସହିତ। ଦେବା ବି ତା ସହିତ ଆଉ କଳି ଝଗଡା କରେନି। ବିଶେଷ କଥା ହେବାର କୌଣସି କାରଣ ବି ତ ନଥାଏ। ଝଗଡା କାହିଁକି ହୁଅନ୍ତା! କିନ୍ତୁ ସେଦିନ ପରେ ସେ ଅଚାନକ ଏତେ ବଦଳିଗଲା! ଦେବଦାସ ଯେତେ ଭୁଲ୍ ମାଗି ତାକୁ ଘରକୁ ଡାକିଲେ ବି ସେ ଯାଏନି। ତା ଇଚ୍ଛା ହେଲେ କେବେକେବେ ଯାଏ।

ତାର ଢେର୍ ଦିନ ପରେ ମାଆର ଅସୁସ୍ଥତା। ଦେବା ସେତେବେଳେ ମାଆର ଲଗାତାର ଅସୁସ୍ଥତା ଭିତରେ ପୁରା ଭାଙ୍ଗି ପଡିଥିଲା। ସେଥିପାଇଁ ପାରୋ ବି ଆଜିକାଲି ଘରକୁ ଆସିବା ବଢାଇ ଦେଇଥିଲା। ମାଆର ଅଧିକ କାମ ସେ ହିଁ ତ କରୁଥିଲା। ବେଳପଡିଲେ ତା ଲୁଗାପଟା ଧୋଇ ଦେଉଥିଲା। ଅଳ୍ପ କିଛି ଖାଇବା ବନାଇ ବଳେଇ ବଳେଇ ଖୁଆଉଥିଲା। ଔଷଧ ପତ୍ର ଜଗିରଖି ଦେଉଥିଲା। ଏତେ ଧ୍ୟାନ ନିଜେ ଦେବଦାସ ତ ରଖିପାରିନଥାନ୍ତା! ଏଭଳି ଅସମୟରେ ପାରୋ ଦେବୀଟେ ଭଳି ସାହା ହୋଇଥିଲା ମାଆ ପୁଅ ଉଭୟଙ୍କୁ।

ଦେବା ଆଶା ହରାଇ ଆକାଶରେ ନିଜ ଭାଗ୍ୟ ଉଣ୍ଡୁଥିଲା ବେଳେ ସେ ପାଖରେ ଛିଡା ହୋଇ କହୁଥିଲା-ଖୁଡୀ ଭଲ ହୋଇଯିବ। ତୁ ବ୍ୟସ୍ତ ହ'ନି। ହେଲେ ଦେବା ଜାଣେ ତା ମାଆ ଆଉ ଭଲ ହେବନି। ଏତେ ଟଙ୍କା କୋଉଠୁ ଆସିବ ଯେ! ଡାକ୍ତର ବି ମନା କରିସାରିଲେଣି। ଆଉ କିଛି ଭରସା ନାହିଁ। କେବେ ଚାଳରେ ପେଚାଟେ ବସିଗଲେ ମନଟା ଦବିଯାଏ। ଦେବା ଧାଇଁଯାଏ ଭିତରକୁ। ଆଉ ଡାକେ-ମାଆ, ମାଆ ବୋଲି। ଶୁଣିବାରେ ବିଳମ୍ବ ହେଲେ ତା ନାକ ପାଖେ ହାତ ଦେଇ ନିଶ୍ୱାସ ପ୍ରଶ୍ୱାସ ପରଖେ। ତାପରେ ଆଶ୍ୱସ୍ତ ହୁଏ ଯେ ଟିକେ ନିଦରେ ଶୋଇଯାଇଛି ତା ମାଆ! ଶେଷବେଳକୁ କେତେ କଷ୍ଟ ପାଉଛି! ଶୁଖି କି ବାଉଁଶିଆ ପାଲଟିଗଲାଣି। ତା ନିଜ ଲୁଗା ତାକୁ ତମ୍ବୁ ଘୋଡିହେଲା ଭଳି ଦିଶୁଛି! ଆଖି ଭିତରେ କାଇଁଚ ପରି କୁନି କୁନି ଡୋଳା କିଛି ସମୟ ଜଳି ନିସ୍ତେଜ ହୋଇଯାଉଛି।

ଆଗଭଳି ଅଗଣାରେ ଦେବା..ଦେବୁନା..ଧନ,କୁଆଡେ ଗଲୁରେ ବାପା,ଏସବୁ କିଛି ଡାକ ଶୁଭୁନି। ଖାଁ ଖାଁ ଲାଗୁଛି ଘର। ପତ୍ର ପଡିବାର ଶବ୍ଦରେ ବି କାନ ତାଢା ଲାଗୁଛି ଆଜିକାଲି! ମାଆ ବେଳେବେଳେ ଖୁବ୍ କ୍ଷଣ ସ୍ୱରରେ ଡାକୁଚି ଜାଣି ବି ହେଉନି। ତା ଡାକଠୁ ବଣି କି କୁଣ୍ଢାଖିଆ ଚଢେଇର ଡାକ କେତେ ତୀବ୍ର! ନିଶ୍ୱାସ ପ୍ରଶ୍ୱାସ ନେଲାବେଳେ ଖୁବ୍ ଯୋରରେ ଶବ୍ଦ କରୁଛି ଫୁଙ୍କାନଳରେ ଚୁଲିକୁ ଫୁଙ୍କିଲା ପରି! ଲାଗୁଛି ଖୁବ୍ ସଂଘର୍ଷ କରୁଛି ତା ଭିତରର ପବନ ଟିକକ ପାଇଁ। ମୃତ୍ୟୁକୁ ପରାହତ କରିବାକୁ ତାର ସଂଗ୍ରାମ! ଫଡ୍ ଫଡ୍ ହୋଇ ଚଢେଇମାନେ ଉଡିଗଲେ ଦେବାର ମନଟା ଓଦାଳିଆ ହୋଇଯାଏ। ପତ୍ରମାନେ ଶିରିଶିରି ହୁଅନ୍ତି।

କେହି ପାଚିଲା ପତ୍ର ଝରିପଡନ୍ତି ନିଃଶବ୍ଦରେ। ଛନକା ପଶେ ଦେବା ମନରେ। ଶୁଖିଲା ପତ୍ରକୁ ହାତରେ ପରଖେ..ହଁ ମାଆ ଏବେ ଶୁଖିଗଲାଣି ଏଇ ପତ୍ର ପରି! କେତେବେଳେ ଗଛରୁ ଝରିପଡିବ କାଳେ! ଦେବା ମାଆକୁ ଜାବୋଡି ଧରି ଶୁଏ। ପୁଣି ବେଳେବେଳେ ଲାଗେ ମାଆକୁ କଷ୍ଟ ହେବ କାଳେ। ପୁଣି ମାଆ କାଶେ..! ଆଉ କେବେ ପାରେନି.. ଗଁ ଗଁ ହୁଏ। ଏ ନିର୍ମମ ରୋଗ କ୍ୟାନସର୍ ଜୀବନ ନନେଇ ଯିବନି ବୋଧହୁଏ। ହେଲେ ଏତେ ବଡ ସଂସାରରେ କଣ ଏକା ତା ମାଆ ମିଳିଥିଲା ଏଭଳି ଦୁରାବ୍ୟାଧି ପାଇଁ?

ଦେବା ପୁଣି ବିକଳ ଆକୁଳ ହୋଇ ତା ପାଟିପାଖେ ଲୁଗା ଗେଞ୍ଜିଦିଏ। ରକ୍ତ ପଡି କାଳେ ଅଠାଳିଆ ଲାଗିବ ତାକୁ। ଶୋଇ ପାରିବନି ମାଆ। ଝାଡା ପରିସ୍ରା ସବୁ ସେଇଠି। ଦେବା ପଲିଥିନ୍ ରଖିଥାଏ। ଯାହାହେଲେ ବି ମାଆ ବଂଚି ରହୁ ଏମିତି। ଏକା ଏକା କୋଉ ଅନାଗତ ଭବିଷ୍ୟକୁ ଅପେକ୍ଷା କରିଥାଏ କେଜାଣି! କେବେକେବେ ମାଆର କଷ୍ଟ ତାକୁ ଅଥୟ କରିଦିଏ। ଆଉ କେବେ ଭାବେ ନା..ତାର ଉପସ୍ଥିତି ଏମିତି ଥାଉ। ତା ପଞ୍ଜରା ହାଡ ଗଣି ହୋଇଯାଏ। ସପ ଭିତରେ ନେସିହୋଇ ତା ଦେହସାରା ଦାଗ ହୋଇଯାଏ ବୋଲି ପାରୋ କନ୍ଥାଟେ ପାରି ଶୁଆଇ ଦେଇଛି ଆଜି ତାକୁ। ପାରୋ ଆସି ମାଆକୁ ଉଠାଏ। କାନ୍ଥକୁ ଆଉଜେଇ ବସାଏ। କେବେକେବେ ଛୋଟପିଲାଟେ ପରି ମାଆକୁ ସେ ଟେକିଆଣେ ବାହାରକୁ। ତା ମୁଣ୍ଡରେ ତେଲ ଲଗାଇ ବାନ୍ଧି ଦିଏ। ଅବଶ୍ୟ କେଇଦିନ ତଳେ..କଇଁଚି ଆଣି ମାଆର ଗହଳିଆ କେଶକୁ କାଟି ପକାଇଥିଲା। ଆଜି ତା କହରା ଓ ଝାମ୍ପୁରା କେଶସବୁକୁ ବାନ୍ଧି ଦେଇଛି। ତା ଦେହରେ ବି ତେଲ ମାରି ଲୁଗାକୁ ଭଲକରି ପିନ୍ଧେଇ ଦେଇଛି। ମାଆ ମୁହଁରେ ଶୁଖିଲା ହସ ଆଜି ବହୁତ ଦିନ ପରେ! ଥର ଥର ସ୍ୱରରେ କହୁଚି-ମୋ ମାଆଟା ଇଏ!


(କ୍ରମଶଃ...)

ବିଶେଷ କବିତା

# ଶବ୍‌ଦେଶ୍ୱରୀ



ଗିରିଜା ପ୍ରସାଦ ମିଶ୍ର



**ବା**ରମ୍ବାର
ତୋ ଅଦୃଶ୍ୟ ଇସାରାରେ
ଚାଲିଆସିଚି
ତୋ ମାୟାର ପୃଥିବୀକୁ,
ଏଡ଼େଇପାରିନି ତୋ
ନୀଳ ନିମନ୍ତ୍ରଣକୁ।

ତୋ ଦୃଷ୍ଟିର ସୀମାନ୍ତରେ
ମୁଁ ଏକ
ସୀମାବଦ୍ଧ ପକ୍ଷୀ,
ଚାହିଁବସିଛି
ମୋ ଆକାଶମୟତାକୁ।

ମୁଁ ଦେଖିଛି,
ତୁ କେମିତି ସୃଜିପାରୁ
ଫୁଲରେ ପରାଗ,
ଜହ୍ନ ଦେହେ
କଳଙ୍କର ଦାଗ,
ପୁଣି କେବେ ଦଗ୍‌ଧ କରୁ
ମୋ ସ୍ମୃତି ଆଉ ବିସ୍ମୃତିର
ସ୍ନିଗ୍ଧ ପଦ୍ମବନ,
ଭଅଁରଙ୍କ
ମଧୁର ଗୁଞ୍ଜନ।

ତୋ କୁହୁକିତ
କଦମ୍ବବନରେ ମୁଁ ଯେ
ବିଭୋର ବଇଁଶୀଆଳ,
ତୋ ରୁଦ୍ରବୀଣାର
ତାରମାନଙ୍କରେ ଗୁନ୍ଥା
ଆରୋହ ଅବରୋହରେ
ଇଥରାୟିତ ମୋ
ସନ୍ତାପିତ ପ୍ରାଣ,
ଶରାହତ କ୍ରୌଞ୍ଚର କ୍ରନ୍ଦନ।

ତୁ କ'ଣ ଋତୁପର୍ଣ୍ଣା?
କେବେ ମୋ ଶୀତଳପ୍ରାଣରେ ଦେଉ
ଛାତିଏ ଉଷ୍ମତା,
ପୁଣି କେବେ
ରାତିର ରୌଦ୍ରରେ ଢାଳୁ
ଆଞ୍ଜୁଳେ କାକର।

ତୁ ଯଦି ନାଗକନ୍ୟା,
ତୋ ସର୍ପିଳକୁଣ୍ଡଳୀରେ
ଆବଦ୍ଧ ମୁଁ,
ତୋ ନୀଳନୀଳ ଦଂଶନରୁ
ମୁକୁଳିବା ପାଇଁ
ନିର୍ବିକାରରେ ଫୁଙ୍କିଚାଲିଛି
ନାଗେଶ୍ୱର।

ତୋ ଯାତନାର ଯୁଦ୍ଧଭୂମିରେ
ନିରସ୍ତ୍ର ସୈନିକଟିଏ ମୁଁ,
ମୃତ୍ୟୁ ପୂର୍ବରୁ
ଅହରହ ଖୋଜୁଥାଏ
ଶିରସ୍ତ୍ରାଣ,
ତୋ ତୃଷ୍ଣାର ତପୋବନରେ
କୋଉକାଳୁ ମଗ୍ନଥିବା
ତପସ୍ୱୀ ମୁଁ,
ତୋ ସାନ୍ନିଧ୍ୟରେ
ସତେ କିବା ପାଇଯିବି ମୁକ୍ତି,
ତୋ ବିହୁନେ
ବିକଳ ମରଣ।

*ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ*
*ବୌଦ୍ଧ - ୭୬୨୦୧୪*
*ମୋ : ୯୪୩୭୩୫୯୩୨୩*

# ଚୁଗୁଲିବାଜିର ନିମନ୍ତ୍ରଣ

ମୂଳ ରଚନା(ହିନ୍ଦୀ)-ଜୟା ନର୍ଗିସ

ଅନୁବାଦ-ଦେବସ୍ମିତା ବେହେରା



***ଆମର ଛୋଟ ସହରରେ ଯଦି କିଏ କେଉଁଠି ଛିଙ୍କିଲା କିମ୍ବା ହାକୁଟିଟେ ମାରିଲା,ସେ ଖବର ମଧ ପ୍ରଥମ ସାଙ୍ଗଠୁ ଦ୍ୱିତୀୟ ସାଙ୍ଗ,ଆଉ ଦ୍ୱିତୀୟଠୁ ଦଶମ-ବାରତମ ସାଙ୍ଗ ପର୍ଯ୍ୟନ୍ତ ଫଟା ଫଟ ପହଞ୍ଚି ଯାଉଥିଲା। ତାହା ପୁଣି ରାଗ-ଖଟା ମସାଲେଦାର ଚାଟ୍ ରୂପରେ।***

**ମୁଁ** ଆଜ୍ଞା ଗୋଟିଏ ଛୋଟ ସହରରେ ମେଳାପୀ ସଭ୍ୟତା ଭିତରେ ରହିବା ପ୍ରାଣୀ। ଯେତେବେଳେ ମୁଁ ଏହି ବଡ ସହରର ବଡ କଲୋନୀରେ ବଡ ବଡ ଲୋକଙ୍କ ଭିତରେ ରହିବାକୁ ଆସିଥିଲି, ବହୁତ ଅଡୁଆ ଲାଗୁଥିଲା ମୋତେ। ଏତେ ବଡ ସହର ଅଥଚ ନା'ତ କେହି କାହାକୁ ରାମ୍ ରାମ୍ କରନ୍ତି ନା' କାହାକୁ ଅଭିବାଦନ। ସମସ୍ତେ ଯେମିତି ନିଜ ନିଜ ଦୁନିଆରେ ବ୍ୟସ୍ତ ଆଉ ମସ୍ତ। ଏପରି ପରିସ୍ଥିତିରେ ଆଜ୍ଞା ମୋତେ ବହୁତ ଅସ୍ତ ବ୍ୟସ୍ତ ଲାଗିଲା। କାରଣ, ମୁଁ ଯେଉଁ ଛୋଟ ସହରର ଛୋଟ ସାହିର ଛୋଟ ଲୋକଙ୍କ ଭିତରୁ ଏଇ ସହରକୁ ଆସିଥିଲି, ସେଠି ସମସ୍ତଙ୍କ ଭିତରେ ଥିଲା ବହୁତ ପ୍ରେମ ଆଉ ମିଳାମିଶା। ବିଶେଷ କରି ମହିଳା ମାନଙ୍କ ଭିତରେ। କାରଣ ସେମାନେ ପରସ୍ପର ସହିତ ବିନା କଥାବାର୍ତ୍ତାରେ ନା'ତ ଛିଙ୍କୁଥିଲେ ନା' ହାକୁଟି ମାରୁଥିଲେ। ଏମିତିକି ଆମ ଛୋଟ ସହରରେ ଯଦି କିଏ କେଉଁଠି ଛିଙ୍କିଲା କିମ୍ବା ହାକୁଟିଟେ ମାରିଲା, ସେ ଖବର ମଧ୍ୟ ପ୍ରଥମ ସାଙ୍ଗଠୁ ଦ୍ୱିତୀୟ ସାଙ୍ଗ,ଆଉ ଦ୍ୱିତୀୟଠୁ ଦଶମ-ବାରତମ ସାଙ୍ଗ ପର୍ଯ୍ୟନ୍ତ ଫଟା ଫଟ ପହଞ୍ଚି ଯାଉଥିଲା। ତାହା ପୁଣି ରାଗ-ଖଟା ମସାଲେଦାର ଚାଟ୍ ରୂପରେ,ଯାହାକୁ ସମସ୍ତେ ଟାକରା ନେଇ ନେଇ ଶୁଣନ୍ତି ଆଉ ଶୁଣାନ୍ତି।

ଓଃ..! ସେ ଦିନ ଗୁଡାକବି କେମିତିକିଆ ଦିନ ଥିଲା! ସେଠାକାର ଲୋକମାନେ ମଧ୍ୟ କେମିତିକା ଲୋକ ଥିଲେ! ପୁରୁଣା ଦିନର କଥା ମନେ ପଡିଲା ମାତ୍ରେ ମୋ ମୁହଁରୁ ଆହଃ..ବାହାରିଯାଏ। ସେଠାକାର ଚଟପଟା ଖବରରେ ଭରା ସେ ଉଷୁମ ଦ୍ୱିପହରର ସବୁ ରାଗ ମସଲାରେ ଭରା ରେଶମୀ ସନ୍ଧ୍ୟା ସବୁ ରହି ରହି ଲାଳାୟିତ କରନ୍ତି ମତେ। ଆଉ ଏଠିକାର ମନହୁସିୟତ୍..! ଓଫ୍!..କେମିତି କଟିବ ମୋ ଦିନ-ରାତି। ଏହି ଚିନ୍ତାରେ ମୋର କଖାରୁ ଭଳି ହୃଷ୍ଟ ପୁଷ୍ଟ ଶରୀର ଶୁଖି ଶୁଖି ଲାଉ ଭଳିଆ ହେବାକୁ ଲାଗିଥିଲା। ସମସ୍ତେ ଚିନ୍ତାରେ ପଡିଗଲେ ଘରେ। ଡାକ୍ତରଙ୍କୁ ଦେଖାଇବାରୁ ସେ କେତେ ଟେଷ୍ଟ କଲେ କ'ଣ କହିବି? ଆଉ ପାଖା ପାଖି ପଚାଶ ପ୍ରକାରର ଔଷଧର ଲିଷ୍ଟ ଆଉ ପାଞ୍ଚ? ହଜାର ଟଙ୍କାର ବିଲ୍ ଧରେଇ ଦେଲେ ଆମକୁ। ଦାରିଦ୍ର୍ୟରେ ଅଟା ଓଦା ହେଲାଭଳି ମୋର ଅବସ୍ଥା ଖରାପରୁ ଅତି ଖରାପ ହେବାକୁ ଲାଗିଲା। ଏକରେତ ନୀରସ କଲୋନୀର ମନହୁସ୍ ପରିବେଶରେ ବୋରିଙ୍ଗ୍ ଦିନ ସବୁ। ଆଉ ତାଟଉପରେ ପିତା-ପିତା ଖାଲି ଔଷଧର! ସେଥିରେ ପୁଣି ଔଷଧ ବିଲ୍ ର ମୋଟା ଦାମ୍ ଦେବାର ଯେଉଁ ସଉକ ଲାଗିଲା ତା' କଥା ଆଉ କୁହନ୍ତୁନି। ଲାଭ ବଦଳରେ ବରଂ ଆହୁରି ଅଧିକ କ୍ଷତି ହୋଇଗଲା। ଅର୍ଥାତ ମୋ ଶରୀର ଏବେ ଶୁଖି ଶୁଖି ଲାଉଠୁ ପହିଲିମାନ୍ ଛାପ ଅଗରବତୀ ଆରେ ନା'..ନା'..ସରୁ ସିଙ୍କ୍ ଭଳି ହୋଇଗଲା।

ଆଶା ରୂପି ଚଢେଇ ସବୁ ମୋ ହାତରୁ ଉଡି ଯାଉଥିବାରୁ ଦେଖି ମୁଁ ଆଉ ସମ୍ଭାଳି ପାରିଲିନି। ନିଜର ଆତ୍ମବଳକୁ ରଣହୁଙ୍କାର ଦେଇ କହିଲି,"ଆରେ ଓ ନିଷ୍ଠୁର..ତୁ କୁଆଡେ ଗଲୁ! ସେହି ଛୋଟ ସହରରେ ତ ତୁ ସକାଳୁ ଯାଏଁ ଏଠୁ ସେଠିକି, ଏଘରୁ ସେ ଘର, ଏ କାନରୁ ସେ କାନ ପର୍ଯ୍ୟନ୍ତ ନନ୍‌ଷ୍ଟପ ଗସିପ୍ ଚ୍ୟାନେଲ୍ ଚଲଉଥିଲୁ। ଆଉ ସେଥିପାଇଁ ଖୋଜୁଥିଲୁ ନିତି ନୂଆ ନୂଆ ସ୍କନ୍‌ର୍ସ। ତୁ ତୋ ନିଜର ଗଡଫାଦର ଥିଲୁ। ଆଉ ଏବେ..ଏବେ ତୋ'ର ଏ କି ଅବସ୍ଥା!" ଯେବେଠୁ ତୁ ଏ ବଡ ସହରକୁ ଆସିଲୁ ବିନା ସୂଚନାରେ ଦୂରଦର୍ଶନରେ ପ୍ରସାରିତ ହେଉଥିବା ଧାରାବାହିକ ବନ୍ଦ ହେଲାଭଳି ସ୍ଥିତି ହେଲାଣି ତୋ'ର। କେବେ ସେ ଦିଗ ପ୍ରତି ଧ୍ୟାନ ଦେଇଛୁ? କ'ଣ..ଏବେ ତତେ ଆଉ ନୂଆ ସ୍କନ୍‌ର୍ସ ମିଳୁ ନାହାନ୍ତି..ନା' କାହାଣୀଙ୍କ ପ୍ଲଟସ୍‌ର ଅକାଳ ପଡିଗଲା? ତୋ ଭଳି ଗଡଫାଦରଙ୍କଠୁ ତ ଫିଲ୍ମ ହିରୋଇନ୍‌ଙ୍କର ସେଇ ସେକ୍ରେଟାରୀ ମାନେ ଭଲ, ଯିଏ ବାରମ୍ବାର ଫ୍ଲପ୍ ହେଉଥିବା ନିଜ ମ୍ୟାଡାମ୍‌ଙ୍କ ପାଇଁ ନିଜେ କାହାଣୀ ଲେଖନ୍ତି ହେଲେ ଫିଲ୍ମ ବନେଇବାତ ଦୂରର କଥା,ତା'ର ମୂହୁରତ ମଧ କରିପାରନ୍ତିନି। ଛି ଧିକ୍ ତତେ ଆଉ ତୋ'ର ଟ୍ୟାଲେଣ୍ଟକୁ।

ମୋର ଚୈଲେଞ୍ଜିଙ୍ଗ୍ କେଳାର ରାଗିଣୀ ଶୁଣି ନିଜର ଖୋଳପା ଭିତରୁ ମୁଣ୍ଡ ଟେକି ଠିଆ ହେଲା ମୋର ଆତ୍ମବଳ। ଆଉ ତା'ପରେ ଜୋର୍ ଜୋର୍‌ରେ ଫୁତ୍କାର କରିବାକୁ ଲାଗିଲା ନିଜର ଫଣାକୁ ହଲେଇ ହଲେଇ। ଏକାଧିକ ବଢିଆ ବଢିଆ ଆଇଡିଆ ସବୁ ଆସିବାକୁ ଲାଗିଲା ମୋ ମୁଣ୍ଡରେ। ମୁଁ ନିଜର ଗଡଫାଦର ଅର୍ଥାତ ଆତ୍ମବଳ ସହିତ ଗୋଟିଏ ସିଲେକ୍ସନ କମିଟି ଗଠନ କରି ଆରାମରେ ବସିଗଲି। ପ୍ରତ୍ୟାଖାନ ଉପରେ ପ୍ରତ୍ୟାଖାନ ମିଳିବା ସତ୍ତ୍ୱେ ଆମେ ଲାଗିଯାଇଥିଲୁ ବଢିଆ ଆଇଡିଆ ଚୟନରେ। ଏହି ପ୍ରକିୟା ସରିବା ବେଳକୁ'ଯାର ଟୋପି ତା' ମୁଣ୍ଡ', 'ଯାହାର ଜୋତା ତାହାର ମୁଣ୍ଡ', 'ଯାହାର ଲାଠି ତା'ର ମଇଁଷି' ଭଳିଆ ପ୍ରଣାଳୀବଦ୍ଧ ଯୋଜନା ଗୁଡିକ ପରେ ଶେଷରେ 'ସୂତା ନା' ତୁଳା..ବୁଣାକାରଙ୍କ ଭିତରେ ବାଡିଆ ପିଟା' ଭଳି ଡ୍ରାମାକୁ ବିନା ଟିକେଟରେ ଦେଖିବାର ଅପୂର୍ବ ସୁଯୋଗ ମିଳିଗଲା ଆମକୁ। ଆପଣମାନେ ବୁଝି ଗଲେତ? ନା' ବୁଝି ନାହାନ୍ତି..ତା'ହେଲେ ନିଅନ୍ତୁ ମୁଁ ଆପଣଙ୍କୁ ଖୋଲିକରି ବୁଝେଇ ଦେଉଛି।

ଆମର ସିଲେକ୍ଟେଡ୍ ଆଇଡିଆ ଭିତରୁ ସବୁଠୁ ଧାଁସୁ ଆଇଡିଆ ଥିଲା "ଚୁଗୁଲିବାଜି କରିବା"। ସେମିତିରେ ଦେଖିବାକୁ ଗଲେ ଏହା ବଡ-ବଡିଆ ମାନଙ୍କର ବହୁ ପରୀକ୍ଷିତ ତୁଟୁକା। ଯାହାକୁ ଆମ ଦେଶରେ କୋଣ ଅନୁକୋଣରେ ଧର୍ମ ନିରପେକ୍ଷତା ସହ ସ୍ୱୀକାର ଆଉ ପ୍ରୟୋଗ କରାଯାଏ। ଅର୍ଥାତ୍ ଯେକୌଣସି ଜାତି,ଧର୍ମ, ଭାଷା ଅବା ପ୍ରାନ୍ତର ଲୋକମାନଙ୍କର ଚୁଗୁଲି, ଯେକୌଣସି ଜାତି,ଧର୍ମ, ଭାଷା ଅବା ପ୍ରାନ୍ତର ଲୋକମାନଙ୍କ ସହିତ କରିପାରିବେ। ଆଉ ଆପଣ ଯେ ସେଥିରେ ଶହେ ପ୍ରତିଶତ ସଫଳ ହେବେ ଯାହାର ଗ୍ୟାରେଣ୍ଟି ମୁଁ ଆପଣଙ୍କୁ ଦେଉଛି। ଆମ ଦେଶର ଲୋକମାନେ ପଛେ ପରସ୍ପରର ହାତରୁ ଖାଦ୍ୟ ଖାଇବା,ପାଣି ପିଇବାକୁ ପସନ୍ଦ ନକରନ୍ତୁ, କିନ୍ତୁ ସ୍ୱାଦିଷ୍ଟ ଚୁଗଲି ଖାଇବାକୁ କେହି କେବେ ମନା କରନ୍ତିନି। କ'ଣ ଆପଣ ମାନେ ଭାବୁଛନ୍ତିକି ଏଇ ଚୁଗୁଲିବାଜିରୁ ମୋତେ ମିଳିବ କ'ଣ? ମୁଁ ଆପଣଙ୍କୁ ପ୍ରଥମରୁ କହିଥିଲିନା..ଏହି ବଡ ସହରର ବଡ କଲୋନୀରେ ରହୁଥିବା ବଡ ବଡ ଲୋକମାନେ ପରସ୍ପର ସହିତ କଥାବାର୍ତ୍ତା ହୁଅନ୍ତିନି ବୋଲି। ନା'ତ ତାଙ୍କ ପାଖରେ ଏସବୁ ପାଇଁ ବେଳ ଅଛି..ନା'ତ ସେମାନେ ସାମ୍ନାବାଲାଙ୍କୁ କଥାବାର୍ତ୍ତା ପାଇଁ ଯୋଗ୍ୟ ଭାବନ୍ତି। ଏଠି ସମସ୍ତଙ୍କ ମୁଣ୍ଡରେ କିଛି ନା' କିଛି ବିଶେଷତା ଅଛି, ସତେ ଯେମିତି ସମସ୍ତଙ୍କର ମୁଣ୍ଡରେ "ସୁରଖାବର ପର" ଲାଗିଛି। ଆଉ ସବୁଠୁ ବଡ ମଜାର ବିଷୟ ହେଲା, ସମସ୍ତେ ସାମ୍ନା ବାଲାର ମୁଣ୍ଡରେ ଲାଗିଥିବା ପରକୁ କୁଆର ପର ବୋଲି ଭାବି ହେୟ ଦୃଷ୍ଟିରେ ଦେଖନ୍ତି। ଏମିତିଆ ଗୋଟିଏ ଗମ୍ଭୀର ପରିବେଶରେ ମୋ ନିଜର ପଡିଆରା ଅର୍ଥାତ୍ ଧାକ୍ ଜମେଇବା ପାଇଁ ଏକମାତ୍ର ଅଚୁକ୍ ଉପାୟ ଚୁଗୁଲି ବାଜି ବ୍ୟତୀତ ଆଉ କ'ଣ ଭଲ ହୋଇପାରିଥାନ୍ତା କୁହନ୍ତୁ ତ!

ତେଣୁ ତା'ପର ଦିନ ମୁଁ ପ୍ରସ୍ତୁତ କରିଥିବା ହିଟ୍ ଲିଷ୍ଟ ସହିତ ବାହାରି ପଡିଲି ମୋ ଅଭିଯାନରେ। କେମିତି ମୁଁ ମୋ ଅଭିଯାନ ଆରମ୍ଭ କଲି,ତା'ର ଗୋଟିଏ ନମୁନା ଦେଖନ୍ତୁ।

ମୋର ପ୍ରଥମ ଟାର୍ଗେଟ ଥିଲେ ମୋ ଘର ସାମ୍ନାରେ ରହୁଥିବା ମିସେସ୍ ମଖିଜା। ସେ ତାଙ୍କର ଆଲିଶାନ୍ ବଙ୍ଗଳାରେ କାହାକୁ ପ୍ରବେଶ କରିବାକୁ ଦିଅନ୍ତିନି। ମୁଁ କଲିଂବେଲ ବଜାଇବା ମାତ୍ରେ ବଙ୍ଗଳାର କବାଟ ଖୋଲିଲେ ମିସେସ୍ ମଖିଜା। ମୋତେ ଦେଖୁ ଦେଖୁ ନିଜ ମୁହଁକୁ ଏମିତି କଲେ, ଯେମିତି ତାଙ୍କ ସାମ୍ନାରେ କୌଣସି ମଣିଷ ନୁହେଁ ବରଂ କେଉଁ ପୋକ ଅବା ଜୋକ ଛିଡା ହୋଇ ବିଲବିଲଉଛି। ତାଙ୍କ ମୁହଁକୁ ଦେଖିବା ମାତ୍ରେ ମୋର ସବୁ ଉତ୍ସାହ ଏପରେ ପାଣି ପଡଗଲା ଯେମିତି। ଛାଡ.., କହି ମୁଁ ମନେ ମନେ ତାଙ୍କୁ ଗାଳି କରିସାରିବା ପରେ ହାତେଯୋଡି ନମସ୍କାର କଲି। ପ୍ରତି ବଦଳରେ ଉତ୍ତର ସ୍ୱରୂପ ସେ ନିଜର ବକ୍ର ଦୃଷ୍ଟିକୁ ଗୋଲ୍ ଗୋଲ୍ ଚକ୍ର ଭଳି ବୁଲାଇ ପବନରେ ଉଡେଇ ଦେଲେ ମୋ ନମସ୍କାରକୁ। ମୁଁ ମଧ୍ୟ ମୋର ଆତ୍ମ ସମ୍ମାନକୁ ଫାଟି ଯାଇଥିବା ଜୋତାକୁ କାଢିଲା ପରି କାଢି ଦେଇ ଅଭଦ୍ରାମୀ ଉପରକୁ ଓହ୍ଲାଇ ଆସିଲି। ଇଜ୍ଜତ ହେଲାଭଳି ହସଟେ ସହିତ ମୁଁ କହିଲି, "ହେଁ..ହେଁ..ମୁଁ ଆଜ୍ଞା ଟିକ୍ ଆପଣଙ୍କର ବଙ୍ଗଳାର ସାମ୍ନାରେ ଥିବା ଘରେ ରହୁଛି। ନୂଆ ନୂଆ ଏଇ କଲୋନୀକୁ ଅଳ୍ପଦିନ ତଳେ ଆସିଛି। ବହୁତ ଇଚ୍ଛା ଥିଲା ଆପଣଙ୍କୁ ଦେଖାକରିବାକୁ। ସେଥିପାଇଁ ବହୁତ ଦିନ ହେଲାଣି ମୁଁ ଚେଷ୍ଟା ମଧ୍ୟ କରୁଥିଲି। ହେଲେ ..ମୋ ପଡୋଶୀ ମିସେସ୍ ଶର୍ମା ମୋତେ ଜମାରୁ ଆପଣଙ୍କ ପାଖକୁ ଆସିବାକୁ ଦେଉ ନଥିଲେ। କହୁଥିଲେ କ'ଣ ନା'.. ମିସେସ୍ ମଖିଜା ବହୁତ ଗର୍ବୀ ଆଉ କଳହପ୍ରିୟ। ତୁମେ ଦେଖାକରିବାକୁ ଗଲେ ସେ ଦୁଆର ମୁହଁରୁ ହିଁ ତୁମକୁ ବିଦା କରିଦେବେ। ଚାହା ଜଳଖିଆ ଯାଚିବାତ ଦୂରର କଥା,ପାଣି ମଧ ଯାଚିବେନି ତୁମକୁ।"

ମୋର ଏତିକି କହିବା ମାତ୍ରକେ ମିସେସ୍ ମଖିଜାଙ୍କର ଲାଲ୍ ଲିପିଷ୍ଟିକ୍ ପୋତା ଓଠରୁ ଯେଉଁ ମଧୁର ବଚନ ବାହାରିଲା ତାହା ଶୁଣି ମୋ କଲିଜାରେ ପ୍ରାଣ ପଶିଲା। ସେ କହିଲେ, "ଆରେ ଶର୍ମାର ଛୁଆ ରହିଯା.. ରହିଯା, ମୁଁ ତତେ କଞ୍ଚା ଚୋବେଇଯିବି।"

"ଆରେ..ଛାଡନ୍ତୁ ନା' ଆପଣ ସେ ମିସେସ୍ ଶର୍ମାଙ୍କୁ।" ଆମେ ଏମିତିଆ ଲୋକଙ୍କର ମୁହଁ କ'ଣ ପାଇଁ ଲାଗିବା! ମନେ ମନେ ହସି ହସି କହିଲି ମୁଁ। ଏହା ଶୁଣି ରାଗରେ ଟାଣି ହୋଇଯାଇଥିବା ଭ୍ରୂଲତା ଟିକିଏ ଢିଲା ହୋଇଗଲା ମିସେସ୍ ମଖିଜାଙ୍କର। ଦେଢରୁ ଦୁଇ ଇଞ୍ଚ? ଲମ୍ବର ହସକୁ ଓଠରେ ଟାଣି..ଦେଇ କହିଲେ, "ହଁ..ହଁ ଆପଣ ଠିକ୍ କହୁଛନ୍ତି। ଆରେ..ଏ ପର୍ଯ୍ୟନ୍ତ ଆପଣ ଦୁଆର ମୁହଁରେ ଛିଡା ହୋଇଛନ୍ତି, ଭିତରକୁ ଆସନ୍ତୁ ନା'!" ଏତିକି କହି ସେ ମୋତେ ତାଙ୍କର ଆଲିଶାନ୍ ଡ୍ରଇଂରୁମ୍‌ର ଦାମିକା ସୋଫା ଉପରେ ବହୁତ ଆଦରର ସହିତ ବସାଇଲେ। ତା'ପରେ ଚା' ଜଳଖିଆ ଆଣିବା ପାଇଁ କହିଲେ ଚାକରକୁ। ଠିକ୍ ଲକ୍ଷ୍ୟ ଜାଗାରେ ଲାଗିଥିଲା ମୋର ତୀର। ମୁଁ ଖୁସିରେ ଆତ୍ମହରା ହୋଇଯାଇଥିଲି ମୋର ଏହି ପ୍ରଥମ ବିଜୟରେ। ମିସେସ୍ ମଖିଜାଙ୍କର ସ୍ୱାଦିଷ୍ଟ ଚା' ଜଳଖିଆର ମଜା ନେଇ ମୁଁ ମନେ ମନେ ଭାବୁଥିଲି, "ଆରେ..ଓ.. ଅହଙ୍କାରୀ ସ୍ତ୍ରୀଲୋକ,ତୁ ତୋର ଧନ ସମ୍ପତ୍ତିକୁ ନେଇ ବହୁତ ଗର୍ବ କରୁନା? ତୋ ଘର ଭିତରକୁ ତୁ ମଶାଟିଏ ପୁରେଇ ଦେଉନା। ହେଲେ..ଆଜି ଦେଖ୍ ମୁଁ କିପରି ସିନ୍ଧି ଚୋରଙ୍କ ଭଳି ତୋର ସାମ୍ନାରେ ତୋ ଘର ଭିତରକୁ ପଶିଆସିଲି ଅଥଚ ତତେ ଟିକିଏବି ସନ୍ଦେହ ହେଲାନି!"

ମିସେସ୍ ମଖିଜା ଆହୁରି କିଛି ତଥ୍ୟ ପାଇବା ଆଶାରେ ଖୋଳତାଡ କରିବାକୁ ଲାଗିଲେ ଆଉ ମୋତେ ପଚାରିଲେ କି ମିସେସ୍ ଶର୍ମା ତାଙ୍କ ବିରୁଦ୍ଧରେ ଆଉ କ'ଣ ସବୁ କହିଛନ୍ତି। ମୁଁ ତାଙ୍କୁ ନା'..ନା'..କରି କରି ଆଉ ଟିକିଏ ଚୁଗୁଲି ଚାଟ୍‌ରୁ ଚଟେଇ ଦେଲି। କାରଣ, ମୁଁ ଚାହୁଁନଥିଲି ମୋର ପୁରା ଷ୍ଟକ୍‌କୁ ଗୋଟିଏ ଥରରେ ଖର୍ଚ୍ଚ କରିବାକୁ। ବାସ୍ ଝଲକ ଦେଖେଇକି ଉତ୍ସୁକତା ବଢେଇବା ନିୟମକୁ ଶେଷ ପର୍ଯ୍ୟନ୍ତ ବ୍ୟବହାର କରିବାକୁ ଚାହୁଁଥିଲି ମୁଁ। କାହିଁକିନା ମୁଁ ଚାହୁଁଥିଲି ଉପଭୋକ୍ତା ବାରମ୍ବାର ମୋ ଷ୍ଟକ୍‌ରୁ କିଛି କିଛି ଚୁଗୁଲି ନେଉଥାଆନ୍ତୁ ଆଉ ମୋର ପ୍ରସିଦ୍ଧି ଦିନକୁ ଦିନ ବଢୁଥାଉ। ତା'ପରଠୁ ମିସେସ୍ ମଖିଜାଙ୍କର ଫୋନ୍ ପ୍ରତ୍ୟେକ ଦ୍ୱିତୀୟ ଦିନ ଆସେ ଆଉ ସେ ମୋଠୁ ନୂଆ ନୂଆ ଚୁଗୁଲି ଶୁଣନ୍ତି। ପ୍ରତି ବଦଳରେ ମୋତେ ନୂଆ ନୂଆ ବ୍ୟଞ୍ଜନ ଖୁଆନ୍ତି। ଚୁଗୁଲି ଯେତିକି ମିର୍ଚି ମସାଲେଦାର ହୁଏ ସେତିକି ରସିଲା ଆଉ ମିଠା। ମୁଁ ତାଙ୍କ ଉପରେ ଚୁଗୁଲିର ମିଠା ଛୁରୀ ଚଲେଇଲା ବେଳକୁ,ସେ କଷ୍ଟରେ ହାୟ ହାୟ କରନ୍ତି ଆଉ ଉପଚାରରେ ଚୁଗୁଲିର ଆଉ ଗୋଟିଏ ଆଘାତ ଖାଇବା ପାଇଁ ବ୍ୟଗ୍ର ହୋଇ ଉଠନ୍ତି। ଚୁଗୁଲି ଖାଇବା ନିଶା ଠିକ୍ ନିଶାଗ୍ରସ୍ତ ଲୋକଙ୍କର ଡ୍ରଗ୍ସ ଖାଇବା ଅଭ୍ୟାସ ପରି ହୋଇଥାଏ। ଅର୍ଥାତ ଡ୍ରଗ୍ସ ନେବା ଲୋକକୁ ନା' ତ ଡ୍ରଗ୍ସ ଛାଡେ,ନା' ଡ୍ରଗ୍ସକୁ ଡ୍ରଗ୍ସ ନେବା ଲୋକ ଛାଡେ।

ମୁଁ ଚର୍ଚ୍ଚାର ବିଷୟ ହୋଇସାରିଥିଲି ପୁରା କଲୋନୀରେ। ମୋ ଉପରେ ଥିଲା ସମସ୍ତଙ୍କର ଆଖି। ଅର୍ଥାତ୍ ମୁଁ ହୋଇ ସାରିଥିଲି ଭି.ଆଇ.ପି ଲୋକଙ୍କର ଭି.ଆଇ.ପି। କାରଣ ସମସ୍ତେ ଜାଣିବାକୁ ଚାହୁଁଥିଲେ ମିସେସ୍ ମଖିଜା; ଯିଏ ନିଜ ନାକରେ ମାଛିକୁବି ବସିବାକୁ ଦିଅନ୍ତିନି,ମୁଁ କେମିତି ତାଙ୍କ ନାକର ବାଳ ହୋଇଗଲି? ମିସେସ୍ ମଖିଜାଙ୍କ ପରେ ମୁଁ ମିସେସ୍ ଖାନ୍,ମିସେସ୍ ପାଣ୍ଡେ,ମିସେସ୍ ଆହୁଜାଙ୍କ ସମେତ କଲୋନୀର ଅନେକ ଗର୍ବୀ ଅହଙ୍କାରୀଙ୍କର ଡେଣାକୁ କାଟି ସେମାନଙ୍କର ପରକୁ ଲଗେଇଥିଲି ମୋ ଖୋସାରେ। ପୁରା ହୋଇସାରିଥିଲା ମୋ ହିଟ୍ ଲିଷ୍ଟର ଟାର୍ଗେଟ। ଏବେ ଘରେ ଘରେ ମୋର ଆଦର ସମ୍ମାନହେବାକୁ ଲାଗିଲା। ମୋର ପଡିଆରାକୁ ଦେଖି କଲୋନୀର ଅନ୍ୟ ସ୍ତ୍ରୀଲୋକମାନେ ମଧ୍ୟ କିଛି ନା' କିଛି ବାହାନା କରି ମୋତେ ଡାକନ୍ତି ଆଉ ବଢିଆ ବଢିଆ ସ୍ୱାଦିଷ୍ଟ ବ୍ୟଞ୍ଜନ ଖାଇବାକୁ ଦିଅନ୍ତି। ପ୍ରତି ବଦଳରେ ମୋତେ ଖାଲି ତାଙ୍କୁ ଟିକିଏ ଚୁଗୁଲି ଚାଟ୍ ଚଟେଇବାକୁ ପଡେ।

କଥାରେ ନାହିଁ "ହିଙ୍ଗୁ ଲାଗିଲା ନା' ଫିଟ୍‌କିରି,ତଥାପି ରଙ୍ଗ ଚଢିଲା ଖୁବ୍ ଗାଢ଼"। ଆଜ୍ଞା ଏହି ନିୟମରେ ଚୁଗୁଲିବାଜିର ନିମନ୍ତ୍ରଣ ମାଗଣା ଖାଇ ଖାଇ ମୋର ସିଙ୍କ୍ ଭଳିଆ ପତଳା ଫିଗର୍ ପୁଣି ଥରେ କଖାରୁ ଭଳି ହେବାକୁ ଲାଗିଲାଣି। ଏବେ ଆଉ ବୋର୍ ହେବାର ପ୍ରଶ୍ନ ଉଠୁନାହିଁ। କାରଣ ଚୁଗୁଲିବାଜି ଯୋଗୁଁ ମୋ ବ୍ୟସ୍ତତା ଏମିତି ବଢିଯାଇଛି ଯେ,ଚୁଗୁଲି ଶୁଣିବା ବାଲାଙ୍କର ଅନେକ ଫୋନ୍ କଲ୍‌କୁ ରଦ୍ଦ କରି ମୋତେ ତାଙ୍କୁ ଆଗାମୀ ଦିନର ଡେଟ୍ ଦେବାକୁ ପଡୁଛି। ନିଜର ବୋରିଙ୍ଗ୍ ପରିବେଶକୁ ଦୂର କରିବା ପାଇଁ,ନିଜକୁ ଭି.ଆଇ.ପି ର ଆସନରେ ବସେଇବା ପାଇଁ ଆଉ ନିଜର ସ୍ୱାସ୍ଥ୍ୟରେ ପରିବର୍ତ୍ତନ ଆଣିବା ପାଇଁ ଆପଣ ମାନେ ମଧ୍ୟ ମୋର ଏଇ ଗ୍ୟାରେ??? ଦିଆ ଉପାୟକୁ ଆପଣାନ୍ତୁ ଆଉ ଜଣେ ସାଧାରଣ ଘରୋଇ ସ୍ତ୍ରୀଲୋକରୁ ନିଜକୁ ଜଣେ ଲୋକପ୍ରିୟ ସାର୍ବଜନିକ ବ୍ୟକ୍ତିତ୍ୱ ରୂପେ ପରିଚିତ କରାନ୍ତୁ।

*୨୧୭/ପି,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*
*ଫୋନ-୯୯୩୭୧୪୩୬୯୧*

## ପଲିଥିନ ମୁକ୍ତ ଭାରତ ଗଠନ ପାଇଁ ସଚେତନ ଶୋଭାଯାତ୍ରା

**ଭବାନୀପାଟନା :** କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ସାଇସୁର୍ଣ୍ଣି ରେଞ୍ଜ ଅଫିସ୍‌ଠାରେ ପଲିଥିନ ମୁକ୍ତ ଭାରତ ଗଠନ ଅବସରରେ ଏକ ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଚେତନ ଶୋଭାଯାତ୍ରାରେ ସାଇସୁର୍ଣ୍ଣି ରେଞ୍ଜ ଅଫିସର ମହମ୍ମଦ ମୁସ୍ତାଫା ସାଲିୟା, ବନପାଳ ଚିନ୍ତାମଣି ମାଝୀ, ଭାଗିରଥି ନାଏକ, ବନରକ୍ଷୀ ଉମାକାନ୍ତ ପାଣିଗ୍ରାହୀ ଓ ଗିରିଧାରି ଗଉଡ, ଗୁଣପୁର ମା ଡୋକ୍ରି ଯୁବକସଂଘର ସଂପାଦକ ମୁନ୍ନା ସିଂ, ଶାସ୍ତ୍ରୀଜୀ ଯୁକ ସଂଘର ନିରଞ୍ଜନ ନାଏକ, ସାଇସୁର୍ଣ୍ଣି ଯୁବକ ସଂଘର ମୁନ୍ନା ସିଂ ପରାଭୋଇ ଓ ଆଖପାଖ ବିଦ୍ୟାଳୟମାନଙ୍କର ଛାତ୍ରୀଛାତ୍ର ସ୍ୱୟଂ ସହାୟକ ଗୋଷ୍ଠିର କର୍ମକର୍ତ୍ତ ଓ ସଭ୍ୟସଭ୍ୟା, ବନସୁରକ୍ଷା ସମିତିର ସଦସ୍ୟ ଗଣ ଯୋଗଦେଇ ଏକ ଶୋଭାଯାତ୍ରାରେ ପରିକ୍ରମା କରିଥିଲେ । ଏହି ଅବସରରେ ସାଇସୁର୍ଣ୍ଣି ସାପ୍ତାହିକ ବଜାରରେ ପଡିଥିବା ଓ ଗ୍ରାମର ବିଭିନ୍ନ ସ୍ଥାନରେ ପଡିଥିବା ପଲିଥିନ ମାନଙ୍କୁ ଗୋଟାଇ ସଫାକରି ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଆୟୋଜିତ ସାଧାରଣ ସଭାରେ ଶିକ୍ଷାବିତ ଡୋଳାମଣି ସାହୁ ଅତିଥି ଭାବେ ଯୋଗଦେଇ ପଲିଥିନ ବ୍ୟବହାରର କୁପ୍ରଭାବ ଉପରେ ଆଲୋକ ପାତ କରିଥିଲେ ଶେଷରେ ରେଞ୍ଜ ଅଫିସର ମହମ୍ମଦ ସାଲେଆ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଭୁବନେଶ୍ୱର ହେବ ଆଇଟି ହବ୍'



**ଭୁବନେଶ୍ୱର :** ଡିଜିଟାଲ୍ ଇଣ୍ଡିଆ ଜନ ଆନ୍ଦୋଳନରେ ପରିଣତ ହେବ। ଡିବିଟି ଦ୍ୱାରା ଦେଶର ୯୦ହଜାର କୋଟି ଟଙ୍କା ବାଟମାରଣାରୁ ବଞ୍ଚାଇ ଦିଆଯାଇପାରିଛି। ପୂର୍ବ ଭାରତର ବିକାଶ ପାଇଁ ପ୍ରଧାନମନ୍ତ୍ରୀଙ୍କର ଲକ୍ଷ୍ୟ ଥିବାରୁ ଭୁବନେଶ୍ୱରରେ ଦେଶର ଚତୁର୍ଥ ନ୍ୟାସନାଲ୍ ଡାଟା ସେଣ୍ଟର୍'ଏନ୍‌ଡିସି' ଉଦ୍‌ଘାଟିତ ହୋଇଛି ବୋଲି କେନ୍ଦ୍ର ଇଲୋକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି ଓ ଆଇନ ମନ୍ତ୍ରୀ ଡ. ରବିଶଙ୍କର ପ୍ରସାଦ କହିଛନ୍ତି। ଭୁବନେଶ୍ୱରରେ 'ଏନ୍‌ଡିସି'କୁ ଉଦ୍‌ଘାଟନ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରସାଦ କହିଛନ୍ତି, ରାଜ୍ୟର ଡିଜିଟାଲ୍ ଗଭର୍ଣ୍ଣାସ୍‌ର ବିକାଶ ପାଇଁ କେନ୍ଦ୍ର ସବୁ ସହଯୋଗ ଯୋଗାଇଦେବ। ମାତ୍ର ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାଗୁଡ଼ିକର ସୁଚାରୁ ପରିଚାଳନା କରିବା ଆବଶ୍ୟକ। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ନରହିଲେ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ବିଳମ୍ବିତ ହେବ। ପ୍ରଧାନମନ୍ତ୍ରୀ ମୋଦି ପୂର୍ବ ଭାରତର ବିକାଶକୁ ନିଜ ଏଜେଣ୍ଡାରେ ରଖିଛନ୍ତି। ଭୁବନେଶ୍ୱରରକୁ ଆଇଟି ହବ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନା ପ୍ରଯୁକ୍ତି ସହ ଭାରତୀୟ ପ୍ରତିଭାର ସମନ୍ୱୟରେ ଭାରତର ଆଗାମୀ ବିକାଶର ନକ୍ସା ପ୍ରସ୍ତୁତ ହେବ ବୋଲି ଶ୍ରୀ ପ୍ରସାଦ କହିଛନ୍ତି। ୨୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେଣ୍ଟର୍ ଓଡ଼ିଶା ସହିତ ପୂର୍ବାଞ୍ଚଳର ୧୫ଟି ରାଜ୍ୟର ଡାଟା ସଂରକ୍ଷଣ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଡିଜିଟାଲ୍ ଇଣ୍ଡିଆକୁ ତ୍ୱରାନ୍ୱିତ କରିବାକୁ ଏହି ଡାଟା ସେଣ୍ଟର୍‌ର କାର୍ଯ୍ୟ ମହତ୍ତ୍ୱପୂର୍ଣ୍ଣ ବୋଲି ଶ୍ରୀ ପ୍ରସାଦ କହିଛନ୍ତି। ଅନ୍ୟତମ ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶାରେ ୨୦୦ କୋଟି ଟଙ୍କା ବ୍ୟୟରେ ଇଲେକ୍ଟ୍ରୋନିକ ମ୍ୟାନୁଫାକଚରିଂ କ୍ଲଷ୍ଟର ସ୍ଥାପନା କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଥିରେ କେନ୍ଦ୍ର ସରକାର ୯୩ କୋଟି ଟଙ୍କା ପ୍ରଦାନ କରିବେ ଓ ଏଥି ମଧ୍ୟରୁ ୧୮ କୋଟି ଟଙ୍କା ମଞ୍ଜୁର ହୋଇ ସାରିଛି। କେନ୍ଦ୍ର ସରକାରଙ୍କ ଏହି ଯୋଜନାକୁ ସହଯୋଗର ହାତ ବଢ଼ାଇ ରାଜ୍ୟରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନିର୍ମାଣ ଯୋଜନାକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାରଙ୍କୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଦେଶରେ ପୂର୍ବରୁ ଦିଲ୍ଲୀ, ହାଇଦ୍ରାବାଦ, ପୁନେରେ ନ୍ୟାସନାଲ ଡାଟା ସେଣ୍ଟର୍ ଥିବା ବେଳେ ପୂର୍ବ ଭାରତରେ ପ୍ରଥମ ପ୍ରକଳ୍ପ ଓଡ଼ିଶାରେ ହେବା ଦ୍ୱାରା ମୋଦି ସରକାରଙ୍କର ଓଡ଼ିଶାକେନ୍ଦ୍ରିକ ଯୋଜନାକୁ ସ୍ପଷ୍ଟ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଗ୍ରାମ୍ୟ ନିର୍ମାଣ ଉପ-ବିଭାଜନ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନକୁ ବେଖାତିର

**ଖୋରଧା :** ୨୦୦୫ ମସିହାରେ ପ୍ରଣିତ ସୂଚନା ଅଧିକାର ଆଇନ ସାଧାରଣ ଲୋକମାନଙ୍କୁ ସରକାରୀ ସୂଚନା ପାଇବାର ଅଧିକାର ପ୍ରଦାନ କରିବା ଦ୍ୱାରା ଏହି ଅସୁବିଧା ଅନେକାଂଶରେ ଦୂର ହୋଇଛି। ଯେ କୌଣସି ବ୍ୟକ୍ତି ବିଶେଷ ଏହି ଆଇନର ଉପଯୋଗ କରି ସେ ଆବଶ୍ୟକ କରୁଥିବା ତଥ୍ୟ ସମ୍ପୃକ୍ତ ସରକାରୀ କାର୍ଯ୍ୟାଳୟରୁ ପାଇପାରିବେ ଏବଂ ଏହି ତଥ୍ୟକୁ ଧରି ସମ୍ପୃକ୍ତ ସରକାରୀ କର୍ମଚାରୀ ବା ରାଜନେତାଙ୍କ ସହ ଉପଯୁକ୍ତ ମୁକାବିଲା କରିପାରିବେ। ସୂଚନା ଅଧିକାର ଆଇନ ପ୍ରତ୍ୟେକ ସରକାରୀ କର୍ତ୍ତୃପକ୍ଷଙ୍କ ଉପରେ ତାଙ୍କ ପାଖରେ ଥିବା ବା ନିୟନ୍ତ୍ରଣରେ ଥିବା ସମସ୍ତ ସୂଚନା ଚାହୁଁଥିବା ବ୍ୟକ୍ତିଙ୍କୁ ଯୋଗାଇ ଦେବାର ଦାୟିତ୍ୱ ନ୍ୟସ୍ତ କରିଛି। ଅର୍ଥାତ୍ ଯେ କୌଣସି ସରକାରୀ କର୍ତ୍ତୃପକ୍ଷ ତାଙ୍କ ପାଖରେ ଥିବା ବା ତାଙ୍କର ହସ୍ତଗତ ହୋଇ ପାରୁଥିବା ତଥ୍ୟ ଚାହୁଁଥିବା ବ୍ୟକ୍ତିଙ୍କୁ ଯୋଗାଇ ଦେବା ଆଇନତଃ ବାଧ୍ୟ। ସୂଚନା ଅଧିକାର ଆଇନ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ସୂଚନା ପାଇବାର ଅଧିକାର ଦେଇଛି। ଚାହୁଁ ଥିବା ସୂଚନା ସହିତ ଆପଣଙ୍କର ସମ୍ପର୍କ କ'ଣ ଏବଂ କାହିଁକି ଆପଣ ଏହି ସୂଚନା ମାଗୁଛନ୍ତି ତାହାର କାରଣ ଜଣାଇବାର କୌଣସି ଆବଶ୍ୟକତା ନାହିଁ। ଖୋରଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନଙ୍କ କାର୍ଯ୍ୟାଳୟରୁ ଏହି ଆଇନର କାର୍ଯ୍ୟକାରିତାକୁ ନେଇ ସନ୍ଦେହ ଉପୁଜୁଛି। ସୂଚନା ଅଧିକାର ଆଇନ ଅନୁଯାୟୀ ଏହି କାର୍ଯ୍ୟାଳୟରେ ସୂଚନା ମାଗିଲେ ସୂଚନା ଦିଆଯାଉ ନାହିଁ। ସୂଚନା ନ ଦେବାର ବାହାନା କରି ସୂଚନା ପ୍ରଦାନ କରିବା ନିମନ୍ତେ ଅତ୍ୟଧିକ ଅର୍ଥ ଦାବୀ କରାଯାଉଛି। ଯାହାକି ସୂଚନା ଅଧିକାର ଆଇନର ବିରୁଦ୍ଧା ଚରଣ କରୁଛି। କେତେକ ଦୁର୍ନୀତି ଗ୍ରସ୍ତ ଅସାଧୁ କର୍ମଚାରୀଙ୍କ ପରୋଚନାରେ ପଡ଼ି ଉପ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟଉନ୍ନୟନ ଉପବିଭାଜନ ଖୋରଧା ତଥା ଜନ ସୂଚନା ଅଧିକାରୀ ସୂଚନା ପ୍ରଦାନ କରିବା ନିମନ୍ତେ ଗୋଟିଏ ବର୍ଷରେ ୪ରୁ ୫ଟି ସୂଚନା ପାଇଁ ୧୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ଦାବୀ କରୁଛନ୍ତି। ଯାହାକି ଯୁକ୍ତି ଯୁକ୍ତ ନୁହେଁ। ଉପ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ଉପବିଭାଜନ କାର୍ଯ୍ୟାଳୟରୁ କୌଣସି ସୂଚନା ନ ପାଇ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଜନ ଭୁବନେଶ୍ୱର ତଥା ପ୍ରଥମ ଅପିଲେଟ ଅଥରିଟିଙ୍କ ନିକଟରେ ଅପିଲ ହୋଇଥିବା ଜଣା ପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମସ୍ତ ତଥ୍ୟ ଉପନିର୍ବାହୀ ଯନ୍ତ୍ରୀ ଖୋରଧାଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଥିଲେ ମଧ ଗଣ ମାଧ୍ୟମର ପ୍ରତିନିଧିମାନଙ୍କୁ କୌଣସି ସୂଚନା ଦିଆଯାଏ ନାହିଁ ଏବଂ ସେମାନଙ୍କୁ ଅବଜ୍ଞାକରାଯାଉଛି। କେତେକ ଦୁର୍ନୀତି ଗ୍ରସ୍ତ ଅସାଧୁ କର୍ମଚାରୀଙ୍କ ପରୋଚନାରେ ପଡ଼ି ଉପନିର୍ବାହୀ ଯନ୍ତ୍ରୀ ସୂଚନା ପ୍ରଦାନ କରୁ ନଥିବା ଜଣାପଡ଼ୁଛି। ଗତ ୧୩.୦୫.୨୦୧୮ରିଖ ଦିନ ଗ୍ରାମ୍ୟ ଉନ୍ନୟନ ଉପବିଭାଜନ କାର୍ଯ୍ୟାଳୟ ପରିସରରେ ଏକ ନୂତନ ଗୃହଟିକୁ ଅତି ତରବରିଆ ଭାବରେ ଉଦ୍‌ଘାଟନ କରି ଦିଆଗଲା। ଏ ସମ୍ପର୍କରେ ସ୍ଥାନୀୟ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ମଧ୍ୟ କୌଣସି ସୂଚନା ଦିଆଗଲା ନାହିଁ। ବିଶେଷ ସୂତ୍ରରୁ ଖବର ପାଇ ସ୍ଥାନୀୟ ଗଣ ମାଧ୍ୟମର ପ୍ରତିନିଧି ଖୋରଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନର ମୁଖ୍ୟ ହିସାବରେ ଉପନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ମହାଶୟ କହିଥିଲେ ଯେ, ମୁଁ ସେ ବିଷୟରେ କିଛି କହି ପାରିବି ନାହିଁ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରନ୍ତୁ ବୋଲି କହି ନି ଉପରୁ ଦୋଷ ଛଡ଼େଇ ଦେଇଥିଲେ। ଏବଂ ନୂତନ ଗୃହଟିର ନିର୍ମାଣ ବିଷୟରେ କେତେକ ତଥ୍ୟ ପଚାରିବାରୁ ତାର ମଧ କୌଣସି ଉତ୍ତର ଦେଇ ପାରି ନଥିଲେ। ନୂତନ ଗୃହଟିର ନିକଟରେ କୌଣସି ସୂଚନା ଫଳକ ନ ଥିଲା। ଏହି ନୂତନ ଗୃହଟିର ଅଟକଳ ମୂଲ୍ୟ କେଉଁ ଅନୁଦାନରେ ନିର୍ମାଣ କରାଯାଇଛି କାର୍ଯ୍ୟ ସରିବାର ଅବଧି ସମ୍ପର୍କରେ କୌଣସି ସୂଚନା ଲେଖା ନଥିଲା। ଏ ସମ୍ପର୍କରେ ଖୋରଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନର ନିର୍ବାହୀ ଯନ୍ତ୍ରୀଙ୍କ ଦୃଷ୍ଟିକୁ ଆଣିବାରୁ ଏ ସମ୍ପର୍କରେ ମୋ ପାଖରେ କୌଣସି ସୂଚନା ନାହିଁ କି ମୋ କାର୍ଯ୍ୟାଳୟରେ ମଧ ନାହିଁ କହି ଅତି ତତ୍ପରତାର ସହିତ ଗଣ ମାଧ୍ୟମର ପ୍ରତିନିଧିମାନଙ୍କର ସମସ୍ତ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ। ଠିକ୍ ସେହିପରି ଭାବରେ ୧୩.୦୫.୨୦୧୮ରିଖ ଦିନ କୁରାଡମାଳ ଗ୍ରାମପଞ୍ଚାୟତ ଅଧିନସ୍ଥ ଆଁଆଳି ପାଟଣା ଠାରେ ଆଦର୍ଶ ନିର୍ମାଣ ବିଦ୍ୟାଳୟ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ସ୍ଥାନୀୟ ଗଣ ମାଧ୍ୟମର ପ୍ରତିନିଧିମାନଙ୍କୁ ମଧ ସେଠାରୁ ଦୂରେଇ ରଖାଯାଇଥିଲା। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ତଥା ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ଦୃଷ୍ଟି ଦେବା ସହ ବିଗତ ୫ ବର୍ଷର ଖୋରଧା ଗ୍ରାମ୍ୟ ଉନ୍ନୟନ ଉପବିଭାଜନର କାର୍ଯ୍ୟ କଳାପ ସମ୍ପର୍କରେ ରାଜ୍ୟ ଦୁର୍ନୀତି ବିଭାଗ ଦ୍ୱାରା ତଦନ୍ତ କରାଗଲେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ଲୋକ ଲୋଚନକୁ ଆସି ପାରିବ ବୋଲି ସାଧାରଣ ଦୃଢ ଦାବି ହେଉଛି।

# ପିଲାଙ୍କ ଦୁନିଆ







ଅଭିଷେକ ନାୟକ



ଷ୍ଟାଣ୍ଡାର୍ଡ-୭, ବି.ଜେ.ଇ.ଏମ୍ ସ୍କୁଲ - ୨, ସତ୍ୟଭାମାପୁର, ଭୁବନେଶ୍ୱର



ଅର୍ଚ୍ଚିତା ବଳିୟାରସିଂହ



ଅପର ନର୍ସରୀ, ବି.ଜେ.ଇ.ଏମ୍ ସ୍କୁଲ - ୧, ଭୁବନେଶ୍ୱର

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ଭାରତର ...

ପାଇଁ ରାଜ୍ୟ ସରକାରଙ୍କ ଭିଜନ୍‌କୁ ଏହି ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରୁଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ବୟନ ଓ ପୋଷାକ, କେମିକାଲ୍‌ସ, ସାର, ସିମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ, ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ଭଳି ବିଭିନ୍ନ କ୍ଷେତ୍ରରେ ରହିଛି। ରାଜ୍ୟର ଶିଳ୍ପ ବିକାଶ ଯାତ୍ରାରେ ୨୦୧୬ରେ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ଥିଲା। ଏହା ଖଣି, ମେଟାଲ ଓ ଶକ୍ତି ଭଳି ପାରମ୍ପରିକ କ୍ଷେତ୍ର ବାଦ୍ ଅନ୍ୟ କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଆଗ୍ରହ ସୃଷ୍ଟିରେ ସହାୟକ ହୋଇଥିଲା। ଏହି କନ୍‌କ୍ଲେଭ୍ ସମୟରେ ଆସିଥିବା ପୁଞ୍ଜିନିବେଶ ଆଗ୍ରହକୁ ତତ୍କାଳ ବାସ୍ତବ ରୂପ ଦେବା ଉଦ୍ଦେଶ୍ୟରେ ସେମାନଙ୍କୁ ତୁରନ୍ତ ଜମି, ୟୁଟିଲିଟି ଓ ବିଭାଗୀୟ ମଞ୍ଜୁରି ଭଳି ଆବଶ୍ୟକୀୟ ସହାୟତା ଉପଲବ୍ଧ କରାଇବାକୁ ମୋ ସରକାର ସମର୍ପିତ ଭାବେ କାର୍ଯ୍ୟ କରିଛି। ବିଭିନ୍ନ କ୍ଷେତ୍ର ପାଇଁ ଆଦର୍ଶ ବ୍ୟବସାୟ ଇକୋସିଷ୍ଟମ ସୃଷ୍ଟି କରିଥିବାରୁ ଓଡ଼ିଶାର ନିବେଶକ ଅନୁକୂଳ ନୀତି ଏବଂ ବିଶ୍ୱଶ୍ରେଣୀୟ ଭିତ୍ତିଭୂମି ବିକାଶ ସାରାଦେଶର ନିବେଶକଙ୍କ ନିକଟରୁ ବେଶ୍ ସକାରାତ୍ମକ ପ୍ରତିକ୍ରିୟା ପାଇଛି। ଓଡ଼ିଶାରେ ୟୁନିଟ୍ ସ୍ଥାପନ ଓ ପରିଚାଳନା ପାଇଁ ସହଜ କରାଇବା ଉଦ୍ଦେଶ୍ୟରେ ଗତ ୩ ବର୍ଷ ମଧ୍ୟରେ ରାଜ୍ୟ ସରକାର ଏକ ବ୍ୟବସାୟ ସଂସ୍କାର କାର୍ଯ୍ୟକ୍ରମ ଚାଲୁ କରିଛନ୍ତି। ଏହି କାରଣରୁ ୨୦୧୬ର ଇଜ୍ ଅଫ୍ ଡୁଇଙ୍ଗ୍ ବିଜନେସ୍ ରିପୋର୍ଟରେ ୯୨.୭୩% ସ୍କୋର ସହ ଓଡ଼ିଶା 'ଲିଡର୍' ଭାବେ ସ୍ୱୀକୃତି ପାଇଛି। ୨୦୧୬-୧୭ରେ ଓଡ଼ିଶାର ଜିଏସ୍‌ଡିପି ଅଭିବୃଦ୍ଧି ୭.୯୪% ରହିଛି, ଯାହାକି ଜାତୀୟ ଅଭିବୃଦ୍ଧି ହାର ୭.୧% ତୁଳନାରେ ଢେର୍ ଅଧିକ। ୨୦୧୭ ନଭେମ୍ବର ୧୬ରେ ଗ୍ରାଉଣ୍ଡବ୍ରେକିଂ ହୋଇଥିବା ୨ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି ଏବଂ ଆଉ ୬ ମାସରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ସେଗୁଡ଼ିକୁ ଉତ୍ପାଦନ ଆରମ୍ଭ ହେବ। ଏ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ୨୦୧୮ରେ ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଥିଲା।

### ନମିଳିଲେ ...

ସ୍ଥିତି ଯାଞ୍ଚ କରିଥିଲେ। ସେତେବେଳେ ରତ୍ନଭଣ୍ଡାର ସ୍ଥିତି ସଙ୍କଟାପନ୍ନ ଥିବା କହିଥିଲେ ଯାଞ୍ଚକାରୀ ଦଳ। କାନ୍ଥ ଚୁନ ପରସ୍ତରା ଫାଟିଥିବା ଏବଂ ପାଣି ଜକାଉଥିବା କଥା କହିଥିଲେ ଏହି ଟିମ୍। ଦୁଆର ବନ୍ଧ ଉପରେ ଥିବା ୫ଟି ଲୁହା ବିମ୍ ମଧ୍ୟରୁ ଦୁଇଟି ତଳକୁ ଖସି ପଡିଥିବା ସେମାନେ ଦେଖିବାକୁ ପାଇଥିଲେ। ଭିତରକୁ ଯାଇ ନପାରି ଗ୍ରିଲ୍ ପଟେ ଟର୍ଚ୍ଚ ଲାଇଟ୍ ପକାଇ ଭିତର ଭଣ୍ଡାରର ଚଟାଣ, କାନ୍ଥ ଓ ଛାତର ଅନୁଧ୍ୟାନ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଉକ୍ତଦିନ ଭୁବନେଶ୍ୱରରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ତନାଘନା ଆଲୋଚନା ହୋଇଥିଲା। ଏହି ବୈଠକର ରିପୋର୍ଟ ଏବେ ପ୍ରକାଶ ପାଇଛି। ରିପୋର୍ଟରୁ ଜଣାଯାଇଛି ଯେ, ଭିତର ରତ୍ନଭଣ୍ଡାରର ଚାବି ହଜିଯାଇଥିବା ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନର ନିଷ୍ପତ୍ତି କ୍ରମେ ଅଧିକୃତ ବ୍ୟକ୍ତିମାନେ ରତ୍ନଭଣ୍ଡାର ପରିଦର୍ଶନରେ ଯାଇଥିଲେ। ସେମାନେ ବାହାର ଭଣ୍ଡାର ଘର ପରିଦର୍ଶନ କରିଥିବାବେଳେ ଭିତର ଭଣ୍ଡାରରେ ତିନୋଟି ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ଗୋଟିଏ ତାଲାରେ ଜଉମୁଦ ଦିଆଯାଇଥିଲା। ବିଧି ମୁତାବକ ଗୋଟିଏ ତାଲାର ଚାବି ଗଜପତି, ଅନ୍ୟଟି ଶ୍ରୀମନ୍ଦିର ପ୍ରଶାସନ ଓ ତୃତୀୟ ଚାବି ଭଣ୍ଡାର ମେକାପଙ୍କଠାରେ ରହିବା କଥା। ମାତ୍ର ଉକ୍ତ ଦିନ ଗଜପତିଙ୍କ ସେକ୍ରେଟାରୀ ଗୋଟିଏ ଚାବିନେଇ ଭିତରକୁ ଯାଇଥିଲେ। ଯେଉଁ ଚାବିରେ କୌଣସି ତାଲା ଖୋଲିନଥିଲା। ତେଣୁ ଚାବି ହଜିଯାଇଥିବା କଥା ସେତେବେଳେ ଜଣାପଡ଼ିଥିଲା। ତେଣୁ ଯାଞ୍ଚକାରୀ ଦଳ ଭିତର ଭଣ୍ଡାର ଖୋଲିପାରିନଥିଲେ। ପରିଚାଳନା କମିଟିର ଅନୁମତି ନଥିବାରୁ ତାଲା ଭଙ୍ଗା ଯାଇନଥିଲା। ବୈଠକରେ ଏହି ସୂଚନା ଦିଆଯିବା ପରେ ଗଜପତି ଚାବି ହଜିଯାଇଥିବା ଜାଣି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ତେବେ ବହୁ ଆଲୋଚନା ପର୍ଯ୍ୟାଲୋଚନା ପରେ ଭିତର ଭଣ୍ଡାରର ତାଲା ଭାଙ୍ଗିବା ପାଇଁ ଶ୍ରୀମନ୍ଦିର ପରିଚାଳନା କମିଟି ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ଇତିମଧ୍ୟରେ ଦୁଇମାସ ଅତିକ୍ରାନ୍ତ ହୋଇଯାଇଥିଲେ ବି ପ୍ରଶାସନ ଏଯାଏଁ କୌଣସି ପଦକ୍ଷେପ ଗ୍ରହଣ କରିନାହିଁ। ଯାହାକୁ ନେଇ ସେବାୟତ ଓ ଭକ୍ତ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ୫ ରାଜ୍ୟକୁ ...

ମଧ୍ୟରେ ଚାଲିଥିବା ବିବାଦର ସମାଧାନ ପାଇଁ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନ କରାଯାଇଛି। କେନ୍ଦ୍ର ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ସଂରକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଏଏମ୍ ଖାନ୍‌ୱିଲକର ଏହାର ଅଧ୍ୟକ୍ଷ ରହିଥିବା ବେଳେ ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡଃ ରବି ରଞ୍ଜନ ଏବଂ ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଇନ୍ଦରମିତ କୌର କୋଚର ସଦସ୍ୟ ରହିଛନ୍ତି। ଟ୍ରିବ୍ୟୁନାଲର ମୁଖ୍ୟାଳୟ ଦିଲ୍ଲୀ ଠାରେ ରହିଛି। ପୂର୍ବରୁ କେନ୍ଦ୍ର ସରକାର ମାମଲାର ଶୁଣାଣି କରିବା ପାଇଁ ଟ୍ରିବ୍ୟୁନାଲକୁ ଟର୍ମ ଅଫ୍ ରେଫରେନ୍ସ ଦେଇସାରିଛନ୍ତି। କେନ୍ଦ୍ର ସରକାର ସମସ୍ତ ନଦୀ ଜଳ ବିବାଦର ସମାଧାନ ପାଇଁ ଏକକ ଟ୍ରିବ୍ୟୁନାଲ ଗଠନ ସପକ୍ଷରେ ଥିବା ବେଳେ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ଏହା ଗଠନ କରାଯାଇଛି। ତେବେ ବିବାଦର ସମାଧାନ ଯେତିକି ବିଳମ୍ବ ହେଉଛି, ଛତିଶଗଡ଼ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ଉକ୍ତ ପ୍ରସଙ୍ଗକୁ ନେଇ ତିକ୍ତତା ବଢ଼ି ଚାଲିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ ମହାନଦୀ ପାଣିକୁ ତାଙ୍କ ରାଜ୍ୟ ବ୍ୟବହାର କରିବା ନେଇ କେହି ରୋକି ପାରିବେ ନାହିଁ ବୋଲି ମନ୍ତବ୍ୟ ଦେବା ପରେ ବିବାଦ ଆହୁରି ଘନୀଭୂତ ହୋଇଛି। ଉଭୟ କଂଗ୍ରେସ ଏବଂ ଶାସକ ବିଜେଡି ଏହାର ଦୃଢ଼ ପ୍ରତିବାଦ କରିଛନ୍ତି। କେନ୍ଦ୍ର ସରକାରଙ୍କ ସମର୍ଥନ ବଳରେ ଛତିଶଗଡ଼ ସରକାର ଏଭଳି ଔଦ୍ଧତ୍ୟପୂର୍ଣ୍ଣ ମନ୍ତବ୍ୟ ଦେଉଛନ୍ତି ବୋଲି ସେମାନେ କହିଛନ୍ତି। ଏପରିକି ଏହି ପ୍ରସଙ୍ଗକୁ ନେଇ ଏହି ଦୁଇ ଦଳର ନେତା ରାଜ୍ୟ ବିଜେପିକୁ ମଧ୍ୟ ଟାର୍ଗେଟ କରିଛନ୍ତି।

### ଓଡ଼ିଶାର ସ୍ୱାର୍ଥ ସହ ...

କାହିଁକି କରି ପାରିନାହାଁନ୍ତି। ଏହାର ଉତ୍ତର ଦେବାରୁ ବଞ୍ଚିବା ପାଇଁ ନିଜର ଅପାରଗତାକୁ ଲୁଚାଇବାକୁ କେବଳ ଭେଳିକି ସୃଷ୍ଟି କରୁଛନ୍ତି। ବିଧାନସଭାରେ ରାଜ୍ୟ ସରକାର ମହାନଦୀର ଅଧେ ପାଣି ସମୁଦ୍ରକୁ ବହିଯିବା ସମ୍ପର୍କରେ ଦେଇଥିବା ତଥ୍ୟର ସ୍ପଷ୍ଟୀକରଣ କାହିଁକି ଦେଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେଡିର ଅର୍ଜୁନ ସେଠୀ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଥିବା ବେଳେ କ'ଣ ବକ୍ତବ୍ୟ ରଖିଥିଲେ, ସେ ସମ୍ବନ୍ଧରେ ବିଜେଡି ମତ ସ୍ପଷ୍ଟ କରୁ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଛତିଶଗଡ଼ ଭୁଲ କରିଛି, ହେଲେ ମହାନଦୀର ପାଣି ଓଡ଼ିଶା କାହିଁକି ଅଟକେଇ ପାରିନାହିଁ, ତା'ର ଉତ୍ତର ଓଡ଼ିଶା ଲୋକ ମାଗୁଛନ୍ତି। ଛତିଶଗଡ଼ ସମ୍ପର୍କରେ ଟ୍ରିବ୍ୟୁନାଲ୍‌ରେ ନ୍ୟାୟ ମିଳିବ। କିନ୍ତୁ ମହାନଦୀ ପାଣିର କାହିଁକି ସଂରକ୍ଷଣ ହେଲା ନାହିଁ ଏହାର ଉତ୍ତର କେବଳ ବିଜେଡି ସରକାରଙ୍କୁ ଦେବାକୁ ପଡ଼ିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ପ୍ରଧାନଙ୍କ ଏହି ବକ୍ତବ୍ୟର ପ୍ରତିକ୍ରିୟାରେ ହନୁ ମଲାବେଳେ ସତ କହିଲା ବୋଲି ବିଜେଡି ମୁଖପାତ୍ର ପ୍ରତାପ ଦେବ କହିଛନ୍ତି।

### ପାଣି ଆମର ...

ରମଣ କହିଛନ୍ତି ଯେ ମହାନଦୀର ୮୫% କ୍ୟାଚ୍‌ମେଣ୍ଟ ଏରିଆ ଛତିଶଗଡ଼ରେ ରହିଥିଲା ବେଳେ ସମ୍ପୃକ୍ତ ରାଜ୍ୟ ସେତିକି ପରିମାଣର ମହାନଦୀ ପାଣି ବ୍ୟବହାର କରୁନାହିଁ। ବର୍ଷାଦିନରେ ମହାନଦୀର ୬୦%ରୁ ଉର୍ଦ୍ଧ୍ୱ ଜଳ ସମୁଦ୍ରକୁ ଚାଲିଯାଉଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାନଦୀ ଜଳର ସଠିକ୍ ଉପଯୋଗ କରିବା ପରିବର୍ତ୍ତେ ଏହାକୁ ଏକ ରାଜନୀତି ପ୍ରସଙ୍ଗ କରୁଛନ୍ତି। ହେଲେ ଛତିଶଗଡ଼ ସରକାର ନିଜ ଲୋକଙ୍କ ସ୍ୱାର୍ଥ ପାଇଁ ମହାନଦୀ ଜଳକୁ ବ୍ୟବହାର କରୁଛି। ଏନେଇ ସମସ୍ତ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅନୁମତି ପାଇଛି ଛତିଶଗଡ଼ ସରକାର। ତେଣୁ କେନ୍ଦ୍ରୀୟ ଜଳ ଆୟୋଗ ଏନେଇ କୌଣସି ଆପତ୍ତି ଉଠାଇବ ବୋଲି ସେ ଭାବୁନଥିବା କହିଛନ୍ତି ରମଣ। ରମଣଙ୍କ ବକ୍ତବ୍ୟ ସତେଯେମିତି ଓଡ଼ିଶା ରାଜନୀତିକୁ ଭିନ୍ନ ମୋଡ ଦେଇଛି। ଓଡ଼ିଶାର ୪.୫ କୋଟି ଜନସାଧାରଣ ମହାନଦୀ ଉପରେ ନିର୍ଭର କରୁଥିବା ବେଳେ ରମଣ ସିଂହଙ୍କ ଏଭଳି ମନ୍ତବ୍ୟ ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି।

### କାନାଡା ...

ଦଶନ୍ଧି ଯୁଦ୍ଧ କରିଥିବା ଏକ ବନ୍ଧୁ ରାଷ୍ଟ୍ର ବିରୋଧରେ ଏହା ସମ୍ମୁଖ ଯୁଦ୍ଧ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ ବିଶ୍ୱର ଅନ୍ୟ କୌଣସି ଦେଶ ତୁଳନାରେ ଆମେରିକାଠାରୁ କାନାଡ଼ା ଅଧିକ ଇସ୍ପାତ କିଣିଥାଏ। ଆମେରିକା ଯେତେ ଇସ୍ପାତ ରପ୍ତାନୀ କରେ କାନାଡ଼ା ତା'ର ପ୍ରାୟ ଅଧା କିଣିଥାଏ। ଟ୍ରୁଡୋ କହିଛନ୍ତି ଯେ ଆମେରିକାର ପ୍ରତିରକ୍ଷା ଶିଳ୍ପକୁ କାନାଡ଼ା ଆଲୁମିନିୟମ ଓ ଇସ୍ପାତ ଯୋଗାଇଥାଏ। ଆମେରିକାର ବିମାନଗୁଡ଼ିକରେ କାନାଡ଼ାର ଆଲୁମିନିୟମ ଲାଗିଥାଏ ଏବଂ ଆମେରିକାର ଟ୍ୟାଙ୍କରେ କାନାଡ଼ାର ଇସ୍ପାତ ବ୍ୟବହୃତ ହୋଇଥାଏ। ଦଶନ୍ଧି ଦଶନ୍ଧି ଧରି ଏହା ନିରାପଦ ରହି ଆସିଛି। ଏବେ ଟ୍ରମ୍ପ ପ୍ରଶାସନ ଏହି କାରବାରକୁ ଆମେରିକାର ନିରାପତ୍ତା ପ୍ରତି ବିପଦ କହିବା ସଂପୂର୍ଣ୍ଣ ଅକଳ୍ପନୀୟ। କାନାଡ଼ାର ବୈଦେଶିକ ମନ୍ତ୍ରୀ କ୍ରିଷ୍ଟିଆ ଫ୍ରିଲାଣ୍ଡ କହିଛନ୍ତି ଯେ ଆମେରିକାର ଏହି ପଦକ୍ଷେପ ବିରୋଧରେ କାନାଡ଼ା ଆମେରିକାର ଉତ୍ପାଦ ଉପରେ ଜରିମାନା ଲଗାଇବ। ଆମେରିକା ନିଜ ନିଷ୍ପତ୍ତି ପ୍ରତ୍ୟାହାର କରିବା ପର୍ଯ୍ୟନ୍ତ କାନାଡ଼ା ଏହି ନିଷ୍ପତ୍ତିରୁ ଓହରିବ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଗତ ମାର୍ଚ୍ଚ ମାସରେ ବିଦେଶୀ ଇସ୍ପାତ ଓ ଆଲୁମିନିୟମ ଉପରେ ଟାରିଫ ବା ଶୁଳ୍କ ଲଗାଇବାକୁ ଘୋଷଣା କରିଥିଲେ। ସେ କହିଥିଲେ ଯେ ଇସ୍ପାତ ଓ ଆଲୁମିନିୟମର ବିଦେଶୀ ଉତ୍ପାଦକଙ୍କ ଅନୈତିକ ପ୍ରତିଯୋଗିତା ଯୋଗୁଁ ଆମେରିକା ସ୍ୱାର୍ଥ ବ୍ୟାହତ ହେଉଛି ଏବଂ ଏହା ଆମେରିକାର ଜାତୀୟ ନିରାପତ୍ତା ପ୍ରତି ମଧ୍ୟ ବିପଦ ସୃଷ୍ଟି କରିଛି। ଗତକାଲି ଆମେରିକା ବାଣିଜ୍ୟ ସଚିବ ରସ୍ କହିଥିଲେ ଯେ ଏକ ସୁଦୃଢ଼ ଅର୍ଥନୀତି ବିହୁନେ ଆପଣ ଜାତୀୟ ନିରାପତ୍ତାକୁ ସୁଦୃଢ଼ କରିପାରିବେ ନାହିଁ। ଆମେରିକାର ଏପ୍ରକାର ସୁରକ୍ଷାବାଦୀ ନୀତି ବିରୋଧରେ ୟୁରୋପୀୟ ୟୁନିଅନ ମଧ୍ୟ ଯୁଦ୍ଧ ଘୋଷଣା କରିଛି। ୟୁରୋପୀୟ ୟୁନିଅନ ସଭାପତି ଜାଁ କ୍ଲଡ଼ ଜଙ୍କର କହିଛନ୍ତି ଯେ ଏହା ହେଉଛି ସୁରକ୍ଷାବାଦ, ଶୁଦ୍ଧ ଓ ସରଳ। ଏହାର ଜବାବରେ ଆମେରିକାରୁ ଆସୁଥିବା ହାର୍ଲେ ଡେଭିଡସନ ମୋଟର ସାଇକେଲ, ଲେଭି'ସ ଜିନ୍ସ ଏବଂ କେଣ୍ଟୁକି ବୁର୍ବୋନ ପରି ଅନେକ ଜିନିଷ ଉପରେ ୟୁରୋପୀୟ ୟୁନିଅନ ଟିକସ ଲଗାଇବାକୁ ଘୋଷଣା କରିଛି। ୟୁରୋପର ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ଆମେରିକାର ୭୫୦ କୋଟି ଡଲାରର ରପ୍ତାନୀ ପ୍ରଭାବିତ ହେବାର ଆଶଙ୍କା ରହିଛି।

### 'ଆକାଂକ୍ଷା'ରେ ...

ଅତିରିକ୍ତ ଶାସନ ସଚିବ ତଥା ଏମ୍‌ଏସ୍‌ଏମ୍‌ଇ ବିଭାଗ ସଚିବ ଲକ୍ଷ୍ମୀ ନାରାୟଣ ଗୁପ୍ତା, ଅବକାରୀ ବିଭାଗ ପ୍ରମୁଖ ସାସନ ସଚିବ ନିକୁଞ୍ଜ ବିହାରୀ ଧଳ, ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଚନ୍ଦ୍ରଶେଖର କୁମାର, ଖାଦ୍ୟ ଓ ଯୋଗାଣ ବିଭାଗ ସଚିବ ବୀର ବିକ୍ରମ ଯାଦବ, ପବ୍ଲିକ ଏଣ୍ଟରପ୍ରାଇଜେସ୍ ସଚିବ ବିଜୟ ଆରୋରା, ଶକ୍ତି ସଚିବ ହେମନ୍ତ ଶର୍ମା, ଜଳ ସମ୍ପଦ ବିଭାଗ ସଚିବ ପ୍ରଦୀପ ଜେନା ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ମନୋନୀତ କରାଯାଇଛି। ସେହିପରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ନୋଡାଲ୍ ଅଫିସର ନିଯୁକ୍ତ କରାଯାଇଛି। ଏହି ଆଇଏଏସ୍ ଅଧିକାରୀମାନେ ସମ୍ପୃକ୍ତ ଜିଲ୍ଲାକୁ ମାସକୁ ଦୁଇ ଥର ଗସ୍ତ କରିବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ଦେଇଥିବା ସୂଚନା ଅନୁସାରେ ରାଜ୍ୟ ସରକାର ଏହି ଜିଲ୍ଲାଗୁଡ଼ିକରେ ନିଜସ୍ୱ ପାଣ୍ଠିରୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୁପୋଷଣ ଦୂର କରିବା ନେଇ ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ସମ୍ପୃକ୍ତ ଜିଲ୍ଲା ପିଛା ଏକକୋଟି ଟଙ୍କାର କର୍ପସ ପାଣ୍ଠି ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ବା ସ୍ଥାନୀୟ ଅଞ୍ଚଳର ଡାକ୍ତର ନିଯୁକ୍ତ କରାଯାଇ ସ୍ୱାସ୍ଥ୍ୟସେବା ଯୋଗାଯାଉଛି। ୩୦ଟି ଜିଲ୍ଲାରେ ୯୫ଟି ହସ୍ପିଟାଲକୁ ଫାଷ୍ଟ ରେଫରାଲ୍ ଡାକ୍ତରଖାନା ଭାବରେ ପରିଣତ କରାଯାଇଛି। ନିରାମୟ ଯୋଜନା ଅନ୍ତର୍ଗତ ୩୭୦ ପ୍ରକାରର ଅତ୍ୟାବଶ୍ୟକ ଔଷଧ ମାଗଣାରେ ପ୍ରଦାନ କରାଯାଉଛି। ସେହିପରି 'ନିଦାନ' ଅନ୍ତର୍ଗତ ଲୋକଙ୍କୁ ମାଗଣା ଡାଇଗ୍ନୋଷ୍ଟିକ୍ ସେବା ଯୋଗାଇ ଦିଆଯାଉଛି। ଅନୁଷ୍ଠିତ ବୈଠକରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତକରଣ ପାଇଁ ହାତାଧିକାରୀଙ୍କୁ ୪,୫୦୦ ଟଙ୍କା ବଦଳରେ ୨୦ ହଜାର ଟଙ୍କା ପ୍ରଦାନ କରିବାକୁ ମୁଖ୍ୟ ସଚିବ ଅନୁରୋଧ କରିଛନ୍ତି। ଏଭଳି କରାଗଲେ ବିଦ୍ୟୁତକରଣ ବାବଦକୁ ଅତିରିକ୍ତ ଖର୍ଚ୍ଚ ହିତାଧିକାରୀମାନେ ତୁଳାଇ ପାରିବେ ବୋଲି ସେ କହିଛନ୍ତି। ତେବେ ଏନେଇ ରାଜ୍ୟ ସରକାର ୪୦ ପ୍ରତିଶତ ଖର୍ଚ୍ଚ ବହନ କରିବା ପାଇଁ ପ୍ରସ୍ତୁତ ବୋଲି ସେ ପ୍ରସ୍ତାବ ଦେଇଛନ୍ତି। ବୈଠକରେ ଆକାଂକ୍ଷା ଯୋଜନାର ଅଗ୍ରଗତି ନେଇ କ୍ୟାବିନେଟ୍ ସଚିବ ସନ୍ତୋଷ ପ୍ରକାଶ କରିଥିବା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

### ଚର୍ଚ୍ଚାରେ ...

ବାକ୍ସରେ ତାଲା ପଡିଥିବା ଏକ ଯୁବତୀର ଶବ। ପୁଣି ଅଖା ଭିତରେ କୌଣସି ମଣିଷ ପରି ଯନ୍ତୁର ଶବକୁ ଉପରୁ ମଧ୍ୟ ଲୋକେ ଭାବି ନେଇଥିଲେ ଇଏ ମଧ କେଉଁ ଯୁବତୀର ହାତଗୋଡ ବନ୍ଧା ଶବ ହୋଇଥିବ। ଏଥି ମଧ୍ୟରେ ଖବର ପାଇ ରଘୁନାଥପୁର ଥାନା ଆଇଆଇସି ରଂଜନ କୁମାର ମଲ୍ଲିକ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ । ପରେ ଅଖା ଭିତରେ କଣ ଅଛି ଜାଣିବା ପାଇଁ ଲୋକଙ୍କ ଉତ୍କଣ୍ଠା ସହିତ ଜନଗହଳି ମଧ୍ୟ ବଢି ଚାଲିଥାଏ। ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ ଯେ, ଉଚ୍ଚ ପୋଲିସ ଅଧିକାରୀ, ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହିତ ଜଣେ ମାଜିଷ୍ଟ୍ରେଟଙ୍କୁ ଘଟଣା ସ୍ଥଳକୁ ଖୁବ୍ ଶିଘ୍ର ଆସୁଛନ୍ତି। ତାଙ୍କ ଉପସ୍ଥିତିରେ ଅଖାରେ ଥିବା ମୃତ ବ୍ୟକ୍ତିର ଅଖାକୁ ସମ୍ପୂର୍ଣ୍ଣ ଖୋଲାଯିବ। ଦିନ ପ୍ରାୟ ୧୧ଟା ସୁଦ୍ଧା ତିର୍ତ୍ତୋଲରେ ଥିବା ଏସଡିପିଓ ଶିବ ପ୍ରସାଦ ମଲ୍ଲିକଙ୍କ ସହିତ ସନ୍ଧାନୀ କୁକୁର, ଜଗତସିଂହପୁରର ସାଇଣ୍ଟିଫିକ୍ ଟିମ୍ ଏବଂ ମାଜିଷ୍ଟ୍ରେଟ ଭାବେ ତିର୍ତ୍ତୋଲର ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ପଣ୍ଡା ଘଟଣା ସ୍ଥଳରେ ପହଞ୍ଚିଥିଲେ। ହଜାର ହଜାର ଲୋକଙ୍କ ଉପସ୍ଥିତିରେ ସିଲାଇ ଅଖାକୁ ସମ୍ପୂର୍ଣ୍ଣ ଭାବେ କାଟି ଦୁଇଫାଳ କରାଗଲା। ତାହା ଭିତରୁ ଥିବା ଜୈନିକା ଯୁବତୀର ମୃତ ଦେହକୁ ଦେଖିବା ମାତ୍ରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। କାରଣ ଅଖା ଭିତରୁ ବାହାରିଥିବା ଯୁବତୀର ଶବଟି ଭଲ ଭାବରେ ହାତ ଗୋଡ ବନ୍ଧା ଯାଇଥିଲା। ଯାହାକି ବିଗତ ଦିନରେ ଠିକ୍ ଏହି ଭଳି ହାତଗୋଡ ବନ୍ଧା ହୋଇ ବାକ୍ସ ଭିତରୁ ମିଳିଥିଲା ଜନୈକା ଯୁବତୀଙ୍କ ଗଳିତ ଶବ। ତାହା ମଧ୍ୟ ଏହି ଧଳତଙ୍ଗଡ ଘଞ୍ଚ ଜଙ୍ଗଲ ମଧ୍ୟରେ ପଡିଥିଲା। ଅତିରିକ୍ତ ଦୁର୍ଗନ୍ଧ ହେବାରୁ ଘଟଣା ପଦାକୁ ଆସିଥିଲା। ମାତ୍ର ଏହି ବାକ୍ସରେ ବନ୍ଦ ଥିବା ଯୁବତୀ ଶବଟି ତିର୍ତ୍ତୋଲ ଥାନା ଅଧିନରେ ଥିଲା। ସେ ସମୟର ତଦନ୍ତକାରୀ ଅଫିସର କ'ଣ ତଦନ୍ତ କଲେ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ତେବେ ପୁନର୍ବାର ଅଖା ମଧ୍ୟରୁ ମିଳିଥିବା ଯୁବତୀଙ୍କ ଶବ ଜବତ ପରେ ଏହାର ନମୂନା ପରୀକ୍ଷା ପାଇଁ ନେଇଛି ତିର୍ତ୍ତୋଲ ପୋଲିସ। ଜନମାନସରେ ପୋଲିସ ପ୍ରତି ଘୃଣା ଭାବ ରହିଥିବା ମନେ କରି ଏହି ମାମଲାକୁ ଏକ ଆହ୍ୱାନ ଭାବେ ଗ୍ରହଣ କରିଛନ୍ତି ଥାନାଧିକାରୀ ଶ୍ରୀ ମଲ୍ଲିକ। ପୋଲିସ ଏହି ଘଟଣାରେ ମୃତା ଯୁବତୀଙ୍କ ବାପାଙ୍କୁ ଅଟକ ରଖି ଘଟଣା ସମ୍ପର୍କରେ ଯାହା ଜାଣିବାକୁ ପାଇଲେ ମୃତ୍ୟୁର କିଛିଦିନ ଆଗରୁ ଯୁବତୀ ଜଣକ ଘରୁ ନିଖୋଜ ଥିଲେ। କିନ୍ତୁ ସତ ଯାହା ସାମ୍ନାକୁ ଆସିଲା ତାହା ଅତି ହୃଦୟବିଦାରକ। ମୃତ ଯୁବତୀଙ୍କ ପିତା ଯୁବତୀଙ୍କ ଗର୍ଭପାତ ପାଇଁ ତାଙ୍କୁ ଏହି କ୍ଲିନିକ୍‌କୁ ଆଣିଥିଲେ। ହେଲେ ଗର୍ଭପାତ ବେଳେ ଡାକ୍ତର ଓ କ୍ଲିନିକ୍ କର୍ମଚାରୀଙ୍କ ଅସାବଧାନତା ଯୋଗୁଁ ଯୁବତୀଙ୍କ ମୃତ୍ୟୁ ଘଟିଥିଲା। ହେଲେ ଘଟଣାକୁ ଚାପିଦେବା ପାଇଁ କ୍ଲିନିକ୍ ତରଫରୁ ଏକ ସୁଚିନ୍ତିତ ଯୋଜନା କରାଯାଇ ମୃତା ଯୁବତୀଙ୍କୁ ହାତ, ଗୋଡ ବାନ୍ଧି ଏକ ଅଖା ଭିତରେ ଭର୍ତ୍ତି କରି ଜଙ୍ଗଲରେ ଫିଙ୍ଗି ଦିଆଯାଇଥିଲା। ପରେ ପୋଲିସ ପକ୍ଷରୁ ତଦନ୍ତ ହେଲା ବେଳେ ସମସ୍ତ ତଥ୍ୟ ପ୍ରଘଟ ହୋଇଛି। ଉକ୍ତ କ୍ଲିନିକ୍‌ର ମାଲିକାଣୀ ତଥା ଡାକ୍ତର ହାରାମଣିଙ୍କ ଏଭଳି ଯୋଜନା ଆଉ ଲୁଚାଛପା ନାହିଁ। ଘଟଣାର ପର୍ଦ୍ଦାଫାସ ପରେ ରଘୁନାଥପୁର ପୋଲିସ କେଶ୍ ନମ୍ବର ୧୧/୨୦୧୮ ଏବଂ ଦଫା ୩୦୨, ୩୧୩, ୩୧୪, ୨୦୧, ୧୦୯, ୨୩ପିଏନ୍‌ଡିଟି ଦଫା ଲଗାଇ ମୃତା ଯୁବତୀଙ୍କ ବାପା ସୁତାର, କ୍ଲିନିକ୍‌ର ମାଲିକାଣି ହାରାମଣି, ସହଯୋଗୀ ନର୍ସ ଓ ଘଟଣାରେ ସମ୍ପୃକ୍ତ ଅଟୋ ଡ୍ରାଇଭରଙ୍କୁ କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳି ଯାଇଥିବା ବେଳେ ଏଭଳି ବେଆଇନ ଗର୍ଭପାତ କରୁଥିବା ନର୍ସିଂହୋମ୍ ବା କ୍ଲିନିକ୍ ଗୁଡିକ ପ୍ରତି ଜିଲ୍ଲା ପ୍ରଶାସନ ସତର୍କ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।




# ମନେପଡେ - ପାଣାଜୀର ସ୍ୱାଦିଷ୍ଟ କାଜୁ

‘ଏକମାତ୍ର’ରେ ଏହି ସ୍ତମ୍ଭ ଲେଖିବା ପରଠାରୁ ଗୋଆ ସମ୍ପର୍କିତ ମୋର ଅନେକ ସ୍ମୃତି ଧିରେ ଧିରେ ତାଜା ହୋଇଗଲା । ଏବେ ଯେଉଁ ଅନୁଭୂତି ସମ୍ପର୍କରେ ଆପଣମାନଙ୍କୁ କହିବି ତାହା ଶୁଣିଲେ ଆପଣମାନେ ଆଶ୍ଚର୍ଯ୍ୟ ହେବେ ଯେ ମୋ ଭଳିଆ ଜଣେ ବ୍ୟକ୍ତି କେମିତି ପର୍ଯ୍ୟଟକ ହୋଇ ଭାରତର ପ୍ରାୟ ୧୦ ଗୋଟି ରାଜ୍ୟ ବୁଲି ପାରିଲା । କଥା ହେଲା ମଙ୍ଗେସି ବାବାଙ୍କ ଦର୍ଶନସାରି ଖାଇସାରିବା ପରେ ଆମେ ସିଧା ଗେଷ୍ଟ ହାଉସ୍ ଅଭିମୁଖେ ଯାଇଥିଲୁ । ସେତେବେଳକୁ ସମୟ ପ୍ରାୟ ୩ଟା ପାଖାପାଖି ହେବ । ମୁଁ ରୁମ୍‌ରେ ବିଶ୍ରାମ ନ ନେଇ ପାଣାଜୀର ମାର୍କେଟରେ ବୁଲିବାକୁ ବାହାରିଥିଲି । ପ୍ରକୃତ କଥା ହେଲା ପାଣାଜୀର ମାର୍କେଟ ଯା ଭିତରେ ମୁଁ ପ୍ରାୟ ୨ଥର ବୁଲି ସାରିଥିଲି । କିନ୍ତୁ ଘରୁ ବାରମ୍ବାର ଫୋନ୍ ଆସୁଥିଲା ବିଭିନ୍ନ ସାମଗ୍ରୀ ଆଣିବା ପାଇଁ । ବିଶେଷକରି ଗୋଆର କାଜୁ ବହୁତ ଫେମସ । ତେଣୁ ଘରୁ ଘରଣୀଙ୍କ ଫୋନ୍ ଯୋଗେ ମୋତେ ନିର୍ଦ୍ଦେଶ ଥିଲା ଯେ ଗୋଆର କାଜୁ ଆଣିବା ପାଇଁ । ତେଣୁ ବାହାରିଲି କାଜୁ କିଣିବା ପାଇଁ । ଆପଣମାନଙ୍କୁ ଏଠାରେ ସୂଚନା ଦେବି ଯେ, ଗୋଆରେ ପ୍ରକୃତରେ ଭଲ କାଜୁ ମିଳେ । ଆପଣମାନେ ଯେତେବେଳେ କାଜୁ କିଣିବାକୁ ଯିବେ ସେତେବେଳେ ନିହାତି କିଛି କାଜୁ କିଣିବେ । ମୁଁ ପାଣାଜୀର ମାର୍କେଟରେ ବୁଲିବା ବେଳେ ବିଭିନ୍ନ କାଜୁ ଦୋକାନ ଦେଖିବାକୁ ପାଇଲି । ଆଉ ଶେଷରେ ଏକ ମଧ୍ୟମ ଧରଣର ଷ୍ଟୋରରେ ପହଞ୍ଚିଲି କାଜୁ କିଣିବା ପାଇଁ । ଦୋକାନୀ ଜଣକ ମୋ’ ସହ କଥା ହୋଇ କାଜୁର ବିଭିନ୍ନ ପ୍ରକାର ଭେଦ ବୁଝାଇଥିଲେ । ଦୋକାନୀ ଆହୁରି ମଧ୍ୟ ସୂଚନା ଦେଷେଲ ଯେ, ପର୍ତ୍ତୁଗୀଜମାନେ ପ୍ରଥମେ କାଜୁ ଚାଷ ଗୋଆରେ ଆରମ୍ଭ କରିଥିଲେ । ଅଶାନ୍ତ ସମୁଦ୍ରରୁ ଗୋଆର ଉପକୂଳକୁ ରକ୍ଷା କରିବା ପାଇଁ ସେମାନେ ସମୁଦ୍ରକୂଳ ଅଞ୍ଚଳରେ ଏହି କାଜୁ ଗଛ ରୋପଣ କରିଥିଲେ । ତେବେ ଏତେ ପ୍ରକାରର କାଜୁ ଦେଖିବା ଭିତରେ ମୁଁ କାଜୁ କିଣିବା ପାଇଁ ସ୍ଥିର କଲି । ଆଉ ଅଧକିଲୋଗ୍ରାମର ଚାରୋଟି ପ୍ୟାକେଟ୍ କିଣିଥିଲି । ତା’ଭିତରେ ଲୁଣିଆ କାଜୁ ମଧ୍ୟ ସାମିଲ ଥିଲା । ଏହାପରେ ଗେଷ୍ଟ ହାଉସରେ ରୋଷେଇ ପାଇଁ କିଛି ସାମଗ୍ରୀ କିଣି ଫେରିଥିଲି ।





ମୁଁ ରୁମ୍‌ରେ ପହଞ୍ଚିବା ବେଳକୁ ସମସ୍ତେ ମୋତେ ଅପେକ୍ଷା କରିଥିଲେ । ମୁଁ କ’ଣ କିଣିକି ଆଛି ଦେଖିବା ପାଇଁ । ମୁଁ ମୋର ପାରିବା ପଣିଆ ବଖାଣିବା ଆରମ୍ଭ କଲି । ଗୋଆରେ କାଜୁର ଇତିହାସ ଠାରୁ ଆରମ୍ଭ କରି କେମିତି ଶସ୍ତାରେ କାଜୁ ଆଣିଲି ତାହା ବଖାଣି ଚାଲିଥିଲି । ଶେଷରେ ମୋର ବନ୍ଧୁ ମୁଁ ଆଣିଥିବା କାଜୁ ପ୍ୟାକେଟ୍ ଦେଖିବାକୁ ଚାହିଁଥିଲେ । ମୁଁ ଯେତେବେଳେ ମୋର ବ୍ୟାଗ୍ ଖୋଲିଲି ସେଥିରେ କାଜୁ ପ୍ୟାକେଟ୍ ନଥିଲା । ମୋ ପାଦ ତଳୁ ଆକାଶ ଖସି ନଥିଲେ ମଧ୍ୟ କେମିତି ଏକ ଭିନ୍ନ ଅନୁଭବ ମୋର ହୋଇଥିଲା । କେଉଁଠାରୁ ମୁଁ କାଜୁ କିଣି ଆସିଲି ସେଇକଥା ଫ୍ଲାସ୍‌ବ୍ୟାକ୍‌ରେ ମୁଁ ଭାବିବାକୁ ଚେଷ୍ଟା କଲି । ହେଲେ ମୋର ମନେ ପଡୁନଥିଲା । ତା’ପରେ ଆମେ ସମସ୍ତେ ଏକାଠି ବାହାରିଥିଲୁ ହଜିଥିବା କାଜୁ ପ୍ୟାକେଟ ଖୋଜିବା ପାଇଁ । ପ୍ରକୃତରେ କିଛି ଟଙ୍କାର କାଜୁ ହଜିଯିବା ମୋ ପାଇଁ ବଡ ନଥିଲା ମୁଁ ଚାହିଁଥିଲେ ଆହୁରି କିଣିପାରିଥାନ୍ତି କିନ୍ତୁ ମୋ ପାଇଁ ବଡ କଥା ହେଲା କାଜୁ ମୁଁ ଛାଡିଲି କେଉଁଠି । ପ୍ରକୃତରେ ମଣିଷ ପାଖରେ ଯେତେବେଳେ କିଛି ଗୁରୁତ୍ୱପୂର୍ଣ୍ଣ କାମ ନଥାଏ ସେ ଏପରି କାମରେ ନିଜକୁ ନିୟୋଜିତ କରେ ଏହି ଭାବନା ମୋର ପରବର୍ତ୍ତୀ ସମୟରେ ଅନୁଭବ ହେଲା । ତେବେ ଯାହା ବି ହେଉ ଆମେ ପ୍ରଥମେ ପହଞ୍ଚିଥିଲୁ ମୁଁ କାଜୁ କିଣିଥିବା ଦୋକାନରେ । ଦୋକାନୀ ବନିୟତାର ସହ ଜଣାଇଲେ ଯେ ମୁଁ କାଜୁ ପ୍ୟାକେଟ୍ ନେଇଛି ଏବଂ ସେ ସିସିଟିଭି ଫୁଟେଜ୍ ମଧ୍ୟ ଦେଖାଇଥିଲେ । ଏହାପରେ ସଉଦା ଦୋକାନ ପହଞ୍ଚିଲୁ ସେଠାରେ ମଧ୍ୟ ସମାନ ଅବସ୍ଥା । ଏହାପରେ ମୁଁ ସାମାନ୍ୟ ପ୍ରକୃତିସ୍ଥ ହୋଇ ନିଷ୍ପତ୍ତି ନେଲି ଯେ ସାମାନ୍ୟ କେତେ ଟଙ୍କାର କାଜୁ ପାଇଁ ଏତେ ସମୟ ପୁଣି ଶ୍ରମ କାହିଁକି ବ୍ୟୟ କରିବା । ତେଣୁ ଆଉ ଥରେ ପୁରୁଣା ଦୋକାନରୁ କାଜୁ କିଣି ରୁମ୍‌କୁ ବାହାରିଲୁ । ବାରିକ ଦେଖିଲେ ନଖ କଅଁଳିବା ଭଳିଆ ମୋର ବନ୍ଧୁ ପ୍ରଥମରୁ ଗୋଆରୁ କାଜୁ କିଣାକୁ ବିରୋଧ କରୁଥିଲେ ମଧ୍ୟ ଗୋଆର କାଜୁର ରୂପ ଓ ଗୁଣରେ ବୋଧେ ମୋହିତ କିଛି କାଜୁ ସେ ମଧ୍ୟ କିଣିଥିଲେ । ଏହାପରେ ପୁଣି ଆମେ ଆମ ଗେଷ୍ଟ ହାଉସ୍‌କୁ ଫେରିବାକୁ ବାହାରିଲୁ । କିଛି ସମୟର ଯାତ୍ରା ପରେ ଆମେ ଗେଷ୍ଟ ହାଉସ୍‌ରେ ପହଞ୍ଚିବା ବେଳକୁ ମ୍ୟାନେଜର ସୂଚନା ଦେଲେ ଯେ ମୋତେ ଦେଖାକରିବା ପାଇଁ ଜଣେ କେହି ଅପେକ୍ଷା କରିଛନ୍ତି । ମୁଁ ଗେଷ୍ଟ ହାଉସର ଲବିରେ ଯାଇ ଦେଖେତ ଜଣେ ଯୁବକ ମୋର ହଜିଯାଇଥିବା କାଜୁ ବ୍ୟାଗ୍‌କୁ ଧରି ଛିଡା ହୋଇଛନ୍ତି । ଆଉ ସେ ମୋତେ ଦେଖି କହିଲେ ‘ସାହାବ୍ ଇତିନା ଭୁଲକଡ୍ ହୋ’ ଏହା କହି ସେ ମୋତେ ମୋ ବ୍ୟାଗ୍‌କୁ ଦେଲେ । ମୋର ମନେ ପଡିଲା ସେ ହେଉଛନ୍ତି ଅଟୋ ଚାଳକ ଯାହାଙ୍କ ଅଟୋରେ ମୁଁ ପାଣାଜୀର ମାର୍କେଟରୁ ଗେଷ୍ଟ ହାଉସ୍‌କୁ ଫେରିଥିଲି । ମୁଁ ତାଙ୍କୁ ଆଉ କିଛି ଉତ୍ତର ଦେଇପାରିନଥିଲି । ମୋ ପାଖରେ କେବଳ ତାଙ୍କ ପାଇଁ ଥିଲା ହୃଦୟରୁ ଅନେକ ଧନ୍ୟବାଦ ।

*କ୍ରମଶଃ...*







# କଳାହାଣ୍ଡିରେ ଗଡିଲା ‘ପରୀ ଏକ୍ସପ୍ରେସ’

**ଭବାନୀପାଟଣା :** ଓଡିଶା ପୋଲିସ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ରାଜ୍ୟରେ ଦିନକୁ ଦିନ ବଢୁଥିବା ଶିଶୁ ଯୌନ ନିର୍ଯାତନା ଘଟଣା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଏହି ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ସମଗ୍ର ରାଜ୍ୟରେ ପରୀ ପାଇଁ କଥାଟିଏ ସମ୍ପର୍କରେ ଲୋକଙ୍କୁ ବୁଝାଇବା ଲକ୍ଷ୍ୟରେ ପରୀ ଏକ୍ସପ୍ରେସ ସଚେତନ ରଥର ଶୁଭାରମ୍ଭ କରାଯାଇଛି । ରାଜ୍ୟରେ ସମୁଦାୟ ୧୫ ଗୋଟି ପରୀ ଏକ୍ସପ୍ରେସ ୩୦ଟି ଜିଲ୍ଲା ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିବା ନିମନ୍ତେ ଏକ ଅଭିଯାନ ଆରମ୍ଭ କରାଯାଇଛି । ଏହି କ୍ରମରେ ସୋମବାର ଦିନ କଳାହାଣ୍ଡି ପୋଲିସ ପକ୍ଷରୁ ସ୍ଥାନୀୟ ଗାନ୍ଧିଛକ ଠାରେ ପରୀ ଏକ୍ସପ୍ରେସ ଶୁଭାରମ୍ଭ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କଳାହାଣ୍ଡି ଏସ୍‌ପି ସନ୍ଦିପ ମାଡକରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଆନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଅତିରିକ୍ତ ଏସ୍‌ପି ଗୋପିନାଥ ମଣିପାତ୍ର, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଷଡଙ୍ଗି, ଭବାନୀପାଟଣା ପୌରପାଳିକାର ଉପାଧ୍ୟକ୍ଷା ସବିତା ପ୍ରଧାନ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ କାରୁଣ୍ଡ କଳା କେନ୍ଦ୍ରର କଳାକାର ମାନେ ଶିଶୁ ଯୌନ ନିର୍ଯ୍ୟାତନା ସମ୍ପର୍କିତ ଏକ ସଚେତଧର୍ମୀ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ପରେ ଶିଶୁ ଯୌନ ନିର୍ଯ୍ୟାତନା ସମ୍ପର୍କିତ ଏକ ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଥିଲା । ଏହା ପୂର୍ବରୁ ସକାଳ ୭ଟାରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ଶିଶୁ ଯୌନ ନିର୍ଯ୍ୟାତନା ଘଟଣା ରୋକିବା ନିମନ୍ତେ ଦେଶରେ କଠୋର ଆଇନ ବ୍ୟବସ୍ଥା କରାଯାଇଛି । ତେବେ ଅପରାଧ ଘଟିବା ପୂର୍ବରୁ କିଭଳି ଜନସାଧାରଣ ଶିଶୁ ଯୌନ ନିର୍ଯ୍ୟାତନା ଘଟଣାକୁ ରୋକିପାରିବେ ସେହି ଦିଗରେ ଉଦ୍ୟମ କରିବା




ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଆଇନର ବ୍ୟବସ୍ଥା ଅନୁଯାୟୀ ୧୨ ବର୍ଷରୁ କମ୍ ବୟସର ଶିଶୁ ଯୌନ ନିର୍ଯ୍ୟାତନାର ଶିକାର ହେଲେ ଅପରାଧିକୁ ମୃତ୍ୟୁ ଦଣ୍ଡ ବ୍ୟବସ୍ଥା ରହିଥିବା ବେଳେ ୧୬ ବର୍ଷରୁ କମ୍ ଶିଶୁକୁ ଯୌନ ନିର୍ଯ୍ୟାତନା ଦେଇଥିବା ଅପରାଧିକୁ ଆଜୀବନ କାରାଦଣ୍ଡର ବ୍ୟବସ୍ଥା ରହିଛି । ତେବେ କୌଣସି ଦୁଷ୍କର୍ମ ଘଟଣା ଘଟିଲା ପରେ ଆଇନ ଅନୁଯାୟୀ ପୋଲିସ ପ୍ରଶାସନ ତାହାର ପଦକ୍ଷେପ ନେବ । କିନ୍ତୁ ସମାଜର ସମସ୍ତ ବର୍ଗ ଏବଂ ବିଶେଷ କରି ଅଭିଭାବକ ମାନେ ଏହି ଦିଗରେ ସଚେତନ ହେଲେ ଅନେକାଂଶରେ ନୀରିହ ଶିଶୁ ମାନଙ୍କୁ ଯୌନ ନିର୍ଯ୍ୟାତନା ଓ ଯୌନ ଉତ୍‌ପିଡନରୁ ରକ୍ଷା କରାଯାଇପାରିବ । ଏଣୁ କରି ସମସ୍ତ ପିତାମାତା, ଅଭିଭାବକ ଏବଂ ସମାଜର ସମସ୍ତ ବର୍ଗ ଏଥିପ୍ରତି ସଚେତନ ହୋଇ ଦେଶର ଭବିଷ୍ୟତ ଶିଶୁ ମାନଙ୍କର ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବା ପାଇଁ କଳାହାଣ୍ଡି ଏସ୍‌ପି ଶ୍ରୀ ମାଡକର ଆହ୍ୱାନ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମହିଳା ଓ ଶିଶୁ ଡେସ୍କ ଡିଏସ୍‌ପି ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଭବାନୀପାଟଣାରେ ଅତିଥି ମାନେ ପରୀ ଏକ୍ସପ୍ରେସକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ ଆଜି ପରୀ ଏକ୍ସପ୍ରେସ ଭବାନୀପାଟଣା ବ୍ଲକ ଓ ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଓ ୨ ଘଣ୍ଟିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି । ଏହି ପରୀ ରଥଟି ଆସନ୍ତା ୩ ତାରିଖ ଯାଏଁ ଜିଲ୍ଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସଚେତନତା ସୃଷ୍ଟି କରିବାର କାର୍ଯ୍ୟକ୍ରମ ରହିଛି ।

# ଡ୍ରୋନ ସର୍ଭେ କାର୍ଯ୍ୟକ୍ରମ : ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତିର ବିରୋଧ

**ଭବାନୀପାଟନା :** ରାଜ୍ୟ ସରକାର ଭବାନୀପାଟଣା ସମେତ ଜିଲ୍ଲାର ବିଭିନ୍ନ ସହରାଞ୍ଚଳରେ ଥିବା ସରକାରୀ ଜମି ଓ ଦେବୋତ୍ତର ବିଭାଗ ଜମିରେ ଦୀର୍ଘ ବର୍ଷ ଧରି ଜବରଦଖଲ କରି ରହୁଥିବା ହିତାଧିକାରୀ ମାନଙ୍କୁ ପରିବାର ପିଛା ୩୨୩ ବର୍ଗଫୁଟ୍ ଜମି ପଟ୍ଟା ଦେବା ପାଇଁ ସ୍ଥିର କରିସାରିଛି । ଏହି ସବୁ ସହରାଞ୍ଚଳରେ ସରକାରୀ ଜମି କେତେ ଅଛି ତାହା ଜାଣିବା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରଶାସନ ଡ୍ରୋନ କ୍ୟାମେରା ମାଧ୍ୟମରେ ଭବାନୀପାଟଣା ସମେତ ବିଭିନ୍ନ ସହରାଞ୍ଚଳରେ ସର୍ଭେ କାର୍ଯ୍ୟ ଆରମ୍ଭ କରିଛି । ଏହି କାର୍ଯ୍ୟକୁ ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ଭବାନୀପାଟଣା ବିରୋଧ କରୁଛି । ଜନମ ମାଟି ସୁରକ୍ଷା ସଂଗ୍ରାମ ସମିତି ପକ୍ଷରୁ ସ୍ଥାନୀୟ ସାର୍କିଟ ହାଉସ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ବିଜୟ କୁମାର ସାହୁ, ସାମନ୍ତ ଖମାରୀ, ଗିରିଧାରି ପାତ୍ର, ମନିନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଏହି ଡ୍ରୋନ ସର୍ଭେ ନୀତିକୁ ତିବ୍ର ସମାଲୋଚନା କରିବା ସହିତ ବିରୋଧ କରିଥିଲେ । ସମିତିର ଏହି କର୍ମକର୍ତ୍ତା ମାନେ ପ୍ରକାଶ କରିଥିଲେ ଯେ ଡ୍ରୋନ କ୍ୟାମେରା ଦ୍ୱାରା ସର୍ଭେ କରାଯିବା ଫଳରେ ସହରର ବହୁ ପରିବାର ବାସହୀନ ହେବେ । ସରକାରଙ୍କ ଭୂମିହୀନ ନୀତି ସମ୍ପୂର୍ଣ୍ଣ ଭାବେ ଭୁଲ ଅଟେ । ଭବାନୀପାଟଣା ମ୍ୟୁନିସିପାଲିଟି ଅଞ୍ଚଳରେ ବର୍ଷ ବର୍ଷ ଧରି ବସବାସ କରି ଆସୁଥିବା ଗରିବ ପରିବାରଙ୍କୁ ସରକାରଙ୍କର ଏହି ନୀତି ଯୋଗୁଁ ସୁଫଳ ପାଇପାରିବେ ନାହିଁ । ସରକାର ବସ୍ତିବାସିନ୍ଦା ମାନଙ୍କୁ ଥଇଥାନ ପାଇଁ ଘୋଷଣା କରାଯାଇଥିବା ଯୋଜନା କଳାହାଣ୍ଡି ଜିଲ୍ଲା ପାଇଁ ଗ୍ରହଣୀୟ ନୁହେଁ । ସେହିପରି ବାର୍ଷିକ ୧ ଲକ୍ଷ ୮୦ ହଜାର ଟଙ୍କାରୁ କମ୍ ଆୟ ବା ଅନ୍ୟ କୌଣସି ସ୍ଥାନରେ ଭୂମି କିମ୍ବା ଜମି ନଥିବା ଲୋକ ମାନଙ୍କୁ ଏହି ଯୋଜନାରେ ସରକାର ବାସସ୍ଥାନ ଯୋଗାଇ ଦେବାର ଯୋଜନା କରିଛନ୍ତି । ଏହା ଦ୍ୱାରା ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକ ବଞ୍ଚିତ ହେବେ । ଏହି ନୀତି ସଂଗ୍ରାମ ସମିତି ଦୃଢ଼ ବିରୋଧ କରୁଛି । ଏହା ସହିତ ରାଜା ରାଜୁଡା ଶାସନ ଅମଳରୁ ବର୍ଷ ବର୍ଷ ଧରି ଯେଉଁ ପରିବାର ସରକାରୀ କିମ୍ବା ଦେବୋତ୍ତର ଜମିରେ ବସବାସ କରି ଆସୁଛନ୍ତି ସେମାନଙ୍କୁ ଉକ୍ତ ଜମିରେ ସ୍ଥାୟୀ ପଟ୍ଟା ଦିଆଯିବା, ସରକାରଙ୍କ ନିୟମ ଅନୁଯାୟୀ ଅବଶିଷ୍ଟ ଜମିର ସରକାରୀ ପ୍ରିମିୟମ୍ ଗ୍ରହଣ କରି ସେମାନଙ୍କ ନାମରେ ଜମି ପଟ୍ଟା ପ୍ରଦାନ କରାଯାଉ ବୋଲି ସଂଗ୍ରାମ ସମିତିର କର୍ମକର୍ତ୍ତା ମାନେ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଏଥିପ୍ରତି ତୁରନ୍ତ ଦୃଢ଼ ପଦକ୍ଷେପ ନନେଲେ ସଂଗ୍ରାମ ସମିତି ତରଫରୁ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ କରାଯିବ ବୋଲି ଚେତାବନି ଦେଇଥିଲେ ।

# ପଢ଼ିବାକୁ ଇଚ୍ଛାଥାଇ ବି ପଢ଼ିପାରୁନି ଭିନ୍ନକ୍ଷମ

**ଡାବୁଗାଁ :** ଡାବୁଗାଁ ବ୍ଲକର ଜବାଗୁଡା ପଞ୍ଚାୟତରେ ଏକ ଭିନ୍ନକ୍ଷମ ଛାତ୍ର ପଢ଼ିବାକୁ ଇଚ୍ଛାଥିଲେ ମଧ୍ୟ ଗରୀବର କଷାଘାତ ଯୋଗୁଁ ପଢ଼ିପାରୁନି । ଉକ୍ତ ଛାତ୍ରକୁ ପ୍ରଶାସନର ଦୃଷ୍ଟି ପଡିବାକୁ ଜନସାଧାରଣରେ ଦାବି ହେଉଛି । ଛାତ୍ର ଖ୍ରୀଷ୍ଟୋ ଟାକ୍ରି, ପିତା ସୁମନ ଟାକ୍ରି, ମାତା କରନଲ ଦେଇ ଟାକ୍ରି ପାପଡାହାଣ୍ଡି ବ୍ଲକର ଖର୍କି ଗ୍ରାମର । ଛାତ୍ର ଖ୍ରୀଷ୍ଟୋର ପିତା ମାତା ମୃତ୍ୟୁବରଣ କରିବା ପରେ ଛାତ୍ରଟି ଅନାଥ ହୋଇ ଯାଇଥିଲା । ଡାବୁଗାଁ ବ୍ଲକ ଜବାଗୁଡା ଗ୍ରାମର ଧନୁର୍ଜୟ ମିର୍ଗାନଙ୍କ ସ୍ତ୍ରୀଙ୍କ ଭଣଜା ହୋଇଥିବାରୁ ଧନୁର୍ଜୟ ମିର୍ଗାକ ଭଣଜା ଖ୍ରୀଷ୍ଟୋଙ୍କୁ ନିଜ ଘରକୁ ଆଣି ଡାବୁଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ାଇଥିଲେ । ୨୦୧୭ରେ ୨୫୪ ମାର୍କ ରଖି ବୋର୍ଡ ପରୀକ୍ଷାରେ ଡି’ ଗ୍ରେଡରେ ପାସ୍ କରିଥିଲା । ଜବାଗୁଡାର ମାମୁଁ ଧନୁର୍ଜୟଙ୍କର ଦୁଇ ପୁଅ, ଦୁଇ ଝିଅ । ସେ ମଧ୍ୟ ଅତ୍ୟନ୍ତ ଗରିବ ହୋଇଥିବାରୁ ନିଜ ପରିବାର ଚଳାଇବା ତାଙ୍କ ପାଇଁ କଷ୍ଟକର ହୋଇପଡୁଥିଲେ ସୁଦ୍ଧା ଭଣଜାକୁ ପାଖରେ ରଖିଛନ୍ତି । ଅର୍ଥାଭାଗଯୋଗୁଁ ପାଠପଢ଼ାଇବା ଧନୁର୍ଜୟଙ୍କ ପକ୍ଷେ କଷ୍ଟକର ହୋଇପଡୁଛି । ଖ୍ରୀଷ୍ଟୋ ଛୋଟ ଥିବା ବେଳେ ବାମ ଆଖିର ଡୋଳା ବାହାରିଥିବା ବେଳେ କୁକୁଡା ଡୋଳାକୁ ଖୁମ୍ପି ନଷ୍ଟ କରିଦେବାରୁ ବାମ ଆଖିର ଡୋଳା ଭିତରକୁ ପଶିଯାଇ ଦୃଷ୍ଟିଶକ୍ତି ହରାଇଥିଲା । ଡାହାଣ ଆଖିକୁ ମଧ୍ୟ ଦୂରରୁ ଦେଖାଯାଉନି । ଆଖି ପାଖକୁ ଆଣିଲେ ଅକ୍ଷର ଦେଖାଯାଉଛି । ଏପରି ଦୃଷ୍ଟିଶକ୍ତିର ଅସୁବିଧା ସତ୍ତ୍ୱେ ଉକ୍ତ ଅନାଥ ଭିନ୍ନକ୍ଷମ ଛାତ୍ର ପାଠପଢ଼ିବାକୁ ଇଚ୍ଛୁକ । ହରିଜନ ସମ୍ପ୍ରଦାୟର ଛାତ୍ରର ଦୁଃଖ ବୁଝିବା ପାଇଁ



ପ୍ରଶାସନ, ସେହି ଗ୍ରାମର ୫ ନମ୍ବର ୱାର୍ଡର ୱାର୍ଡ ସଭ୍ୟ ଧନେଶ୍ୱର ନାଗ ଗଣମାଧ୍ୟମକୁ ସୂଚନା ଦେଇ ଏହାର ସମାଧାନ ପ୍ରଶାସନ କରାଇବାକୁ ତୁରନ୍ତ ଦାବି କରିଥିଲେ । ଉକ୍ତ ଛାତ୍ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଡବାଗୁଡାର ଛାତ୍ର । ୨୦୧୭ ମସିହାରୁ ପାସ୍ କରି ଏବେ ଉକ୍‌ତ ଗ୍ରାମରେ ଗାଈ ଜଗି ରହିଥିବା ଦେଖିବାକୁ ମିଳୁଛି । ଭିନ୍ନକ୍ଷମ ଛାତ୍ରଟି ପଢ଼ିବାକୁ ଇଚ୍ଛା କରୁଥିବା ବେଳେ ପ୍ରଶାସନ ଏହି ଗରିବ, ଅନାଥ, ହରିଜନ, ଭିନ୍ନକ୍ଷମ ଛଶତ୍ର ପ୍ରତି ଦୟାକରି କୌଣସି ସରକାରୀ ସଂସ୍ଥାର ଉଚ୍ଚଶିକ୍ଷା ନିମନ୍ତେ ବ୍ୟବସ୍ଥା କରାଇବାକୁ ୱାର୍ଡମେମ୍ବରଙ୍କ ସହ ଗ୍ରାମବାସୀ, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରଶାସନ ନିକଟରେ ଦୃଢ଼ ଦାବି କରିଛନ୍ତି ।



## ବିଜେପିକୁ ଟାର୍ଗେଟ କରୁଛି କଂଗ୍ରେସ



**ଭୁବନେଶ୍ୱର :** ମହାନଦୀ ପ୍ରସଙ୍ଗରେ ରାଜ୍ୟ କଂଗ୍ରେସ ଆଜି ପୁଣିଥରେ ବିଜେପିକୁ ଟାର୍ଗେଟ କରିଛି। ଏହି ସମସ୍ୟାର ସମାଧାନ କରିବା ନେଇ ବିଜେପି ନେତାମାନଙ୍କ ଇଚ୍ଛା ନାହିଁ ବୋଲି ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ କହିଛନ୍ତି। ରୋଷେଇ ଗ୍ୟାସ ଦର ବୃଦ୍ଧି ନେଇ ଅନୁଷ୍ଠିତ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଅବସରରେ ସେ କହିଛନ୍ତି ଯେ ମହାନଦୀ ସମସ୍ୟାର ସମାଧାନ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ରମଣ ସିଂହ ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକାଠି ବସି ମହାନଦୀକୁ ପାଣି ଆସିବା ନେଇ ବ୍ୟବସ୍ଥା କରନ୍ତୁ। ନଦୀର ୫୨ ପ୍ରତିଶତ ପାଣି ସମୁଦ୍ରରେ ମିଶୁଛି। ଏହାର ସଂରକ୍ଷଣ ନେଇ ମଧ କିଛି ବ୍ୟବସ୍ଥା କରାଯିବା ଦରକାର ବୋଲି ସେ କହିଛନ୍ତି। ରାଜ୍ୟର ଅର୍ଦ୍ଧାଧିକ ଜିଲ୍ଲାର ଲୋକେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ମହାନଦୀ ଉପରେ ନିର୍ଭର କରୁଛନ୍ତି। ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ଼ ସରକାର ବନ୍ଧ ବାନ୍ଧି ମହାନଦୀର ପାଣି ଅଟକାଇବା ପରେ ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ଉପରେ ପଡ଼ିଛି। ଜଳସେଚନ ଠାରୁ ଆରମ୍ଭ କରି ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୋଇଛି। ମତ୍ସ୍ୟଜୀବୀମାନଙ୍କ ଜୀବିକା ସଙ୍କଟରେ ରହିଛି। ଏତେସବୁ ସମସ୍ୟା ଦେଖାଦେଇଥିବା ବେଳେ ଏନେଇ ରାଜ୍ୟ ସରକାରଙ୍କର ବିଳମ୍ବରେ ଚେତା ପଶିଛି। ବହୁ ଆଗରୁ ସେଠାରେ ଛତିଶଗଡ଼ ସରକାର ବ୍ୟାରେଜ୍ ନିର୍ମାଣକାର୍ଯ୍ୟ ଆରମ୍ଭ କରିଦେଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ଏନେଇ ନିଘା ନଥିଲା। ତେବେ ମହାନଦୀ ଟ୍ରିବ୍ୟୁନାଲ ଗଠନ ହେବାପରେ ଏନେଇ ରାଜ୍ୟ ସରକାର ସେଠାରେ ନିଜ ଯୁକ୍ତି ସଠିକ୍ ଭାବରେ ଉପସ୍ଥାପନ କରିବା ଦରକାର ବୋଲି ସେ ମତ ଦେଇଛନ୍ତି। ସେହିପରି କେନ୍ଦ୍ର ସରକାର ମଧ ଏହି ପ୍ରସଙ୍ଗରେ ଛତିଶଗଡ଼ ସରକାରଙ୍କୁ ସହାୟତା କରୁଥିବା ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦଳୀୟ ସ୍ୱାର୍ଥରୁ ଉପରକୁ ଉଠି ଏହି ପ୍ରସଙ୍ଗରେ ଓଡ଼ିଶାକୁ ସହାୟତା କରିବା ଦରକାର ବୋଲି ସେ ମତ ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନ୍ୟରାଜ୍ୟରୁ କେନ୍ଦ୍ରରେ ପ୍ରତିନିଧିତ୍ୱ କରୁଥିଲେ ସୁଦ୍ଧା ଜଣେ ଓଡ଼ିଆ ଭାବରେ ମହାନଦୀ ବିବାଦର ସମାଧାନ ନେଇ ତାଙ୍କର ଗୁରୁ ଦାୟିତ୍ୱ ରହିଛି। ତେଣୁ ଏହି ପ୍ରସଙ୍ଗରେ ସେ ତାଙ୍କ ଦଳର ନେତାଙ୍କ ସହିତ ଆଲୋଚନା କରି ଓଡ଼ିଶାକୁ କିଭଳି ପାଣି ମିଳିପାରିବ ସେହି ବ୍ୟବସ୍ଥା କରନ୍ତୁ ବୋଲି ଚିରଞ୍ଜୀବ କହିଛନ୍ତି।

## ସଚେତନ କରୁଛି 'ପରୀ ଏକ୍ସପ୍ରେସ୍'




**ଭୁବନେଶ୍ୱର :** ନାବାଳିକା, ଯୌନ ଶୋଷଣ ଓ ଶିଶୁ ନିର୍ଯାତନା ରୋକିବା ଲକ୍ଷ୍ୟ ନେଇ ସାରା ରାଜ୍ୟରେ ବୁଲୁଛି ପରୀ ଏକ୍ସପ୍ରେସ୍। ଗତ ସୋମବାର ଠାରୁ ଏହି ରଥ ବୁଲିବାର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ପୋଲିସ୍ ଓ ୟୁନିସେଫ୍‌ର ମିଳିତ ଉଦ୍ୟମରେ 'ପରୀ ପାଇଁ କଥାଟିଏ' ସ୍ଲୋଗାନରେ ଆରମ୍ଭ ହୋଇଛି ଏହି କ୍ୟାମ୍ପେନ୍। ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସାରା ରାଜ୍ୟରେ ଆସନ୍ତା ୧୫ଦିନ ପର୍ଯ୍ୟନ୍ତ ଗଡ଼ିବାକୁ ଥିବା ଏହି 'ପରୀ ଏକ୍ସପ୍ରେସ୍' ଗାଡ଼ିକୁ ଜୟଦେବ ଭବନ ନିକଟସ୍ଥ ଟ୍ରାଫିକ୍ ମୁଖ୍ୟ କାର୍ଯ୍ୟାଳୟ ଠାରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହାପରେ ଅନ୍ୟ ଜିଲ୍ଲାରେ ମଧ ଏହି 'ପରୀ ଏକ୍ସପ୍ରେସ୍' ଅଭିଯାନ ଆରମ୍ଭ ହୋଇଛି। ୧୫ଟି 'ପରୀ ଏକ୍ସପ୍ରେସ୍' ୨ଟି ଲେଖାଏଁ ଜିଲ୍ଲାକୁ ଏହି ୧୫ ଦିନରେ ମଧ୍ୟରେ ବୁଲି ଶିଶୁ ଯୌନ ନିର୍ଯାତନା ସୁରକ୍ଷା ସଂକ୍ରାନ୍ତ ବାର୍ତ୍ତା ପ୍ରଚାର କରିବ। ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନାବାଳିକା ଦୁଷ୍କର୍ମ ଭଳି ଜଘନ୍ୟ ଅପରାଧକୁ ରୋକିବା ନିମନ୍ତେ ସଚେତନତା ନିହାତି ଆବଶ୍ୟକ। ଏକ ସଚେତନ ସମାଜ ହିଁ ଶିଶୁଙ୍କୁ ସୁରକ୍ଷିତ ରଖିପାରିବ। ଏହି ଉଦ୍ଦେଶ୍ୟରେ ଏହି 'ପରୀ ଏକ୍ସପ୍ରେସ୍' ସାରା ରାଜ୍ୟରେ ବୁଲିବ। ମୁଖ୍ୟମନ୍ତ୍ରୀ ପ୍ରଚାର ଗାଡ଼ିରେ ସାଧାରଣ ଲୋକଙ୍କୁ ବଣ୍ଟନ ହେବାକୁ ଥିବା ପ୍ରଚାର ପୁସ୍ତିକାକୁ ମଧ ଉନ୍ମୋଚନ କରିଥିଲେ। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ ଯେ ଏହି ଅଭିଯାନ ମାଧମରେ ଶିଶୁ ଯୌନ ନିର୍ଯାତନା ବନ୍ଦ କରିହେବ। ଏହି କାର୍ଯ୍ୟକ୍ରମକୁ ପ୍ରତ୍ୟେକ ଜନସାଧାରଣ ଏକ ସାମାଜିକ ସେବା ଭାବେ ଗ୍ରହଣ କରି ଜନଜାଗରଣ ସୃଷ୍ଟି ପାଇଁ ଡାକ୍ତର ଶର୍ମା ଆହ୍ୱାନ ଦେଇଛନ୍ତି। ଏହି ଅଭିଯାନ ଦ୍ୱାରା ପୋଲିସ୍ ନିକଟରେ ଅଭିଯୋଗ ପଞ୍ଜୀକରଣ ଏବଂ ଶିଶୁ ଯୌନ ନିର୍ଯାତନା ପାଇଁ ରହିଥିବା ବିଭିନ୍ନ ଆଇନଗତ ବ୍ୟବସ୍ଥା ଓ ଦଣ୍ଡବିଧାନ ସମ୍ପର୍କରେ ସମସ୍ତ ବର୍ଗର ଲୋକଙ୍କୁ ସଚେତନ କରାଯିବ। ପ୍ରତ୍ୟେକ ଜିଲ୍ଲାରେ ସ୍ଥାନୀୟ ଏସ୍‌ପି ଏବଂ ଜିଲ୍ଲାପାଳ ଏହି ଅଭିଯାନର ନେତୃତ୍ୱ ନେବେ। 'ପରୀ ଏକ୍ସପ୍ରେସ୍' ଏକ ପୂର୍ବ ନିର୍ଦ୍ଧାରିତ ରୁଟିନ୍‌ରେ ପ୍ରତ୍ୟେକ ଜିଲ୍ଲାର ପ୍ରମୁଖ ସ୍ଥାନ ଗୁଡ଼ିକରେ ପହଞ୍ଚିବ। 'ପରୀ ଏକ୍ସପ୍ରେସ୍' ଅଟକି ରହିବା ସମୟରେ ଜନସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯିବ। ଆସନ୍ତା ୧୨ ତାରିଖରେ ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଭୁବନେଶ୍ୱର ଠାରେ ଆୟୋଜନ କରାଯିବ।



ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ଉତ୍ସବ ଅବସରରେ ସୂଚନା ଓ ଲୋକସମ୍ପର୍କ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ଆଇନ ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ସାଧାରଣ ସମ୍ପାଦକ ଲିଙ୍ଗରାଜ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସାଂସଦ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ଅତିଥି ସାଂସଦ ପ୍ରଶାନ୍ତ ନନ୍ଦ, ସମ୍ମାନିତ ଅତିଥି ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ, ବିଧାୟକ ପ୍ରିୟଦର୍ଶୀ ଏବଂ ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

## କେନ୍ଦ୍ରାପଡାରେ ବିଜେପି ଡୁବିବ

**କେନ୍ଦ୍ରାପଡ଼ା,(ଅନନ୍ତ ଗୋପାଳ ସାହୁ) :** ଧିରେ ଧିରେ ଓଡ଼ିଶାରେ ବିଜେପି ପ୍ରଭାବଶୂନ୍ୟ ହେଉଥିଲା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ଏହା ଡୁବିବ ବୋଲି ଚର୍ଚ୍ଚା ହେଲାଣି। କେନ୍ଦ୍ର ତଥା ରାଜ୍ୟର କର୍ମକର୍ତ୍ତାଙ୍କ ଅଣଦେଖା ହେଉ କିମ୍ବା ଜିଲ୍ଲାକାର୍ଯ୍ୟକର୍ତ୍ତାଙ୍କର ପରିଚାଳନାରେ ତ୍ରୁଟି ହେତୁ ଏଠାରେ ବିଜେପି ଆଗକୁ ବଢ଼ିବାରେ ଅକ୍ଷମ ବୋଲି ରାଜନୈତିକ ମହଲରେ ଶୁଣିବାକୁ ମିଳିଛି। ଗତ ଚାରିବର୍ଷର ଶାସନ ଭିତରେ ଏହି ଜିଲ୍ଲାକୁ କେନ୍ଦ୍ର ଗୁରୁତ୍ୱ ଦେଉ ନଥିବା ବେଳେ ଏଠି ଦଳୀୟ କନ୍ଦଳ ମଧ୍ୟ ମଧ ମୁଖ୍ୟ କାରଣ। ସୂଚନାଯୋଗ୍ୟ, ଏଠାରେ ଦଳୀୟ କନ୍ଦଳ ହେତୁ ପ୍ରଭାବଶାଳୀ ବରିଷ୍ଠନେତା ବିଜୟ ମହାପାତ୍ର କଣଠେସା ହୋଇପଡ଼ିଲେ। ଏଥି ସହିତ ବରିଷ୍ଠନେତା ଦେବଦାସ ମହାନ୍ତିଙ୍କୁ ମଧ ଗୁରୁତ୍ୱ ଦିଆନଯିବା ଯୋଗୁଁ ସେ ଆତ୍ମସମ୍ମାନ ବଞ୍ଚାଇ ବିଜେପିରୁ ଇସ୍ତଫାଦେଇ ବିଜେଡ଼ିରେ ଯୋଗଦେଲେ। ସେହିପରି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ଦିଲ୍ଲୀପ କୁମାର ଦାଶଙ୍କ ସମେତ ଯୁବମୋର୍ଚ୍ଚାର ପଦାଧିକାରୀଗଣ ସେମାନଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ଏହା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ କଟକ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଜିଲ୍ଲା ବିଜେପିରେ ଫାଟ ଦେଖାଦେଇଛି। ଜିଲ୍ଲାର ସମସ୍ତ ମଣ୍ଡଳୀ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀଗଣ ଉକ୍ତ କାର୍ଯ୍ୟକ୍ରମ ନିମନ୍ତେ ଯୁବମୋର୍ଚ୍ଚାର ପୂର୍ବ ପ୍ରସ୍ତୁତିକୁ ସଫଳ କରିବାପାଇଁ ବ୍ୟସ୍ତ ଥିବାବେଳେ ଉକ୍ତ ଦିନ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କର ଦୁର୍ବ୍ୟବହାର ଓ ଅନାବଶ୍ୟକ ଭୂମିକା ଯୋଗୁଁ ଜିଲ୍ଲା ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତାଗଣ ମର୍ମାହତ ହୋଇ ସମୂହ ଇସ୍ତଫା ଦେଇଥିବାର ଶ୍ରୀ ଦାଶ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉକ୍ତ ଗସ୍ତ କାର୍ଯ୍ୟକ୍ରମରେ ଯୋଗଦବା ନିମନ୍ତେ ଜିଲ୍ଲାର ବିଭିନ୍ନ ପଞ୍ଚାୟତରୁ ନିଜର ବାଇକ ସହ ଆସିଥିବା ଅନେକ ଯୁବମୋର୍ଚ୍ଚା କର୍ମୀ ଯିଏକି ଗତ ପଞ୍ଚାୟତ ନିର୍ବାଚନରେ ସଫଳତା ପାଇଁ ଉଦ୍ୟମ କରିଥିଲେ, ସେମାନେ ଅପମାନିତ ହେବାସହ ନାହିଁ ନଥିବା ଅସୁବିଧା ଭୋଗିଥିଲେ। ତେବେ ଏହିଭଳି ଅନେକ ଦଳୀୟ କନ୍ଦଳ ବା ସମସ୍ୟା ଜିଲ୍ଲା ବିଜେପିରେ ରହିଛି। ଯେଉଁଥିପାଇଁ ନିକଟ ଭବିଷ୍ୟତରେ ଆହୁରି ଅନେକ ବିଜେପି କର୍ମୀ ଏହିଦଳକୁ ବାଏ ବାଏ କରିବେ ବୋଲି ମଧ ଶୁଣିବାକୁ ମିଳୁଛି। ତେଣୁ ବିଜେପିର ଉଚ୍ଚସ୍ତରୀୟ କାର୍ଯ୍ୟକର୍ତ୍ତାଗଣ ଏହାର ସଠିକ ତଦନ୍ତ କରିବା ସହ ତୁରନ୍ତ ଏହାର ସମାଧାନ ନକଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜେପି ଡୁବିଯିବ ବୋଲି ରାଜନୈତିକ ପଣ୍ଡିତମାନେ ଗଣନା କରିସାରିଲେଣି।

## ଶ୍ରମ ବିଭାଗ କର୍ମଚାରୀଙ୍କୁ ମାଡ଼; ଥାନାରେ ମାମଲା ରୁଜୁ

**ବାଲେଶ୍ୱର :** ଶ୍ରମିକ କାର୍ଡ଼ ଇସ୍ୟୁ ଘଟଣା ନେଇ ବାଲେଶ୍ୱର ସହକାରୀ ଶ୍ରମ ସଂସ୍ଥାପକ କାର୍ଯ୍ୟାଳୟରେ ଗତ ଗୁରୁବାର କାଳିଆ ନାମକ ଜନୈକ ଯୁବକ ଶ୍ରମ ବିଭାଗ କାର୍ଯ୍ୟାଳୟରେ ପଶି ଡାଟା ଅପରେଟରଙ୍କୁ ଆକ୍ରମଣ କରିଥିବା ନେଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାଯାଇଛି ଯେ, ଏହି ସରକାରୀ କର୍ମଚାରୀ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ଯୁବକ ଜଣକ କାର୍ଯ୍ୟାଳୟ ଭିତରକୁ ପଶିଆସି ଗାଳିଗୁଲଜ କରିବା ସହିତ ଧମକ ଦେଇଥିଲେ। ଘଟଣା ଘଟିବା ବେଳେ ସହକାରୀ ଶ୍ରମ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କେତେକ ଟ୍ରେଡ୍ ୟୁନିଅନ୍‌ର କର୍ମକର୍ତ୍ତା ଅଜୟ ପଢ଼ିଆରୀ, ବେଣୁଧର ମହାନ୍ତି, ହରିହର ମହାପାତ୍ର, ସୋମନାଥ ମଲ୍ଲିକ ଓ ଶଶିକାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଘଟଣା ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧି ଶ୍ରମ ଅଧିକାରୀ କୁବେର ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଉକ୍ତ ଯୁବକଙ୍କ ନାମରେ ପୂର୍ବରୁ ବହୁ ଅଭିଯୋଗ ରହିଛି। ତେବେ ବାହାରର କେତେକ ବ୍ୟକ୍ତି ବାରମ୍ବାର ଏଠାରେ ପଶି ଗଣ୍ଡଗୋଳ ଭିଆଉଥିବା ଯୋଗୁଁ ଶ୍ରମ ଦପ୍ତର ଅସୁରକ୍ଷିତ ହୋଇପଡିଛି।

## ନନ୍ଦନକାନନରେ ମଗର କୁମ୍ଭୀର ଶାବକ ଜନ୍ମ

**ବାରଙ୍ଗ :** ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଏକ ନୂଆ ଅତିଥିର ଆଗମନ ହୋଇଛି। ପ୍ରାଣୀ ଉଦ୍ୟାନର ୪୧ନଂ. ଏନ୍‌କ୍ଲୋଜର ମଗର ପୁଲ୍‌ରେ ଗତ ୮୦ ଦିନ ତଳେ ଏକ ମା' ମଗର କୁମ୍ଭୀର ୫ଟି ଅଣ୍ଡା ଦେଇଥିଲା। ଏଗୁଡ଼ିକୁ ଇନ୍‌କୁଭେଟର ଯନ୍ତ୍ର ମାଧମରେ ରଖାଯାଇ ତୀକ୍ଷ୍ଣ ନଜର ରଖାଯାଇଥିଲା। ୮୦ ଦିନ ପରେ ଅଣ୍ଡାଗୁଡ଼ିକ ମଧ୍ୟରୁ ସର୍ବପ୍ରଥମେ ଗୋଟିଏ ଅଣ୍ଡାରୁ ଛୁଆ ବାହାରିଥିବାରୁ ନନ୍ଦନକାନନ ମଧ୍ୟରେ ଖୁସି ଦେଖିବାକୁ ମିଳିଛି। ବଳକା ୪ଟି ଅଣ୍ଡା ମଧ୍ୟରୁ କ୍ରମାନ୍ୱୟରେ ଛୁଆ ଜନ୍ମ ନେବେ ବୋଲି ଜଣାପଡ଼ିଛି। ବର୍ତ୍ତମାନ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ନବଜନ୍ମିତ ମଗର ଶାବକକୁ ମିଶାଇ ମଗର କୁମ୍ଭୀର ସଂଖ୍ୟା ୭କୁ ବୃଦ୍ଧି ପାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଚିଠି

## 'ଉପସାଗରୀୟ ରାଷ୍ଟ୍ରକୁ ଖାଦ୍ୟ ରପ୍ତାନୀ ଉପରେ ଗୁରୁତ୍ୱ ଦିଅନ୍ତୁ'



**ନୂଆଦିଲ୍ଲୀ,ଭୁବନେଶ୍ୱର :** ଓଡ଼ିଶାରେ ଖାଦ୍ୟ ପ୍ରକ୍ରିୟାକରଣ ଓ ସାମୁଦ୍ରିକ ଉତ୍ପାଦ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦିଅନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟ ନାୟକଙ୍କୁ ଲେଖିଥିବା ଚିଠିରେ ଶ୍ରୀ ପ୍ରଧାନ କହିଛନ୍ତି, ଉପସାଗରୀୟ ରାଷ୍ଟ୍ର ସମୂହରେ ଓଡ଼ିଶାରୁ ଖାଦ୍ୟଦ୍ରବ୍ୟ ରପ୍ତାନୀ କ୍ଷେତ୍ରରେ ବିପୁଳ ସମ୍ଭାବନା ରହିଛି। ଗତ ୟୁଏଇ ଗସ୍ତରେ ସେ ଏ ସମ୍ପର୍କରେ ପୁଞ୍ଜି ନିବେଶକାରୀମାନଙ୍କ ସହ କଥା ହୋଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପ୍ରତ୍ୟକ୍ଷ ସହଯୋଗ ଓ ସହଭାଗିତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଭାରତ ଆମଦାନୀ କରୁଥିବା ଅଶୋଧିତ ତୈଳର ୬୦ ଭାଗ ତୈଳ ଉପସାଗରୀୟ ରାଷ୍ଟ୍ରସମୂହରୁ ଆସୁଛି। ଭାରତର ଶକ୍ତି ସୁରକ୍ଷା ଉପସାଗରୀୟ ରାଷ୍ଟ୍ର ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଏହି ରାଷ୍ଟ୍ରଗୁଡ଼ିକର ଖାଦ୍ୟ ସୁରକ୍ଷାରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଗ୍ରହ ପ୍ରକାଶ କରିଛନ୍ତି। ଚାଷୀର ଆୟକୁ ଦୁଇଗୁଣା କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଉପସାଗରୀୟ ରାଷ୍ଟ୍ର ବିଶେଷ ଭାବରେ ୟୁଏଇ ଭଳି ଦେଶଗୁଡ଼ିକୁ ଖାଦ୍ୟ, ପ୍ରକ୍ରିୟାକରଣ ପରେ ବିଭିନ୍ନ ଖାଦ୍ୟ, କୃଷି ଓ ସାମୁଦ୍ରିକ ଉତ୍ପାଦର ରପ୍ତାନୀକୁ ବହୁ ମାତ୍ରାରେ ବଢ଼ାଯାଇପାରିବ। ୟୁଏଇରେ ୩.୩ ନିୟୁତ ଭାରତୀୟ ବସବାସ କରୁଥିବା ବେଳେ ଏହି ଦେଶର ଖାଦ୍ୟ ଆମଦାନୀର ମାତ୍ର ୧୮ ପ୍ରତିଶତ ଭାରତରୁ ଯାଉଛି। ଏପରିକି ଆମେରିକା, କାନାଡା ଓ ବ୍ରାଜିଲରୁ ଖାଦ୍ୟ ଆମଦାନୀ ଭାରତ ଠାରୁ ଯଥେଷ୍ଟ ଅଧିକ ରହିଛି। ଶ୍ରୀ ପ୍ରଧାନ କହିଛନ୍ତି ଯେ ତାଙ୍କର ୟୁଏଇ ଗସ୍ତ କାଳରେ ଓଡ଼ିଶାର ରପ୍ତାନୀ କ୍ଷମତା ସହିତ ୟୁଏଇ ଓ ଉପସାଗରୀୟ ଦେଶଗୁଡ଼ିକର ଖାଦ୍ୟ ଆବଶ୍ୟକତା ସହିତ ଏକ ସଂଯୋଗ ସ୍ଥାପନା କରିବା ପାଇଁ ସେ ପ୍ରୟାସ କରିଛନ୍ତି। ତାଙ୍କର ୟୁଏଇ ଗସ୍ତ ପୂର୍ବରୁ ଓଡ଼ିଶାର ଶିଳ୍ପ ବିଭାଗ ପ୍ରମୁଖ ସଚିବ ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରିଥିଲେ ବୋଲି ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଉପସାଗରୀୟ ଦେଶଗୁଡ଼ିକର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ପୁଞ୍ଜି ନିବେଶକାରୀଙ୍କ ସାମ୍ନାରେ ଓଡ଼ିଶାର ଏହି କ୍ଷେତ୍ରରେ ଭିତ୍ତିଭୂମି, କୃଷିଜାତ ଦ୍ରବ୍ୟ ତଥା ସାମୁଦ୍ରିକ ଉତ୍ପାଦ କ୍ଷେତ୍ରରେ ଥିବା ସୁବିଧା ସମ୍ପର୍କରେ ଅବଗତ କରାଇଥିବା ଶ୍ରୀ ପ୍ରଧାନ କହିଛନ୍ତି। ବନ୍ଦରନଗରୀ ପାରାଦୀପ ଉପସାଗରୀୟ ଦେଶଗୁଡ଼ିକ ପାଇଁ ଏକ ଖାଦ୍ୟ ପ୍ରକ୍ରିୟାକରଣର ପେଣ୍ଠ କିପରି ହୋଇପାରିବ, ସେ ସମ୍ବନ୍ଧରେ ଅବଗତ କରାଇଥିବା ଶ୍ରୀ ପ୍ରଧାନ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି। ଓଡ଼ିଶାର ବିବିଧ କୃଷି ଜଳବାୟୁ ଥିବା ଅଞ୍ଚଳ, ବିସ୍ତୀର୍ଣ୍ଣ ଜଙ୍ଗଲ, ଜଳ ଉପଲବ୍ଧତା, ଦକ୍ଷତା ସମ୍ପନ୍ନ ମାନବ ସମ୍ବଳ ସହିତ ଅନେକ ନିଜସ୍ୱ ଖାଦ୍ୟ ଉପସାଗରୀୟ ଦେଶରେ ଆଦୃତ ହେବାର ସମ୍ଭାବନା ରହିଛି। ପୁଞ୍ଜିନିବେଶକାରୀଙ୍କ ବୈଠକରେ ଓଡ଼ିଶାର ଉପଲବ୍ଧ ଖାଦ୍ୟ ଚେନ୍ ଓ ପ୍ରକ୍ରିୟାକରଣ ସୁବିଧା ଉପରେ ସେ ଆଲୋକପାତ କରିଥିଲେ। ଓଡ଼ିଶା ବିଶେଷ ଭାବରେ ମୟୁରଭଞ୍ଜର ପତ୍ରଖିଆ ଛେଳିକୁ ନ୍ୟୁଜିଲାଣ୍ଡର ପ୍ରସିଦ୍ଧ ମେଣ୍ଢା ଢାଞ୍ଚାରେ ତଥା ପଶ୍ଚିମ ଓଡ଼ିଶାର ସୁବାସିତ ଚାଉଳ, ଚିଲିକାର ସାମୁଦ୍ରିକ ଉତ୍ପାଦ, ଆମ୍ବ, ସୁବାସିତ ପୁଷ୍ପ, କନ୍ଧମାଳର ହଳଦି, କୋରାପୁଟର ଅଦା ଆଦିର ଉପସାଗରୀୟ ରାଷ୍ଟ୍ରର ଆମଦାନୀ ଉପରେ ଗୁରୁତ୍ୱାରୋପ କରିଥିଲେ ବୋଲି ସେ ଏହି ପତ୍ରରେ ଉଲ୍ଲେଖ କରିଛନ୍ତି।

### ରାଜ୍ୟରେ ଫାଲ୍‌କନ୍ ଫିଡ୍‌ସର ପ୍ରଥମ ପ୍ଲାଣ୍ଟ ସ୍ଥାପନ

## ୫ବର୍ଷରେ ରପ୍ତାନି ଲକ୍ଷ୍ୟ ୨୦ହଜାର କୋଟି

**ଭୁବନେଶ୍ୱର :** ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ଓ ରପ୍ତାନି ଦୃଷ୍ଟିରୁ ଓଡ଼ିଶାରେ ବିପୁଳ ସୁଯୋଗ ଅଛି। କିନ୍ତୁ ଏହି ସୁଯୋଗର ଉପଯୋଗ କରାଯାଉ ନାହିଁ। ଚାହିଦା ଅନୁସାରେ ଉତ୍ପାଦନ ବଢୁ ନ ଥିବାରୁ ରାଜ୍ୟ ରପ୍ତାନି ୨,୧୦୦ କୋଟି ଟଙ୍କାରେ ସୀମିତ ରହିଯାଇଛି। ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ୬,୦୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ରାଜ୍ୟରେ ସୁଯୋଗ ରହିଛି। ଏଥିସହ ଆଗାମୀ ୫ ବର୍ଷ ନିମନ୍ତେ ଖାଦ୍ୟ ରପ୍ତାନି ୨୦,୦୦୦ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଫାଲ୍‌କନ୍ (ଫ୍ରେସ୍) ଫିଡ୍‌ସର ଚିଫ୍ ଅପରେଟିଙ୍ଗ୍ ଅଫିସର ଭି ମାନିକା ଭାସାଗର ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଓଡ଼ିଶାର ସାମୁଦ୍ରିକ ଖାଦ୍ୟ ଉତ୍ପାଦନରେ ରହିଥିବା ସୁଯୋଗକୁ ଦୃଷ୍ଟିରେ ରଖି ଫାଲ୍‌କନ୍ (ଫ୍ରେସ୍) ଫିଡ୍‌ସ ଏଠାରେ ନିଜର ପ୍ରଥମ ପ୍ଲାଣ୍ଟ ସ୍ଥାପନ କରିଛି। ବିଭିନ୍ନ ଉତ୍ସରୁ କଞ୍ଚାମାଲ ଆଣି ଏହି ପ୍ଲାଣ୍ଟରେ ଉଭୟ ଚିଙ୍ଗୁଡ଼ି ଓ ମାଛ ଦାନା ଉତ୍ପାଦନ କରୁଛି। ପୂର୍ବ ଭାରତରେ ଏହା ପ୍ରଥମ ପ୍ଲାଣ୍ଟ ବୋଲି ଶ୍ରୀ ଭାସାଗର ସୂଚନା ଦେଇଛନ୍ତି। ଦେଶରେ ଉତ୍ପାଦନ ହେଉଥିବା ମୋଟ ସାମୁଦ୍ରିକ ଖାଦ୍ୟରେ ଆନ୍ଧ୍ର ପ୍ରଦେଶ ସର୍ବାଧିକ ୬୦ ପ୍ରତିଶତ ଭାଗିଦାର ରହିଛି। ଓଡ଼ିଶା ଓ ପଶ୍ଚିମବଙ୍ଗ ମିଳିତ ଭାବେ ୨୦ ପ୍ରତିଶତ ଅଂଶିଦାର ଥିବା ବେଳେ ତାମିଲନାଡୁ, ଗୁଜରାଟ, କର୍ଣ୍ଣାଟକ ଓ କେରଳ ଭଳି ରାଜ୍ୟ ବଳକା ୨୦ ପ୍ରତିଶତ ଉତ୍ପାଦନ କରୁଛନ୍ତି। ତେଣୁ ଓଡ଼ିଶାରେ ଥିବା ସୁଯୋଗର ଉପଯୋଗ କରାଯାଇ ପାରିଲେ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ଏହାର ଅଂଶ ବଢ଼ିପାରନ୍ତା। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଭାସାଗର କହିଛନ୍ତି, ଓଡ଼ିଶାରେ ଉତ୍ପାଦିତ ହେଉଥିବା ସାମୁଦ୍ରିକ ଖାଦ୍ୟରେ ଚିଙ୍ଗୁଡ଼ିର ଅଂଶ ସର୍ବାଧିକ ୭୦%। ସେହିଭଳି ବର୍ଷକୁ ଯେତିକି ପରିମାଣର ଚିଙ୍ଗୁଡ଼ି ଉତ୍ପାଦନ ହେଉଛି ତାହାର ୯୦% ଆମେରିକା ଭଳି ରାଷ୍ଟ୍ରକୁ ରପ୍ତାନି କରାଯାଉଛି। କାରଣ ଘରୋଇ ବଜାର ତୁଳନାରେ ବିଦେଶରେ ଭଲ ମୂଲ୍ୟ ମିଳୁଛି। ଓଡ଼ିଶାରେ ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ଓ ରପ୍ତାନିରେ ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସର ଅଂଶ ସର୍ବାଧିକ ରହିଛି। ରାଜ୍ୟ ଚିଙ୍ଗୁଡ଼ି ରପ୍ତାନିରେ ଫାଲ୍‌କନ୍‌ର ଅଂଶ ୫୦-୬୦% ରହିଛି। ବର୍ଷକୁ ଏହା ପାଖାପାଖି ୧,୨୦୦ କୋଟି ଟଙ୍କାର ସାମୁଦ୍ରିକ ଖାଦ୍ୟ ରପ୍ତାନି କରୁଛି। ଏମିତି କି ଗତ ଦଶନ୍ଧି ମଧ୍ୟରେ ରାଜ୍ୟର ଏହା ସର୍ବାଧିକ ସାମୁଦ୍ରିକ ଖାଦ୍ୟ ରପ୍ତାନିକାରୀ ବିବେଚିତ ହୋଇଆସୁଥିବା ଶ୍ରୀ ଭାସାଗର ସୂଚନା ଦେଇଛନ୍ତି।


PLOT FOR SALE @ BHUBANESWAR



Yellow Zone, 30ft wide Road
Mouza - Dakhina Mundamuhan
(Near CV Ramana Collage)
100ft Proposed BDA Road
Contact Immediately
8658607286 / 8917571455



30ft Internal Road
Mouza - Pandiapada
Contact Immediately :
8658607286
8917571455



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି